READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ | ସଂଖ୍ୟା-୧୬ | ୨୮ ଏପ୍ରିଲ - ୪ ମଇ, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-16 | 28th APRIL - 4th MAY, 2025 | BHUBANESWAR | ₹ 5/- (8 Pages)

## କିଏ ଚଳାଉଛି ଟିଆରଏଫ୍ ?



**ନୂଆଦିଲ୍ଲୀ :** ଟିଆରଏଫ ହେଉଛି ଲସ୍କର-ଏ-ତୈବାର ଏକ ଶାଖା ସଂଗଠନ। ଯାହା ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନରୁ ପାଉଛି ସହାୟତା। ଭାରତର ସୁରକ୍ଷା ତଥ୍ୟ ଓ ଜାମ୍ମୁକାଶ୍ମୀରରେ ହିଂସା ସୃଷ୍ଟି କରିବାକୁ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ଆର୍ଥିକ ପାଣ୍ଠି ଯୋଗାଇ ଦେଉଛି ଏହି ସଂଗଠନକୁ। ୨୦୧୯ ମସିହାରେ ଜାମ୍ମୁକାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ହେବା ପରେ ଜାମ୍ମୁ କାଶ୍ମୀରରେ ମୁଣ୍ଡ ଟେକିଥିଲା ଟିଆରଏଫ ବା ଦ ରେଜିଷ୍ଟେନସ ଫ୍ରଣ୍ଟ। ଶ୍ରୀନଗରରେ ଜନ୍ମଗ୍ରହଣ କରିଥିବା ଶେଖ ସଜ୍ଜାଦ ଗୁଲ୍ ସୋସିଆଲ ମିଡିଆରେ ଆରମ୍ଭ କରିଥିଲେ ଏହି ସଂଗଠନ। ଅନଲାଇନ୍ ପ୍ଲାଟଫର୍ମରେ ବିଭିନ୍ନ ହିନ୍ଦୁ ବିରୋଧୀ ପୋଷ୍ଟ କରି ମୁସଲମାନ ଯୁବପିଢିଙ୍କ ବ୍ରେନ ୱାସ କରି ସଂଗଠନରେ ସାମିଲ କରାଯାଏ। ସୋସିଆଲ ମିଡିଆ ଫେସବୁକ, ଟେଲିଗ୍ରାମ, ହ୍ୱାଟସଆପ, ଏକ୍ସରେ ବିଭିନ୍ନ ପୋଷ୍ଟ କରି ସଦସ୍ୟ ଯୋଗାଡ କରୁଥିଲା ସଂଗଠନର ମୁଖ୍ୟ ସଜ୍ଜାଦ ଗୁଲ୍। ଆତଙ୍କବାଦୀଙ୍କୁ ନିଯୁକ୍ତି ଦେବା, ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବିଭିନ୍ନ ଦେଶକୁ ଅନୁପ୍ରବେଶ କରାଇବା, ନିଶା ଦ୍ରବ୍ୟ ଚୋରା ଚାଲାଣ କରିବା ଓ ବିଭିନ୍ନ ସୁରକ୍ଷାର ତଥ୍ୟ ସଂଗ୍ରହ କରି ଆଇଏସଆଇକୁ ଦେଇ ପାଏ ମୋଟା ଅଙ୍କର ଟଙ୍କା। ଧର୍ମର ଦ୍ୱାହି ଦେଇ ସୃଷ୍ଟି କରନ୍ତି ଅରାଜକତା। ଏହି ସଂଗଠନ ମୁଖ୍ୟତ କାଶ୍ମୀର ପଣ୍ଡିତ, ହିନ୍ଦୁ, ଶିଖ ଏବଂ ସାଧାରଣ ଲୋକଙ୍କୁ ଅଧିକ ଟାର୍ଗେଟ କରିଥାଏ। ଇସଲାମର ଏମାନେ ଦୃଢ ସମର୍ଥକ ବୋଲି ଦାବି କରନ୍ତି। ୨୦୨୨ ମସିହାରେ ସୁରକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଜମ୍ମୁ ଏବଂ କାଶ୍ମୀରରେ ନିହତ ୧୭୨ ଆତଙ୍କବାଦୀଙ୍କ ମଧ୍ୟରୁ ୧୦୮ ଜଣ ପ୍ରତିରୋଧ ଫ୍ରଣ୍ଟ ସହିତ ଜଡିତ। ➤ ପୃ-୬

### ଦମ ଦେଖାଇବ ହିନ୍ଦୁସ୍ତାନ

## ମାଟିରେ ମିଶିବ ପାକିସ୍ତାନ !



**ନୂଆଦିଲ୍ଲୀ :** ଦମ୍ ଦେଖାଇବ ହିନ୍ଦୁସ୍ତାନ, ମାଟିରେ ମିଶିବ ପାକିସ୍ତାନ। ରଣଭୂମିରେ ସେନାଶକ୍ତିରେ ଅତୁଳନୀୟ ଭାରତ। ରାଫେଲ୍ ଗର୍ଜିବ, ପାକିସ୍ତାନ ହଜିବ। ଭାଙ୍ଗିବ ସରିଫ, ଦର, ଆସିଫ୍ ଓ ମୁନୀରଙ୍କ ମିଛ ଦମ୍ଭ। ଭାରତ ସାଙ୍ଗରେ ଆମେରିକା ସହ ବିଶ୍ୱର ସୁପରପାୱାର। ଆକ୍ସନ ମୋଡରେ ମୋଦି ସରକାର। ପହଲଗାମରେ ନୀରିହ ପର୍ଯ୍ୟଟକଙ୍କ ହତ୍ୟାର ପ୍ରତିଶୋଧ ପାଇଁ କଡ଼ା ଆଭିମୂଖ୍ୟ। କୁଟନୈତିକ ସ୍ତରୀୟ କଠୋର ପଦକ୍ଷେପରେ ୫ ଦିନ ମଧ୍ୟରେ ଶୁଖିଛି ପାକିସ୍ତାନର ଗଳା। ଆକାଶରୁ ଖସି ଭୂଇଁରେ ଗଡୁଛି ପାକ୍ ସେନା। ପହଲଗାମ ଆତଙ୍କୀ ହମଲାକୁ ନେଇ ଭାରତର କଡ଼ା ପଦକ୍ଷେପକୁ ସମର୍ଥନ କରିଛନ୍ତି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ, ଇସ୍ରାଏଲ ପିଏମ ବେଞ୍ଜାମିନ ନେତାନ୍ୟାହୁ ପହଲଗାମ ହମଲାକୁ ନେଇ ପିଏମ ମୋଦିଙ୍କ ସହ କଥା ହେବା ସହ ଆତଙ୍କବାଦ ବିରୋଧରେ ଭାରତ ସହ ସ୍ୱର ମିଳାଇଛନ୍ତି। ଏପଟେ ସମ୍ମୁଖ ଯୁଦ୍ଧ ଆଶଙ୍କାରେ ବିଚଳିତ ପାକିସ୍ତାନ। ମିଛ ଦମ୍ଭ ଦେଖାଉଛନ୍ତି ପାକ୍ ପିଏମ ଶେହେବାଜ ସରିଫ, ଡେପୁଟି ପିଏମ ଇଶାକ ଦର, ଡିଫେନସ୍ ମିନିଷ୍ଟର ଖ୍ୱାଜା ଆସିଫ ଓ ଆର୍ମି ଚିଫ୍ ଅସୀମ ମୁନୀର। ପଠାନକୋଟ, ଉରୀ, ପୁଲୱାମା ଆତଙ୍କୀ ହମଲାର ଜବାବୀ କାର୍ଯ୍ୟାନୁଷ୍ଠାନର କ୍ଷତିଭରଣା ହୋଇନଥିବା ବେଳେ ପହଲଗାମ ଅପରାଧର କ୍ଷତି ହିସାବ କରୁଛି ଆତଙ୍କୀ ଫ୍ୟାକ୍ଟ୍ରି ପାକିସ୍ତାନ। ଲମ୍ବୁଛି କୁଟନୈତିକ ଷ୍ଟ୍ରାଇକ୍ର ତାଲିକା। ଇଣ୍ଡିଆନ ଆର୍ମିର ଗ୍ରାଉଣ୍ଡ ଆଟାକକୁ ନେଇ ପ୍ରମାଦ ଗଣୁଛି ପାକିସ୍ତାନ। ବିଶ୍ୱର ଦ୍ୱିତୀୟ ବୃହତ୍ତମ ମିଲିଟାରୀ ଫୋର୍ସ, ତୃତୀୟ ସର୍ବାଧିକ ଡିଫେନସ୍ ବଜେଟ ବଳରେ ବଳୀୟାନ ଭାରତୀୟ ସେନାର ସିକ୍ରେଟ ପ୍ଲାନ ଉପରୁ ଏଯାଏ ହଟିନି ପରଦା। ଭାରତର ସକ୍ରିୟ ସେନା ସଂଖ୍ୟା ➤ ପୃ-୬

## ଦୂର ହେବ ଶିକ୍ଷକ ସମସ୍ୟା

### ସହରୀ ଶିକ୍ଷକ ଯିବେ ଗାଁ ସ୍କୁଲ



**ଭୁବନେଶ୍ୱର :** ସହରୀ ଶିକ୍ଷକ ଯିବେ ଗାଁ ସ୍କୁଲ। ସହରାଞ୍ଚଳର ବହୁ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଅଧିକ ଶିକ୍ଷକ ଅଛନ୍ତି। କିନ୍ତୁ ଗ୍ରାମାଞ୍ଚଳର ଅନେକ ସ୍କୁଲରେ ଶିକ୍ଷକ ନାହାନ୍ତି। ଏପରିକି ବହୁ ସ୍କୁଲ ଜଣେ ଶିକ୍ଷକରେ ଚାଲୁଛି। ଶିକ୍ଷକ ଦେବାକୁ ସରକାରଙ୍କ ପାଖରେ ଗଦା ଗଦା ଆବେଦନ ଓ ଅଭିଯୋଗ। ➤ ପୃ-୬

**ଏଥର ଜନମତ**

**କ୍ଷମା ପାଇବେ କି ଦାରା ସିଂହ !**

ଶେଷପୃଷ୍ଠା ପଢ଼ନ୍ତୁ ...

### ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ମଧ୍ୟରେ ତିଆରି ହେବ ସମ୍ପର୍କର ସେତୁ

## ଖର୍ଚ୍ଚ ହେବ ୨୭୪ କୋଟି; କମିବ ଦୂରତା



**ଭୁବନେଶ୍ୱର :** ବହୁ ପ୍ରତୀକ୍ଷାର ଘଟିଲା ଅନ୍ତ। ଦୀର୍ଘ ଦିନର ସ୍ୱପ୍ନ ପୂରଣ କରିବାକୁ ଯାଉଛନ୍ତି ବିଜେପି ସରକାର। ବରଗଡ଼ ଜିଲ୍ଲା ଜରୀମୁଲିରୁ ଝାରସୁଗୁଡ଼ା ଜିଲ୍ଲା ପୁଝାରିପାଲିକୁ ଯୋଗାଯୋଗ ପାଇଁ ମହାନଦୀ ଉପରେ ତିଆରି ହେବ ବ୍ରିଜ। ନିକଟରେ ଏହାର ଶିଳାନ୍ୟାସ କରିଛନ୍ତି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ। ବରଗଡ଼ ପୂର୍ବତନ ସାଂସଦ ତଥା ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦ୍ୟମକ୍ରମେ ଏକ ଉଚ୍ଚସ୍ତରୀୟ କମିଟି ଉଭୟ ପୋଲ ଓ ରାସ୍ତା ସମ୍ପର୍କରେ ସର୍ବେକ୍ଷଣ କରିଛନ୍ତି। ୨୭୪ କୋଟି ଟଙ୍କା ବ୍ୟୟରେ ତିଆରି ହେବ ତିନି କିମି ବ୍ରିଜ୍। ଯାହାଦ୍ୱାରା ବ୍ୟବସାୟିକ, ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ଯୋଡି ହେବ। ବରଗଡ଼ ଜିଲ୍ଲା ଓ ଝାରସୁଗୁଡା ଜିଲ୍ଲାକୁ ନେଇ ଗଠିତ ହୋଇଛି ବରଗଡ଼ ସଂସଦୀୟ କ୍ଷେତ୍ର। ମହାନଦୀର ଉଭୟ ପାର୍ଶ୍ୱରେ ଥିବା ଏହି ଦୁଇ ଜିଲ୍ଲା ମଧ୍ୟରେ ଦୂରତା ୧୧୦ କିମି ଅତିକ୍ରମ କରିବାକୁ ପଡେ। ଯାହାକି ବ୍ରିଜ୍ ହେବା ଦ୍ୱାରା ୫୦ କିମି ଦୂରତା କମିଯିବ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ➤ ପୃ-୬

## ସବୁ ପରିସ୍ଥିତିର ମୁକାବିଲା ପାଇଁ ଆମେ ପ୍ରସ୍ତୁତ: ଆଇନ ମନ୍ତ୍ରୀ



**ଭୁବନେଶ୍ୱର :** ନିକଟରେ ପହଲଗାମରେ ମୃତ୍ୟୁର ବିଭୀଷିକା ରଚିଛନ୍ତି ଆତଙ୍କବାଦୀ। ଧର୍ମ ପଚାରି ମାରିଲେ ଗୁଳି। ଏ ହୃଦୟ ବିଦାରକ ଘଟଣା ଛାତି ଥରାଇ ଦେଇଛି ସମସ୍ତଙ୍କର। କି ଦୋଷ କରିଥିଲେ ସେମାନେ ? ସେମାନଙ୍କର ଦୋଷ କେବଳ ଏତିକି ସେମାନେ ହିନ୍ଦୁ ଥିଲେ। ହୋଟେଲର ଘାସ ଗାଲିଚାରେ ପ୍ରକୃତିର ମଜା ନେଉଥାନ୍ତି ପର୍ଯ୍ୟଟକ। କିଏ ଖାଉଥାଏ, କିଏ ଖେଳୁଥାଏ ଆଉ କିଏ ସ୍ମୃତିକୁ ସାଇତି ରଖିବାକୁ କ୍ୟାମେରାରେ କଏଦ କରୁଥାନ୍ତି। ଆଉ ଏତିକି ବେଳେ ହଠାତ୍ ସେନା ଆଉ ପୋଲିସ ପୋଷାକ ବିନ୍ଧି ପ୍ରବେଶ କରନ୍ତି ତିନି ଚାରିଜଣ। ସୁରକ୍ଷା କର୍ମୀ ଭାବି ସମସ୍ତେ ସହଯୋଗ କରନ୍ତି। ପ୍ରଥମେ ସେମାନେ ପର୍ଯ୍ୟଟକଙ୍କ ପରିଚୟ ମାଗନ୍ତି। ଆଉ ଯିଏ ହିନ୍ଦୁ ବୋଲି କୁହନ୍ତି ତାଙ୍କ ଉପରେ କରନ୍ତି ଅତର୍କିତ ଗୁଳି ଚାଳନା। ଘଟଣା ପରର ଭିଡିଓ ସାମ୍ନାକୁ ଆସିବା ପରେ ଯିଏ ଦେଖୁଛି ସିଏ ବିଚଳିତ ହୋଇ ଯାଉଛି। ଜଣେ ବ୍ୟକ୍ତି ଗୁଳିମାଡ଼ ପରେ ତଳେ ପଡ଼ିଛନ୍ତି। କିଛି ଦୂରତାରେ ତାଙ୍କ ପତ୍ନୀ ସାହାଯ୍ୟ ପାଇଁ ନେହୁରା ହେଉଥିବାର ଦୃଶ୍ୟ ସାରା ଦେଶକୁ ସ୍ତବ୍ଧ କରି ଦେଇଛି। ପହଲଗାମ୍ ପର୍ଯ୍ୟଟକଙ୍କୁ ଅତାଙ୍କବାଦି ଗୁଳିକରି ହତ୍ୟା ପରେ ସଜାଗ ଓଡ଼ିଶା ସରକାର। ପହଲଗାମ୍ ଘଟଣାକୁ ନେଇ ➤ ପୃ-୬

## ବିଳମ୍ବ ହୋଇପାରେ +୨ ପରୀକ୍ଷା ଫଳ



**ଭୁବନେଶ୍ୱର :** ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ହେବାରେ ସାମାନ୍ୟ ବିଳମ୍ବ ଘଟି ପାରେ। ଖରା ଯୋଗୁଁ ଅନେ ମୂଲ୍ୟାୟନ କେନ୍ଦ୍ରକୁ ଖାତା ଦେଖିବାକୁ ଆସିପାରୁ ନାହାନ୍ତି ଅଧ୍ୟାପକ। ତେଣୁ ନିର୍ଦ୍ଧାରତି ତାରିଖ ଠାରୁ ଖାତା ଦେଖା ସରିବାରେ ଆହୁରି କିଛି ଦିନ ଲାଗିପାରେ। ସେହି କ୍ରମରେ ନିର୍ଦ୍ଧାରିତ ହୋଇଥିବା ମେ' ୧୫ରେ ବି ଫଳ ପ୍ରକାଶ ନପାଇ ବିଳମ୍ବ ହେବାର ଆଶଙ୍କା ରହିଛି। ଖରା ପାଇଁ ପ୍ରଭାବିତ ହେଉଛି ଯୁକ୍ତଦୁଇ ଖାତାଦେଖା। ନିର୍ଦ୍ଧାରିତ ସମୟରେ ବାହାରି ନପାରେ ରେଜଲ୍ଟ। ଗ୍ରୀଷ୍ମ ପ୍ରବାହ ପାଇଁ ମୂଲ୍ୟାୟନ କେନ୍ଦ୍ର ଆସିପାରୁ ନାହାନ୍ତି ଅଧ୍ୟାପକ। ବଢୁଥିବା ତାପମାତ୍ରା ଯୋଗୁଁ ମାଲକାନଗିରି ଓ ବରଗଡ଼ରେ ମୂଲ୍ୟାୟନ କେନ୍ଦ୍ର ଯିବାରେ ଅଧ୍ୟାପକମାନେ ଅସମର୍ଥ ହେଉଥିବା ଅଭିଯୋଗ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ହସ୍ତଗତ ହୋଇଛି। ଫଳରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ବିଷୟ ଗୁଡ଼ିକର ଇ-ମୂଲ୍ୟାୟନ ପାଇଁ ହୋଇଥିବା ୭୦ଟି କେନ୍ଦ୍ରରେ ମୂଲ୍ୟାୟନ ପ୍ରଭାବିତ ହୋଇଥିଲା। ମାନୁଆଲ୍ ମୂଲ୍ୟାୟନରେ ଚାଲିଥିବା କଳା ଓ ଧନ୍ଦାମୂଳକ ବିଭାଗର ଉତ୍ତର ଖାତାଦେଖା ମଧ୍ୟ ସାମାନ୍ୟ ବିଳମ୍ବ ହୋଇଥିଲା। ପୂର୍ବରୁ ଏପ୍ରିଲ ୨୮ ସୁଦ୍ଧା ଖାତା ଦେଖା ସରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଏବେ ଏହା ଏପ୍ରିଲ ୩୦ରେ ସରିବ। ତା'ପରେ ମେ' ୫ ତାରିଖ ସୁଦ୍ଧା ଅନଲାଇନ ଅପଡେସନ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବିଳମ୍ବ ଯୋଗୁଁ ପରୀକ୍ଷା ଫଳ ପ୍ରକାଶ କରିବାର ➤ ପୃ-୬

## 'ଦକ୍ଷ ଓ ଶୃଙ୍ଖଳିତ ହେବେ ଓଡ଼ିଶା ପୁଲିସ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡିଶାର ପୁଲିସ ବାହିନୀକୁ ଦକ୍ଷ ଓ ଶୃଙ୍ଖଳିତ କରି ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ସେ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟ ପୁଲିସ ବାହିନୀରେ ପ୍ରାୟ ୧୬ ହଜାର ପଦବି ଖାଲି ଥିବାବେଳେ, ଆହୁରି ୧୬,୦୫୯ଟି ନୂଆ ପଦବି ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏସବୁ ପଦବି ପୂରଣ ହେବା ପରେ ରାଜ୍ୟର ଜନସଂଖ୍ୟା ଅନୁପାତରେ ପୁଲିସର ନିୟୋଜନ ଯଥେଷ୍ଟ ବୃଦ୍ଧି ପାଇବ। ଏହାସହିତ ପୁଲିସ ବାହିନୀକୁ ଅଧିକ ଦକ୍ଷ କରିବା ପାଇଁ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ, ସେଠାକାର ପରିଚାଳନା ପଦ୍ଧତିକୁ ଅନୁସରଣ କରିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାମାନଙ୍କୁ ଦକ୍ଷତାର ସହ ଆଗାମୀ ଦିନ ଗୁଡ଼ିକରେ କାର୍ଯ୍ୟ କରିବାକୁ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ସମସ୍ତ ପୁଲିସ ସେବା କର୍ମଚାରୀ ମାନଙ୍କୁ ରାଜ୍ୟବାସୀଙ୍କ ଆଶା ଓ ଭରସାର ମାନ ରଖି ଓଡ଼ିଶାକୁ ଶାନ୍ତି ଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ➤ ପୃ-୬

## ପୁଣି ବିବାଦରେ କୋଟିଆ




**ଭୁବନେଶ୍ୱର :** ପୁଣି ଚର୍ଚ୍ଚାରେ କୋଟିଆ। ଅଭିଯୋଗ ଆସିଛି ଆନ୍ଧ୍ର ପକ୍ଷରୁ ଏବେବି କୋଟିଆକୁ କବଜା ପାଇଁ ଚାଲିଛି ଯୋଜନା। ଏପଟେ ଏହି ବିବାଦର କିଭଳି ସମାଧାନ ହୋଇପାରିବ ସେ ନେଇ ତତ୍ପରତା ଦେଖାଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ କୋଟିଆ ବିବାଦର ସ୍ଥିତିନେଇ କରିଛନ୍ତି ସମୀକ୍ଷା। ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ଭିଡିଓ କନଫରେନ୍ସ ଯୋଗେ କୋରାପୁଟ ଜିଲ୍ଲାପାଳ ମଧ୍ୟ ଉପସ୍ଥିତି ଥିଲେ। ତେବେ ଏହି ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଆନ୍ଧ୍ର ସରକାରଙ୍କ ସହ ଆଲୋଚନା କରିପାରନ୍ତି ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଯଦିଓ ଆନ୍ଧ୍ରରେ ନୂଆ ସରକାର ଆସିବା ପରେ ପୂର୍ବଭଳି ଆଉ ଖୋଲାଖୋଲି ଓଡ଼ିଶା ପ୍ରଶାସନ ସହ ଲଢେଇ ଦେଖିବାକୁ ମିଳୁନାହିଁ। ତେବେ ଆନ୍ଧ୍ରର ପୂର୍ବତନ ଶାସକ ଦଳ ୱାଇଏସଆର କଂଗ୍ରେସ ନେତା କୋଟିଆକୁ ନେଇ ନିଜର ଉଗ୍ର ଆଭିମୁଖ୍ୟ ଜାରି ରଖିଛନ୍ତି। ପୂର୍ବରୁ କୋଟିଆକୁ ବାରମ୍ବାର ଆସି ଯୋରଜବରଦସ୍ତ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଲାଗୁ କରି ବିବାଦକୁ ଆସିଥିଲେ ଆନ୍ଧ୍ରପ୍ରଦେଶର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ସାଲୁର ବିଧାୟକ ପିଡିକା ରାଜନ ଦୋରା। ତେବେ ସରକାରରୁ ଗଲା ପରିବେ ବି ଏବେ ମଧ୍ୟ ସେ କୋଟିଆ ବିରୋଧରେ ଜାରିରଖିଛନ୍ତି ଷଡ଼ଯନ୍ତ୍ର। ଏପରିକି ବର୍ତ୍ତମାନର ଟିଡିପି ସରକାରକୁ କୋଟିଆ ବିରୋଧରେ ଉସୁକାଇବାକୁ ପଛାଉନାହାନ୍ତି। କୋଟିଆ ପଞ୍ଚାୟତ ଧୂଳିପଦର, ନାରେଡିବାଲସା, ତାଡିବାଲସା ଗ୍ରାମପୁଞ୍ଜର କିଛି ଲୋକ ପୂର୍ବତନ ସରପଞ୍ଚ ବିଶୁ ଗେମେଲଙ୍କ ନେତୃତ୍ୱରେ ରାଜନ ଦୋରାଙ୍କୁ ବାସଭବନରେ ଭେଟିଛନ୍ତି। ସେଠାରେ ଆନ୍ଧ୍ରରେ କୋଟିଆ ମିଶିବା ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ସେପଟେ ଆନ୍ଧ୍ର ପ୍ରଶାସନ ପକ୍ଷରୁ କୋଟିଆରେ ବାରମ୍ବାର ଅନୁପ୍ରବେଶ ଜାରି ରହିଛି। ➤ ପୃ-୬

### ବକ୍ରବାଣୀ



କାଶ୍ମୀର ଘାଟିରେ ତାଣ୍ଡବଲୀଳା
ପର୍ଯ୍ୟଟକଙ୍କର ବୁଡ଼ିଲା ଭେଳା
ଏତେ ପର୍ଯ୍ୟଟକ ହେଲେ ଏକାଠି
ପର୍ଯ୍ୟାପ୍ତ ସୁରକ୍ଷା ନ ଥିଲା ସେଠି
ନେତାଟାଏ ଯଦି ପଦାକୁ ଆସେ
ଜେଏଡ୍ ସୁରକ୍ଷା ଘେରିକି ବସେ
କେତେ ସୁରକ୍ଷିତ ଆମ ଜନତା
କାଶ୍ମୀର୍ କଥାରୁ ଲାଗଇ ପତା
ପ୍ରଶ୍ନ ପଚାରିବା ଏଇଠି ମନା
ଉଡ଼ାଅ ନେତାଙ୍କ ଗୌରବ ବାନା।

—ଟୁଟୁ

## ଗ୍ରାମାଞ୍ଚଳର ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଆମ ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି। ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗାଁରେ ବସବାସ କରନ୍ତି। ତେଣୁ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ୧୯୯୩ ମସିହା ଅପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପବ୍ଲିକ ପରିବର୍ତ୍ତନ ଅଣାଯାଇଥିଲା। ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ। ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି। ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢତାର ସହ କାମ କରୁଛି। ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମ ପଞ୍ଚାୟତ ସର୍ବ ଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ଅଟେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର ହୋଇ କାମ କରୁଛନ୍ତି। ଗତ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତିରାଜ ବ୍ୟବସ୍ଥା ଅନେକ ଜାତୀୟ ସ୍ତରୀୟ ଓ ରାଜ୍ୟ ସ୍ତରୀୟ ନେତୃତ୍ୱକୁ ଜନ୍ମ ଦେଇଛି। ଉଦାହରଣ ସ୍ୱରୂପ ସେ ନିଜେ ମଧ୍ୟ ୧୯୯୭ ମସିହାର ପଞ୍ଚାୟତ ପ୍ରତିନିଧି ଭାବେ ଜନସେବାରେ ଯୋଗ ଦେଇଛନ୍ତି ବୋଲି କହିଥିଲେ। ପଞ୍ଚାୟତ ସ୍ତରରୁ ପ୍ରତିନିଧି ଭାବେ ଆସିଥିବା ଜନପ୍ରତିନିଧିମାନେ ତୃଣମୂଳ ସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଞ୍ଚାୟତ ସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି। ବିଗତ ଅଢେଇ ଦଶନ୍ଧିରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଗ୍ରାମସଭା ଓ ପଲ୍ଲିସଭାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରି ଦିଆଯାଇଥିଲା। ଆମ ସରକାର ବ୍ୟବସ୍ଥା କରିଛନ୍ତି ଗ୍ରାମସଭା ଓ ପଲ୍ଲିସଭାରେ ଗ୍ରାମବାସୀ ହିଁ ନିଷ୍ପତ୍ତି ନେବେ ଗାଁର ଉନ୍ନତି ପାଇଁ। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** — ସପ୍ତାହର ପ୍ରଥମାର୍ଦ୍ଧ ଅତି ସୁଖମୟ। କଠିନ ପରିଶ୍ରମ କରିବେ। ପାରିବାରିକ ଶାନ୍ତି ପାଇବେ। ଆୟ ବଢ଼ିବ। ସନ୍ତନ ସମ୍ବନ୍ଧୀୟ ଶୁଭ ଖବର ପାଇଷବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିଦେଶ ଭ୍ରମଣ ଯୋଗ ରହିଛି। ଗାଡି କ୍ରୟ କରିପାରନ୍ତି।

**ବୃଷ** — ପରିବାରରେ ସୁଖ ପାଇଁ ଖର୍ଚ୍ଚ କରିବେ। ବାହାନ କ୍ରୟ କରିପାରନ୍ତି। ଆର୍ଥିକ ସ୍ଥିତି ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ଛାତ୍ରମାନେ ନୂଆ ମାର୍ଗ ପାଇବେ। ପ୍ରେମୀମାନେ ଆକର୍ଷିତ ହେବେ। ନୂତନ ଜାଗା କ୍ରୟ କରିପାରନ୍ତି।

**ମିଥୁନ** — ବ୍ୟବସାୟରେ ନୂଆ ଦିଗ ପାଇବେ। ନୂଆ ଯୋଜନାରେ ବ୍ୟୟ ହେବ। ସମ୍ମାନ ପ୍ରାପ୍ତି ଯୋଗ ଅଛି। ଚାକିରୀ କ୍ଷେତ୍ରରେ ପରିବର୍ତ୍ତନ ଯୋଗ ଅଛି। ପ୍ରତିକାର : ନିଜର ଇଷ୍ଟଙ୍କୁ ଲଡୁ ଭୋଗ କରନ୍ତୁ।

**କର୍କଟ** — ମିଶ୍ରିତ ଫଳ ପାଇବେ। ବ୍ୟସ୍ତ ରହିବେ। ଅନ୍ୟର ସହଯୋଗ ପାଇବେ। ମନ ଚଞ୍ଚଳ ରହିବ। ଖର୍ଚ୍ଚ ପାଇଁ ଡରନ୍ତୁ ନାହିଁ। କାରଣ ତାହା ଆପଣଙ୍କୁ ଲାଭ ଦେବ। ପ୍ରତିକାର : ଘରୁ ବାହାରକୁ ଗଲା ବେଳେ ମହୁ ଖାଇ ଯାଆନ୍ତୁ।

**ସିଂହ** — ରୋକିଥିବା ଧନ ପ୍ରାପ୍ତି ଯୋଗ ଅଛି। ଯାତ୍ରା ଯୋଗ ଅଛି। ନୂଆ ଲୋକଙ୍କ ସହ ସମ୍ପର୍କ ବଢ଼ିବ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ପ୍ରତିକାର : ପ୍ରତ୍ୟହ ହନୁମାନ ଚାଳିସା ପାଠ କରନ୍ତୁ।

**କନ୍ୟା** — ମନ ସ୍ଥିର ରଖନ୍ତୁ। ପ୍ରଗତି ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ଅଳ୍ପ ପରିଶ୍ରମରେ ଅଧିକ ଫଳ ପ୍ରାପ୍ତି ଯୋଗ ଅଛି। ଖର୍ଚ୍ଚରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ସହ ଭଲ ସମୟ କଟିବ। ପ୍ରତିକାର : ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** — ନିଶା ଦ୍ରବ୍ୟରୁ ଦୂରେଇ ରହନ୍ତୁ। ସ୍ୱାସ୍ଥ୍ୟ ଓ ମନ ବିଗିଡ଼ିପାରେ। ଧନଲାଭ ଯୋଗ ଅଛି। ପରିବାର ବିବାଦ ହୋଇପାରେ। ଶାନ୍ତି ରହନ୍ତୁ। ଶିକ୍ଷାରେ ପ୍ରତିବନ୍ଧକ ଦୂର ହେବ। ପ୍ରତିକାର : ପ୍ରତିଦିନ ୩୩ଥର ମହାଲକ୍ଷ୍ମୀଙ୍କ ନାମ ଜପନ୍ତୁ।

**ବିଛା** — ମନର ଅସ୍ଥିରତା ଦୂର ପାଇଁ ପରିବାର ଓ ବନ୍ଧୁଙ୍କ ସହ କିଛି ସମୟ କାଟନ୍ତୁ। ସୁଷମ ଖାଦ୍ୟ ଖାଆନ୍ତୁ। ନିବେଶ ପାଇଁ ସମୟ ଅନୁକୂଳ। କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ। ପ୍ରତିକାର : ପ୍ରତିଦିନ ଦୁର୍ଗା ଚାଳିଶା ପଢ଼ନ୍ତୁ।

**ଧନୁ** — ଖାଦ୍ୟରେ ସନ୍ତୁଳନ ରଖନ୍ତୁ। ଭ୍ରମଣରେ ଯାଇପାରନ୍ତି। ଖର୍ଚ୍ଚରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ବୋଝ ବଢ଼ିବ। କିନ୍ତୁ ସଫଳତା ପାଇବେ। ଛାତ୍ରମାନେ ଅଳସୁଆ ହେବେ। ପ୍ରତିକାର : ୧୧ଥର ଓଁ ଦୂର୍ଗାଳୟ ନମଃ ଜପ କରନ୍ତୁ।

**ମକର** — ମାନସିକ ଅସ୍ଥିରତା ରହିବ। କାର୍ଯ୍ୟ କ୍ଷେତ୍ରରେ ସମ୍ପର୍କୀୟ ଯାତ୍ରା ଯୋଗ ଅଛି। ନିବେଶରେ ଧନ ଲଗାନ୍ତୁ ନାହିଁ। ନିଜ ଲୋକ ଆପଣଙ୍କୁ ବୁଝିବେ ନାହିଁ। ପ୍ରତିକାର : ୪୪ଥର ଓଁ ନମଃ ଶିବାୟ ଜପ କରନ୍ତୁ।

**କୁମ୍ଭ** — ରକ୍ତଚାପ ବଢ଼ିବ। ବାଣୀରେ ଲଗାମ ଦିଅନ୍ତୁ। ପିତାମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପରିବାରରେ ଶୁଭ ଖବର ପାଇଷବ। ଦୂରଯାତ୍ରା ଯୋଗ ଅଛି। ଦୂରରେ ରହୁଥିବା ଛାତ୍ରଙ୍କ ପରିବାରରୁ ହଠାତ୍ କିଛି ଖବର ପାଇବେ। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ପ୍ରତ୍ୟହ ୨୧ଥର ଜପନ୍ତୁ।


**ମୀନ** — ମନ ଅସ୍ଥିର ରହିବ। ନୂଆ ଆର୍ଥିକ ନିଷ୍ପତ୍ତି ନିଅନ୍ତୁ। ପୁରୁଣା ସମ୍ପର୍କ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ଅନୁକୂଳ ସ୍ଥିତି ସୃଷ୍ଟି ହେବ। ଛାତ୍ରମାନେ ଉଚ୍ଚଶିକ୍ଷାର ସୁଯୋଗ ପାଇବେ। ପ୍ରତିକାର : ଶନିବାରରେ ଭଗବାନ ଶନିଙ୍କ ଆଗରେ ଯଜ୍ଞ କରନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଭୟଙ୍କର ଭବିଷ୍ୟବାଣୀ

# ୨୧୭୦ ମସିହାରେ ସବୁଜ ଭୂମି ପାଲଟିବ ମରୁଭୂମି

**ନୂଆଦିଲ୍ଲୀ :** ଡରାଉଛି ଭବିଷ୍ୟବାଣୀ। ଗୋଟିଏ ପରେ ଗୋଟିଏ ହେଉଛି ସତ ପ୍ରମାଣିତ। ଆଗକୁ ବିଶ୍ୱକୁ ମାଡି ଆସୁଛି ବିପଦ। ଆଉ ମାତ୍ର ୧୪୫ ବର୍ଷ ବାକି ଅଛି। ୨୧୭୦ ମସିହାରେ ସବୁଜ ଭୂମି ପାଲଟିବ ମରୁଭୂମି। ଆଉ ମିଳିବନି ପାଣି। ପୁରା ଶୁଖିଯିବ ପୃଥିବୀ। ଏପରି କିଛି ଭବିଷ୍ୟବାଣୀ କରିଛନ୍ତି ବୁଲଗେରିଆର ଦୃଷ୍ଟିହୀନ ବାବା ଭେଙ୍ଗା। ତାଙ୍କର ପୂର୍ବରୁ ଅନେକ ଭବିଷ୍ୟବାଣୀ ହୋଇଛି ସତ ପ୍ରମାଣିତ। ସେ ପୂର୍ବରୁ ଅନେକ ଭବିଷ୍ୟବାଣୀ କରିଛନ୍ତି। ଯାହା ସମୟ ସହିତ ସତ ହେଉଛି। ଯେପରି କରୋନା ମହାମାରୀ ଏବଂ ୯/୧୧ ଆକ୍ରମଣ। ଯେଉଁଥିପାଇଁ ଆଗାମୀ ବର୍ଷର ଭବିଷ୍ୟବାଣୀ ସତ ହେବା ନେଇ ଆସୁଛି ବିଶ୍ୱାସ। ବାବା ଭେଙ୍ଗାଙ୍କର ଭବିଷ୍ୟବାଣୀର କୌଣସି ବୈଜ୍ଞାନିକ ତଥ୍ୟ ନଥାଏ। କିନ୍ତୁ ଏହାପରେ ମଧ୍ୟ ସେ କରିଥିବା ଭବିଷ୍ୟବାଣୀକୁ ମଧ୍ୟ ଅସ୍ୱୀକାର କରାଯାଇପାରିବନି। ଡବ୍ଲୁଡବ୍ଲୁଏଫ୍‌ର ରିପୋର୍ଟ ଅନୁଯାୟୀ ପୃଥିବୀକୁ ଘେରି ରହିଛି ୭୦ ପ୍ରତିଶତ ଭାଗ ପାଣି। କିନ୍ତୁ ଏଥିରୁ ପିଇବା ପାଣି କେବଳ ୩ ପ୍ରତିଶତ ରହିଛି। ଏଥିରୁ ଦୁଇତୃତୀୟାଂଶ ଅଂଶ ଗ୍ଲାସିୟର୍ ରୂପରେ ଜମି ରହିଛି। ଏପରି ଭାବେ ବାକି ୬୭ ପ୍ରତିଶତ ପାଣି ସମୁଦ୍ରରେ ରହିଛି। ଯାହା ଲୁଣିଆ ପାଣି। ଦୁନିଆରେ ପାଖାପାଖି ୧୧୦ କୋଟି ଲୋକ ଜଳ ଅଭାବର ସମ୍ମୁଖୀନ




ହେଉଛନ୍ତି। ବର୍ଷକୁ ଅତି କମରେ ଗୋଟିଏ ମାସ ପାଇଁ ମୋଟ ୨୭ କୋଟି ଲୋକ ଜଳ ଅଭାବର ସମ୍ମୁଖୀନ ହୁଅନ୍ତି। ସ୍ୱଚ୍ଛ ପାଣି ଅଭାବରୁ ୨୪ କୋଟି ଲୋକ କଲେରା ଏବଂ ଟାଇଫଏଡ୍ ଭଳି ରୋଗରେ ପୀଡିତ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀରେ ଦେଖାଦେଇଛି ଜଳର ଅଭାବ। ଏହି କାରଣରୁ ଭବିଷ୍ୟତରେ ସତ ହୋଇପାରେ ବାବା ଭାଙ୍ଗଙ୍କ ଭବିଷ୍ୟବାଣୀ। ବାବା ଭେଙ୍ଗା ୧୯୧୧ ମସିହାରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ବହୁତ କମ୍ ବୟସରେ ସେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ଯେଉଁଥିରେ ତାଙ୍କର ଦୁଇଟି ଆଖି ହରାଇଥିଲେ। ଏହା ପରେ ସେ ଭବିଷ୍ୟବାଣୀ ଦେଖିବାର ଶକ୍ତି ପାଇଥିଲେ। ଆଉ କରିଥିଲେ ଅନେକ ଭବିଷ୍ୟବାଣୀ। ଯାହା ସତ ପ୍ରମାଣିତ ହେଉଛି। ବାବା ଭେଙ୍ଗାଙ୍କ ମୃତ୍ୟୁ ହୋଇସାରିଛି। ସେ ୧୯୯୬ ମସିହାରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ତାଙ୍କ ମୃତ୍ୟୁ ପରେ ମଧ୍ୟ ଏବେ ବି ଲୋକମାନେ ତାଙ୍କ ଭବିଷ୍ୟବାଣୀରେ ଆଗ୍ରହୀ।

### ମହଙ୍ଗା ପଡିଲା ସୁରକ୍ଷା ଅଣଦେଖା

# ସାଢେ ୫ କିଲୋମିଟର ପର୍ଯ୍ୟନ୍ତ ନଥିଲା ପୋଲିସ ପିକେଟିଂ !

**ନୂଆଦିଲ୍ଲୀ :** ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ହେବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ପର୍ଯ୍ୟାପ୍ତ ନ ଥିଲା ଜମ୍ମୁ-କାଶ୍ମୀରର 'ମିନି-ସ୍ୱିଜରଲ୍ୟାଣ୍ଡ' କୁହାଯାଉଥିବା ପହଲଗାମ୍‌ରେ। ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ସତ୍ତ୍ୱେ ପହଲଗାମ୍-ବୈସରନ୍ ମାର୍ଗରେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିଲା। ରିପୋର୍ଟ ଅନୁସାରେ, ସାଢ଼େ ୫ କିମି ରାସ୍ତାରେ ଗୋଟିଏ ହେଲେ ପୁଲିସ ପିକେଟିଂ ନ ଥିଲା। ଦୁର୍ଗମ, ପାହାଡ଼ିଆ ଏବଂ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ଏଠାରେ ଆକ୍ରମଣ କରିବା ସହଜ ବୋଲି ଜାଣିନେଇଥିଲେ ଆତଙ୍କୀ। ଫଳରେ ଆକ୍ରମଣବେଳେ ସେମାନଙ୍କୁ ସେନାର ଭୟ ଘାରି ନ ଥିଲା ଏବଂ ନରସଂହାର ପରେ ସେଠାରୁ ଖସିଯିବାରେ ସେମାନେ ସଫଳ ହୋଇଥିଲେ। ପୂର୍ବରୁ ଏହି ପର୍ଯ୍ୟଟନସ୍ଥଳରେ ସୁରକ୍ଷାରେ ଥିବା ଗ୍ୟାପ୍ ବା ବ୍ୟବଧାନକୁ ନେଇ ଚିନ୍ତା ପ୍ରକଟ ହୋଇଥିଲେ ହେଁ ପହଲଗାମ୍ ଆକ୍ରମଣ ପରେ ସେଠାରେ ସୁରକ୍ଷାର ଖାଲିସ୍ଥାନକୁ ପୂରଣ କରିବା ଲାଗି ଏବେ ତତ୍ପର ହୋଇଛି ସେନା। ରିପୋର୍ଟ ଅନୁସାରେ, ଏହି ପାର୍ବତ୍ୟାଞ୍ଚଳରେ ସେନା ଏବଂ ଅର୍ଦ୍ଧସାମରିକ ବାହିନୀର ଯବାନଙ୍କ ସ୍ଥାୟୀ ଉପସ୍ଥିତି ପାଇଁ ଭାରତୀୟ ସେନା ରଣନୀତି ପ୍ରସ୍ତୁତ କରୁଛି। ଏଥିସହ ଆଗକୁ ଅମରନାଥ ଯାତ୍ରାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ମୁତୟନକୁ ନୂଆ କରି ଅବସ୍ଥାପନ କରିବା ଜରୁରି ବୋଲି ସୁରକ୍ଷା ଏଜେନ୍ସି ଅଧିକାରୀମାନେ ଗୁରୁତ୍ୱ ଦେଇଛନ୍ତି। ପ୍ରକାଶଥାଉ କି, ଆସନ୍ତା ଜୁଲାଇ ୩ରେ ଅମରନାଥ ଯାତ୍ରା ଆରମ୍ଭ ହେବ। ଏବେ ଘନ ଜଙ୍ଗଲ ଘେରା ବୈସରନ




ଉପତ୍ୟକାର ଘାସ ମଇଦାନ ଆଖପାଖରେ ସୁରକ୍ଷା କର୍ମଚାରୀଙ୍କ ଅଭାବ ରହିଛି। ନିକଟରେ କେବଳ ରାଷ୍ଟ୍ରୀୟ ରାଇଫଲ୍ସ (ଆରଆର)ର ତୃତୀୟ ବାଟାଲିୟନର ଗୋଟିଏ ୟୁନିଟ୍ ଏବଂ କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍)ର ୧୧୬ତମ ବାଟାଲିୟନର ଗୋଟିଏ କମ୍ପାନୀ ରହିଛି। ଏହି ଯବାନଙ୍କୁ ବୈସରନ ଅଞ୍ଚଳରେ ପହଞ୍ଚିବା ଲାଗି ବେଶ୍ ସମୟ ଲାଗିଥାଏ। କାରଣ ପହଲଗାମ୍ ଯବାନଙ୍କ ପୋଷ୍ଟଠାରୁ ପ୍ରାୟ ୧୦ରୁ ୧୧ କିମି ଦୂରରେ ରହିଥିବା ବେଳେ ସେଠାକୁ କେବଳ ଚାଲିଚାଲି କିମ୍ବା ଖଚର ମାଧ୍ୟମରେ ଯାଇହୋଇଥାଏ। ସାଧାରଣତଃ ସୁରକ୍ଷା ବାହିନୀ କାଶ୍ମୀର ଉପତ୍ୟକାରେ ଚେକପୋଷ୍ଟ ସ୍ଥାପନ କରି ପର୍ବତ ଶିଖରରେ ପାଟ୍ରୋଲିଂ କରିଥାନ୍ତି। ଚେକ୍‌ପୋଷ୍ଟରୁ ବିଭିନ୍ନ ସ୍ଥାନକୁ ପହଞ୍ଚିବାକୁ ବ୍ୟବସ୍ଥା କରାଯାଏ। କିନ୍ତୁ ପହଲଗାମ୍ ଘଟଣା ପରେ ସୁରକ୍ଷା ଏଜେନ୍ସି ଏଣିକି ସୈନିକଙ୍କ ପୁନଃ ମୁତୟନ ଲାଗି ରଣନୀତି ବନାଉଛି, ଯାହା ଫଳରେ ବୈସରନ ଘାଟି ଏବଂ ଏହାର ଆଖପାଖ ଅଞ୍ଚଳରେ ସମ୍ଭାବିତ ଆତଙ୍କବାଦୀଙ୍କ ଗତିବିଧି ଉପରେ ନଜର ରଖାଯିବା ସହ ବନକ୍ଷେତ୍ରକୁ ସୁରକ୍ଷିତ କରାଯାଇପାରିବ।

# ନୋଟା ଏକ ଅସଫଳ ଉପାୟ : ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** 'ନୋଟା' ଏକ ଅସଫଳ ଉପାୟ। ନିର୍ବାଚନରେ ଏହାର କୌଣସି ପ୍ରଭାବ ପକାଉନାହିଁ। ତେଣୁ ଏହାକୁ ତୁରନ୍ତ ନିର୍ବାଶିତ କରାଯାଉ। ଗୁରୁବାର ଦିନ ସୁପ୍ରିମକୋର୍ଟରେ ଏକ ପିଆଇଏଲ୍‌ର ଶୁଣାଣି ବେଳେ ଏପରି ତଥ୍ୟ ରଖିଛନ୍ତି ନିର୍ବାଚନ କମିଶନର ଏବଂ କେନ୍ଦ୍ର ସରକାର। ୨୦୨୪ ମସିହାରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଯେଉଁଥିରେ ୧୯୫୧ର ଧାରା (୨)କୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଧାରାରେ ଯେତେବେଳେ କୌଣସି ଜଣେ ପ୍ରତ୍ୟାଷୀ ନିର୍ବାଚନ ମୈଦାନରେ ଥାନ୍ତି। ସେତେବେଳେ ତାଙ୍କୁ ନିର୍ବିରୋଧରେ ନିର୍ବାଚିତ କରାଯାଏ। ଏହା ମାମଲାରେ କୁହାଯାଇଛି କି ଲୋକଙ୍କ ପାଖରେ ଏବେ ନୋଟାର ବିକଳ୍ପ ରହିଛି। ଯଦି ନୋଟାରେ ଅଧିକ ଭୋଟ ପଡିଛି , ତେବେ ଅଧିକ ଭୋଟର ବ୍ୟବସ୍ଥା ରହିଛି। ତାପରେ ବି ଲୋକମାନଙ୍କୁ ମତଦାନର ଅଧିକାରକୁ ବଞ୍ଚିତ ନକରାଯିବ। ସେପଟେ ଏହି ମାମଲାରେ ରହିଥିବା ଦାବିକୁ ବିରୋଧ କରିଥିଲେ ନିର୍ବାଚନ କମିଶନ। ନିର୍ବାଚନ ଆୟୋଗ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ ଯେ, ନୋଟା ଏକ ବିଫଳ ପ୍ରୟାସ। ସେ ଆଗକୁ ମଧ୍ୟ କହିଥିଲେ ଯେ, ଇତିହାସରେ ୯ ଜଣ ଲୋକସଭାକୁ ନିର୍ବିରୋଧରେ ନିର୍ବାଚିତ ହୋଇଛନ୍ତି। ଯାହାର ଜବାବରେ ଆବେଦନକାରୀ କହିଥିଲେ କି, ବିଧାନସଭାରେ ଲୋକମାନେ ଏପରି ନିର୍ବାଚିତ ହେଉଛନ୍ତି। ମାମଲାର ଶୁଣାଣି କରୁଥିବା ଦୁଇ ଜଣିଆ ଜଜ୍ ( ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ୍ କୋଟିଶ୍ୱର)ଙ୍କ ବେଞ୍ଚ ମଧ୍ୟ ଆବେଦାନକାରୀଙ୍କ ଦ୍ୱାରା ଉଠାଯାଇଥିବା ଆଶଙ୍କାକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଯଦି କୌଣସି ପ୍ରାର୍ଥୀଙ୍କ ଚାପ ଲାଗି ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ନକରନ୍ତି। ତେବେ ଲୋକଙ୍କୁ ଭୋଟ୍ ଦେବାର ସୁଯୋଗ ମିଳିବନାହିଁ। ଏକମାତ୍ର ପ୍ରାର୍ଥୀ ଭାବେ ସେହି ଲୋକ ବିଜୟୀ ହେବ। ସେହିପରି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଭାରତ ଏକ ଶକ୍ତିଶାଳୀ ଏବଂ ଗଣତାନ୍ତ୍ରିକ ଦେଶ। ଏପରି ସ୍ଥିତିରେ ଜଣେ ପ୍ରାର୍ଥୀଙ୍କୁ କେତେ ସମର୍ଥନ ମିଳୁଛି। ତାହା ମଧ୍ୟ ଦେଖିବାକୁ ପଡିବ। କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି କାହାକୁ ୧୦ ପ୍ରତିଶତ ଲୋକ ଭୋଟ ଦେଉନାହାନ୍ତି। ତେବେ ତାଙ୍କୁ ସଂସଦ ପଠାଇବ କଣ ଠିକ୍ ହେବ। ଏହା ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦଲିଲ୍ ରଖାଯାଇଥିଲା ଯେ, କୋର୍ଟ ନୂଆ ଆଇନ୍ କରିପାରିବେ ନାହିଁ। ଏଥିପାଇଁ ନୂଆ ବ୍ୟବସ୍ଥା କରିବାକୁ ପଡିବ। ଯେଉଁଥିରେ ସଂସଦର ଅନେକ ଲୋକଙ୍କ ରାୟ ନେଇ ଆଇନ୍ରେ ପରିବର୍ତ୍ତନ କରିବାକୁ ପଡିବ।

# ୪୧ ଦେଶକୁ ୯୦ ଦିନର ଭିସା ମୁକ୍ତ ପ୍ରବେଶ ସୁବିଧା ଦେଲା ଆମେରିକା


**ନୂଆଦିଲ୍ଲୀ :** ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସମୟରେ ଆମେରିକାର କଠୋର ଭିସା ନୀତି ମଧ୍ୟରେ ୪୧ଟି ଦେଶର ନାଗରିକଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ୟୁଏସ୍ ଭିସା ଛାଡ଼ କାର୍ଯ୍ୟକ୍ରମ ଯୋଗୁଁ ଏହି ଦେଶଗୁଡ଼ିକର ଯୋଗ୍ୟ ଯାତ୍ରୀମାନେ ବିନା ଭିସାରେ ୯୦ ଦିନ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ କରିପାରିବେ। ଭିସା ଛାଡ଼ କାର୍ଯ୍ୟକ୍ରମରେ ଅନେକ କ୍ଷୁଦ୍ରକାଳୀନ ଯାତ୍ରା ଉଦ୍ଦେଶ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି। ସେଗୁଡ଼ିକ ମଧ୍ୟରେ ପର୍ଯ୍ୟଟନ, ଛୁଟି, ଡାକ୍ତରୀ ପରିଦର୍ଶନ, ବନ୍ଧୁ କିମ୍ବା ପରିବାରକୁ




ଦେଖିବା, ସମ୍ମିଳନୀ କିମ୍ବା ବୃତ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେବା, ବେତନପ୍ରାପ୍ତ ସ୍ୱଳ୍ପକାଳୀନ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିବା ଏବଂ ବ୍ୟବସାୟିକ ଚୁକ୍ତି କରିବା ଅନ୍ତର୍ଭୁକ୍ତ। ଇଂଲଣ୍ଡ, ଆଣ୍ଡୋରା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବେଲଜିୟମ, ବ୍ରୁନେଇ, ଚିଲି, କ୍ରୋଏସିଆ, ଚେକ୍ ରିପବ୍ଲିକ, ଡେନମାର୍କ, ଇଷ୍ଟୋନିଆ, ଫିନଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଗ୍ରୀସ, ହଙ୍ଗେରୀ, ଆଇସଲାଣ୍ଡ, ଇସ୍ରାଏଲ, ଆୟର୍ଲାଣ୍ଡ, ଇଟାଲୀ, ଜାପାନ, ଲାଟଭିଆ, ଲିଚଟେନଷ୍ଟାଇନ, ଲିଥୁଆନିଆ, ଲକ୍ସେମବର୍ଗ, ମାଲ୍ଟା, ମୋନାକୋ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ନରୱେ, ପୋଲାଣ୍ଡ, ପର୍ତ୍ତୁଗାଲ, କାତାର, କୋରିଆ ରିପବ୍ଲିକ୍ରୋ ଓ ମାନିଆକୁ ୯୦ ଦିନର ଭିସା ମୁକ୍ତ ସୁବିଧା ପ୍ରଦାନ କରାଯାଇଛି। ତେବେ ଭାରତ ଏହି ତାଲିକାରେ ନାହିଁ।

# କାଶ୍ମୀରର ପର୍ଯ୍ୟଟନ ଶିଳ୍ପ ବିପର୍ଯ୍ୟସ୍ତ

**ନୂଆଦିଲ୍ଲୀ:** ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଗୋଟିଏ ଝଟକାରେ କାଶ୍ମୀରର ପର୍ଯ୍ୟଟନ ଶିଳ୍ପକୁ ବିପର୍ଯ୍ୟସ୍ତ କରି ଦେଇଛି। ବର୍ତ୍ତମାନ ପୂରା ପର୍ଯ୍ୟଟନ ସିଜିନ ପାଇଁ ପର୍ଯ୍ୟଟକମାନେ ନିଜର ବୁକିଂ କ୍ୟାନସଲ କରିବା ଆରମ୍ଭ କରି ଦେଇଛନ୍ତି। ଏଥିରେ ଟ୍ରାଭେଲ ଅପରେଟରଙ୍କୁ ବିପୁଳ କ୍ଷତିର ସାମ୍ନା କରିବାକୁ ପଡ଼ିଛି। ପରିସ୍ଥିତି ଏମିତି ଯେ ବୁକିଂ କ୍ୟାନସଲ କରିବାର ଗୋଟିଏ ଦିନରେ ହିଁ ୭୦ ପ୍ରତିଶତ ଟୁର ରଦ୍ଦ ହୋଇ ଯାଇଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା କହିଛନ୍ତି ଯେ, ରାଜ୍ୟରୁ ପର୍ଯ୍ୟଟକଙ୍କ ପଳାୟନ ଦେଖି ହୃଦୟ ଭାଙ୍ଗି ଯାଇଛି। ଅନ୍ୟପଟେ ଅମରାବତୀର ଜଣେ ଟୁର ଅପରେଟରଙ୍କୁ ୩୮ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। କାରଣ ପହଲଗାମ ଆତଙ୍କୀ ହମଲା କାରଣରୁ ଲୋକେ ନିଜର ବୁକିଂ କ୍ୟାନସଲ କରି ଦେଇଛନ୍ତି। ଜାମ୍ମୁ-କାଶ୍ମୀରରେ ପର୍ଯ୍ୟଟକମାନଙ୍କୁ ଟୁର ଟ୍ରାଭେଲର ମନାଉଥିବା ଦେଖିବାକୁ ମିଳିଛି। ଜଣେ ଟୁର ପ୍ରୋଭାଇଡର କହିଛନ୍ତି, ପୂର୍ବରୁ ମଧ୍ୟ



ମହାରାଷ୍ଟ୍ରରୁ ପର୍ଯ୍ୟଟକ କାଶ୍ମୀର ଆସୁଥିଲେ। କିନ୍ତୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଆମେ ସୁରକ୍ଷିତ ଓ ନିଶ୍ଚିତ ଅନୁଭବ କରୁଥିଲୁ। ମାତ୍ର ହମଲା କିଛି କ୍ଷଣରେ ସବୁ କିଛି ବରବାଦ କରି ଦେଲା। ଅମରାବତୀରୁ ୪୦ ଜଣ ଲୋକଙ୍କୁ ନେଇ ଏକ ଗ୍ରୁପ ଆସିଥିଲେ। ଆକ୍ରମଣ ପରେ ସେମାନଙ୍କୁ କୌଣସି ପ୍ରକାରରେ ମୋଗଲ ରୋଡ୍ ରାସ୍ତା ଦେଇ ଜମ୍ମୁ ଫେରିବାରେ ସଫଳ ହୋଇଛୁ। ଜମ୍ମୁରେ ପାର୍ଟନରଶିପରେ 'ଆପଲ ଟୁର ଆଣ୍ଡ ଟ୍ରାଭେଲ୍ସ' ଚଳାଉଥିବା ୫୦ ବର୍ଷୀୟ ଅମନୀଶ ଶର୍ମା କହିଛନ୍ତି, ତାଙ୍କ ବୁକିଂରେ ୭୦ ପ୍ରତିଶତ ହ୍ରାସ ଘଟିଛି। ଆମେ ହାଇ କାଟାଗୋରୀର ପର୍ଯ୍ୟଟକଙ୍କୁ ଏସି କ୍ୟାବର ସୁବିଧା ଯୋଗାଇ ଥାଉ। ବେପାର ବଢିଥିବାରୁ ଆମେ ବହୁତ ଖୁସି ଥିଲୁ, ମାତ୍ର ଏବେ ସବୁ କିଛି ଅଚାନକ ସବୁ ଶେଷ ହୋଇଗଲା। କେବଳ ଗୋଟିଏ ଦିନରେ ଆମର ୭୦ ପ୍ରତିଶତ ବୁକିଂ କ୍ୟାନସଲ ହୋଇଗଲା। ଅଲ ଜାମ୍ମୁ ହୋଟେଲ୍ସ ଆଣ୍ଡ ଲଜ ଆସୋସିଏସନର ଅଧ୍ୟକ୍ଷ ଇନ୍ଦ୍ରଜିତ ଖଜୁରିଆ କହିଛନ୍ତି, ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଆଗାମୀ ଅମରନାଥ ଯାତ୍ରା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ମୁଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛି ଯେ, ଆଗାମୀ ତୀର୍ଥ ଯାତ୍ରା ସେନାକୁ ହସ୍ତାନ୍ତର କରାଯାଉ, ଯଦ୍ୱାରା ଲୋକଙ୍କ ମନରେ ଭୟ ନ ରହିବ। କାରଣ ପହଲଗାମରେ ବଡ଼ ଧରଣର ଆତଙ୍କୀ ହମଲା ପରେ ହଜାର ହଜାର ପର୍ଯ୍ୟଟକ କାଶ୍ମୀର ଛାଡୁଛନ୍ତି। ଅଧିକାରୀ ମଧ୍ୟ ପର୍ଯ୍ୟଟକଙ୍କୁ ତାଙ୍କ ଗୃହ ରାଜ୍ୟରେ ସୁରକ୍ଷିତ ଫେରାଇ ଆଣିବା ପାଇଁ ପ୍ରୟାସ ଚଳାଇଛନ୍ତି।


# ଯୁଦ୍ଧ କଲେ ହାରିବ ପାକିସ୍ତାନ

**ନୂଆଦିଲ୍ଲୀ :** ପହଲଗାମ ଆତଙ୍କବାଦୀ ଆକ୍ରମଣ, ଇଣ୍ଡସ ଜଳ ଚୁକ୍ତିର ସ୍ଥଗିତ ରଖାଯିବା ଏବଂ ଭାରତ ସହ ବୃଦ୍ଧି ପାଉଥିବା ଉତ୍ତେଜନା ସହ ଆଇଏମଏଫ ଦ୍ୱାରା ପାକିସ୍ତାନର ଅର୍ଥନୈତିକ ବୃଦ୍ଧି ପୂର୍ବାନୁମାନକୁ ହ୍ରାସ କରାଯିବାକୁ ନେଇ ପାକ୍ ଏବେ ସଙ୍କଟାପନ୍ନ ସ୍ଥିତିରେ ଗତି କରୁଛି। ପାକିସ୍ତାନର ଅର୍ଥନୀତି ଏତେ ଦୁର୍ବଳ ହେଉଛି ଯେ ଭାରତ ସହ ଏକ ସାମରିକ ସଂଘର୍ଷ ଆରମ୍ଭ କଲେ ଏହା ଦେଶକୁ ଆହୁରି ଗଭୀର ସଙ୍କଟରେ ପକାଇ ପାରେ। ଏପ୍ରିଲ ୨୨ରେ ଜାମ୍ମୁ ଓ କଶ୍ମୀରର ପହଲଗାମର ବୈସରଣ ମେଡୋରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ, ଯେଉଁମାନେ ପ୍ରାୟତଃ ପର୍ଯ୍ୟଟକ ଥିଲେ, ପ୍ରାଣ ହରାଇଥିଲେ। ଏହାର ପ୍ରତିକ୍ରିୟାରେ ଭାରତ ସରକାର କଠୋର କୂଟନୈତିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଯାହା ମଧ୍ୟରେ ଇଣ୍ଡସ ଜଳ ଚୁକ୍ତିକୁ ସ୍ଥଗିତ ରଖିବା, ପାକିସ୍ତାନୀ ନାଗରିକଙ୍କ ପାଇଁ ସାର୍କ ଭିସା ଛାଡ଼ ଯୋଜନା ବାତିଲ କରିବା, ସାମରିକ ଅଧିକାରୀଙ୍କୁ ନିର୍ବାସନ ଦେବା, ଉଭୟ ଦେଶର ହାଇ କମିଶନରେ କୂଟନୈତିକ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଏବଂ ଅଟାରୀ ଚେକପୋଷ୍ଟକୁ ତୁରନ୍ତ ବନ୍ଦ କରିବା ଅନ୍ତର୍ଭୁକ୍ତ। ଏହି ପଦକ୍ଷେପଗୁଡ଼ିକ ପାକିସ୍ତାନର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି। ଷ୍ଟକ ମାର୍କେଟରେ ହ୍ରାସ: ପାକିସ୍ତାନର ବେଞ୍ଚମାର୍କ କରାଚୀ-୧୦୦ ଇଣ୍ଡେକ୍ସ (କେସିଇ-୧୦୦) ଏପ୍ରିଲ ୨୪ରେ ୨,୫୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ୧,୧୪,୭୪୦.୨୯ରେ ପହଞ୍ଚିଥିଲା। ଦିନର ଶେଷ ସୁଦ୍ଧା ଏହା ୧,୫୩୨.୪୨ ପଏଣ୍ଟ ବା ୧.୩୧% ହ୍ରାସ ପାଇ ୧,୧୫,୬୯୩.୭୨ରେ ରହିଥିଲା। ଏହି ହ୍ରାସ ଭାରତ-ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ରାଜନୈତିକ ଉତ୍ତେଜନା ଏବଂ ଆଇଏମଏଫ ଦ୍ୱାରା ୨୦୨୫ ଆର୍ଥିକ ବର୍ଷ ପାଇଁ ପାକିସ୍ତାନର ଜିଡିପି ବୃଦ୍ଧି ପୂର୍ବାନୁମାନକୁ ୨.୬%କୁ ହ୍ରାସ କରିବା ଯୋଗୁଁ ହୋଇଛି। ଏସୀୟ ବିକାଶ ବ୍ୟାଙ୍କ ମଧ୍ୟ ୨୦୨୫ ପାଇଁ ପାକିସ୍ତାନର ଜିଡିପି ବୃଦ୍ଧି ପୂର୍ବାନୁମାନକୁ ୩%ରୁ ୨.୫%କୁ ହ୍ରାସ କରିଛି।

### ପାଣିରେ ନିଆଯିବ ପହଲଗାମର ପ୍ରତିଶୋଧ

# ସିନ୍ଧୁ ନଦୀ ଚୁକ୍ତିନାମା ବାତିଲ

**ନୂଆଦିଲ୍ଲୀ :** ଜାମ୍ମୁ-କାଶ୍ମୀରର ପହଲଗାମରେ ଏପ୍ରିଲ ୨୨ରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କୀ ହମଲା ପରେ କେନ୍ଦ୍ର ସରକାର ପାକିସ୍ତାନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପାକିସ୍ତାନକୁ ପାନେ ଦେବା ପାଇଁ ଭାରତ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ବୁଧବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ବାସଭବନରେ ଅନୁଷ୍ଠିତ ସୁରକ୍ଷା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ କରାଯିବା ଭାରତ ନିଷ୍ପତ୍ତିରେ ପାକିସ୍ତାନ ଆଗାମୀ ଦିନରେ ପାଣି ବୁନ୍ଦେ ପାଇଁ ଡହଳ ବିକଳ ହେବ। ଭାରତ ଓ ପାକିସ୍ତାନ ମଧ୍ୟରେ ପ୍ରବାହିତ ସିନ୍ଧୁ ନଦୀ ଓ ଏହାର ଶାଖା ନଦୀରେ ଜଳ ବଣ୍ଟନ ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୬୦ ମସିହା ସେପ୍ଟେମ୍ବର ୧୯ ତାରିଖରେ ଏକ ଚୁକ୍ତିନାମା ହୋଇଥିଲା। ଏହାକୁ ସିନ୍ଧୁ ଜଳ ଚୁକ୍ତିନାମା କୁହାଯାଏ। ଏହି ଚୁକ୍ତିନାମା ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ହୋଇଥିଲା। ଏହାର ଉଦ୍ଦେଶ୍ୟ ସିନ୍ଧୁ ନଦୀ ଓ ଏହାର ଶାଖା ନଦୀର ଜଳ ଦୁଇ ଦେଶ ମଧ୍ୟରେ ସୁଷମ ବଣ୍ଟନ ହୋଇପାରିବ। ୧୯୬୦ ସେପ୍ଟେମ୍ବର ୧୯ରେ କରାଚିରେ ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଆୟୁବ ଖାନ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ସିନ୍ଧୁ ନଦୀ ପ୍ରଣାଳୀରେ ଛଅ ନଦୀ



ରହିଛି। ଏଥିରେ ସିନ୍ଧୁ, ସତଲେଜ, ଝେଲମ, ଚେନାବ, ରବି ଓ ବ୍ୟାସ୍ ନଦୀ ସାମିଲ। ଏହି ରାଜିନାମା ଅନୁସାରେ ଭାରତ ସିନ୍ଧୁ ନଦୀ ପ୍ରଣାଳୀର ମାତ୍ର ୨୦ ପ୍ରତିଶତ ପାଣି ବ୍ୟବହାର କରି ପାରିବ। ବାକି ୮୦ ପ୍ରତିଶତ ପାଣି ପାକିସ୍ତାନକୁ ପ୍ରବାହିତ ହୁଏ। ସିନ୍ଧୁ ନଦୀକୁ ପାକିସ୍ତାନର ଜୀବନ ରେଖା କୁହାଯାଏ। ଏହି ଚୁକ୍ତି ବାତିଲ ହେଲେ ପାକିସ୍ତାନ ଉପରେ ଭୟଙ୍କର ପ୍ରଭାବ ପଡିବ। କାରଣ ପାକିସ୍ତାନର ୮୦ ପ୍ରତିଶତ ଚାଷ ଉପଯୋଗୀ ଜମି ସିନ୍ଧୁ ନଦୀ ପ୍ରଣାଳୀର ପାଣି ଉପରେ ନିର୍ଭର କରେ। ଏହି ପାଣିର ୯୩ ପ୍ରତିଶତ ଅଂଶ ଜଳସେଚନ ପାଇଁ ବ୍ୟବହାର କରାଯାଏ। ଏହା ବିନା ଚାଷ ଅସମ୍ଭବ। ଏଥିରେ ୨୩୭ ମିଲିୟନରୁ ଅଧିକ ଲୋକଙ୍କ ଭରଣ ପୋଷଣ ହୋଇଥାଏ। ଏଥିରେ ପାକିସ୍ତାନ ସିନ୍ଧୁ ଉପତ୍ୟକାରେ ବସବାସ କରୁଥିବା ୬୧ ପ୍ରତିଶତ ଜନସଂଖ୍ୟା ସାମିଲ। ସିନ୍ଧୁ ଓ ଏହାର ଶାଖା ନଦୀରୁ ପାକିସ୍ତାନର ପ୍ରମୁଖ ସହର କରାଚି, ଲାହୋର, ମୁଲତାନ ନିର୍ଭରଶୀଳ। ପାକିସ୍ତାନର ତରବେଲା ଓ ମଙ୍ଗଲା ପରି ପ୍ରୋଜେକ୍ଟ ନଦୀ ଉପରେ ନିର୍ଭର। ସିନ୍ଧୁ ଜଳ ରାଜିନାମା ସ୍ଥଗିତ ହେଲେ ପାକିସ୍ତାନରେ ଖାଦ୍ୟ ଉତ୍ପାଦନ ଅହେତୁକ ହ୍ରାସ ଘଟିବ। ଏଥିରେ ଲକ୍ଷାଧିକ ଲୋକଙ୍କ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ଦେଖାଯିବ। ପାକିସ୍ତାନର ସହରାଞ୍ଚଳରେ ଜଳ ଯୋଗାଣ ଠପ୍ ହୋଇଯିବ। ଏମିତି ହେଲେ ପ୍ରଭାବିତ ଅଞ୍ଚଳରେ ଅଶାନ୍ତି ସୃଷ୍ଟି ହେବ। ବିଜୁଳି ଉତ୍ପାଦନ ଠପ୍ ହୋଇଯିବ। ଏଥିରେ ଉଦ୍ୟୋଗ ଓ ସହରାଞ୍ଚଳରେ ଅନ୍ଧାର ଛାଇଯିବ।

ସୁଧାର ଗୃହରେ ସୁଧୁରୁନି ରୋଗ ସମସ୍ୟା

# ଜେଲରେ ବଢ଼ୁଛି କ୍ୟାନ୍ସର, କିଡ୍‌ନୀ ଓ ଉଚ୍ଚ ରକ୍ତଚାପ

**ଭୁବନେଶ୍ୱର :** ୨୧ ଶହ ରୋଗୀଙ୍କ ପାଇଁ ଜଣେ ମାତ୍ର ମାନସିକ ରୋଗୀ ଚିକିତ୍ସକ। ଜେଲରେ ବଢ଼ୁଛି କ୍ୟାନ୍ସର, କିଡ୍‌ନୀ ଓ ଉଚ୍ଚ ରକ୍ତଚାପ। ସୁଧାର ଗୃହରେ ସୁଧୁରୁନି ରୋଗ ସମସ୍ୟା। ଏ ତଥ୍ୟ ଯେତିକି ଗମ୍ଭୀର, ସେତିକି ଚିନ୍ତାଜନକ ମଧ୍ୟ। ରାଜ୍ୟରେ ଥିବା ୮୭ ଜେଲରେ ରହିଛନ୍ତି ୨୦୫୪ ମାନସିକ ରୋଗୀ। କାଳକୋଠରୀ ଭିତରେ ରହି ଅବସାଦଗ୍ରସ୍ତ ହୋଇଯାଉଛନ୍ତି। କେତେବେଳେ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି ତ ଆଉ କେତେବେଳେ ପାଣି ଫୋଟକା ଭଳି ଚାଲିଯାଉଛି ଅନ୍ତେବାସୀଙ୍କ ଜୀବନ। ବିଗତ ୫ ବର୍ଷରେ ଜେଲ ଭିତରେ ୩୭୦ରୁ ଅଧିକ ବନ୍ଦୀଙ୍କ ମୃତ୍ୟୁ ହୋଇଛି। କିନ୍ତୁ ପରିତାପର ବିଷୟ ହେଉଛି ପାଖାପାଖି ୨୧ ଶହ ରୋଗୀଙ୍କ ପାଇଁ ରହିଛନ୍ତି ଜଣେ ମାତ୍ର ମାନସିକ ରୋଗ ବିଶେଷଜ୍ଞ। ଯାହାକୁ ନେଇ ବିଭିନ୍ନ ମହଲରୁ ଉଦବେଗ ପ୍ରକାଶ ପାଇଛି। ଜେଲ ବିଭାଗ ତୁରନ୍ତ ଏଭଳି ଗୁରୁତର ସମସ୍ୟା ସମ୍ପର୍କରେ ଅବଗତ



ହେବା ସହ, ଜିଲ୍ଲା ପିଛା ଜଣେ ମାନସିକ ରୋଗୀ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ୨୫ଟି ଜେଲରେ ୭୦ ଜଣ ଏଚଆଇଭି ଆକ୍ରାନ୍ତ ବିଭାଗ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଡ୍‌ସ ରୋଗୀଙ୍କ ନିୟମିତ ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି ଜେଲ ଡିଜି। ୨୪୯ ଜଣ ହୃଦ୍‌ଘାତ ରୋଗୀ, ୧୮୪୫ ଜଣ ଉଚ୍ଚ ରକ୍ତଚାପ ରୋଗୀ ସାରା ଓଡ଼ିଶାର ଜେଲରେ ରହିଛନ୍ତି। ସେପରି ୧୦ ଜଣ କ୍ୟାନ୍ସର ରୋଗୀ ଓ ୧୪୦ କିଡ୍‌ନୀ ରୋଗୀ ଚିକିତ୍ସିତ ହେଉଛନ୍ତି। ସେପଟେ ମାନସିକ ରୋଗ ଚିକିତ୍ସକଙ୍କ ନିଯୁକ୍ତି ବିଳମ୍ବ ହେଉଥିବା ବେଳେ ଜେଲରେ ମନସ୍ତତ୍ତ୍ୱବିତଙ୍କୁ ନିୟୋଜିତ କରାଯିବାର ଆବଶ୍ୟକତା ଥିବା କହିଛନ୍ତି ବିଶେଷଜ୍ଞ। ଜେଲକୁ ସୁଧାରଗୃହ କରିବା ପାଇଁ ପୂର୍ବରୁ ଅନେକ ପ୍ରୟାସ ହୋଇଥିଲା। ବ୍ୟାୟାମ, ଯୋଗ ଶିକ୍ଷା, ପ୍ରଣାୟମ, ସିନେମା, କ୍ରୀଡା, ପ୍ରବଚନ, ଆଧ୍ୟାତ୍ମିକ ଶିକ୍ଷାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଏବେ ଏସବୁ ହେଉନଥିବାରୁ ଅନ୍ତେବାସୀ ନର୍କ ଯନ୍ତ୍ରଣା ଭୋଗୁଛନ୍ତି।

ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

## ବିଲ୍ ପୈଠ କରି ନ ଥିଲେ ବି ବିଦ୍ୟୁତ୍ କାଟ ହେବନି

**ଭୁବନେଶ୍ୱର :** ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ରାଜ୍ୟର ତାପମାତ୍ରା ଏବେ ଅଧିକାଂଶ ଜିଲାରେ ୪୦ ଡିଗ୍ରୀରୁ ଅଧିକ ରହୁଛି। ଏଭଳି ସ୍ଥିତିରେ ଏକାଧିକ ଥର ହେଉଥିବା ବିଦ୍ୟୁତ୍ କାଟ (ପାୱାର୍ କଟ୍) ଲୋକମାନଙ୍କ ପାଇଁ ବଡ଼ ସମସ୍ୟା ହୋଇ ଉଭାହୋଇଛି। ଏହା କେବଳ ଚଳିତ ବର୍ଷର ସମସ୍ୟା ନୁହେଁ। ପ୍ରତ୍ୟେକ ବର୍ଷ ଗ୍ରୀଷ୍ମଋତୁ ଆସିଲେ ବିଦ୍ୟୁତ୍ କାଟ ସମସ୍ୟା କାରଣରୁ ଲୋକମାନଙ୍କ ଭିତରେ ଅସନ୍ତୋଷ ରହିଥାଏ। ବର୍ତ୍ତମାନ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପାୱାର କଟ୍ ନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମକୁ



ପ୍ରତିକ୍ରିୟା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଦ୍ୟୁତ୍ କାଟ ହେବନାହିଁ। ଗ୍ରୀଷ୍ମପ୍ରବାହ ସମୟରେ କାହାର ମଧ୍ୟ ବିଦ୍ୟୁତ୍ କାଟ କରାଯିବନାହିଁ। ଉପଭୋକ୍ତା ବକେୟା ବିଲ୍ ପ୍ରଦାନ କରି ନ ଥିଲେ ମଧ୍ୟ ଲାଇନ କଟିବନାହିଁ। କିନ୍ତୁ ଉପଭୋକ୍ତାଙ୍କୁ ବକେୟା ବିଲ୍ ପୈଠ କରିବାକୁ ପଡ଼ିବ। ପୂର୍ବରୁ ମଧ୍ୟ ବିଧାନସଭା ସମୟରେ କହିଥିଲେ, ବିଲ୍ ଦେଇ ନ ଥିଲେ ବି ଜୁନ୍ ପର୍ଯ୍ୟନ୍ତ ଲୋକଙ୍କ ବିଦ୍ୟୁତ୍ କାଟ ହେବନାହିଁ। କାଳବୈଶାଖୀ ଯୋଗୁ କୌଣସି ସ୍ଥାନରେ ଯଦି ବିଦ୍ୟୁତ୍ କାଟ ହେଉଛି ତେବେ ତାକୁ ତୁରନ୍ତ କାମ କରିଦିଆଯାଉଛି। ପୂର୍ବ ତୁଳନାରେ ବିଦ୍ୟୁତ୍ ଯୋଗାଣ ଠିକ୍ ଠାକ୍ କରାଯାଉଛି। ଯେଉଁସବୁ ସ୍ଥାନରେ ବିଦ୍ୟୁତ୍ କାମ ଚାଲୁଛି, ପୂର୍ବରୁ ଏନେଇ ଲୋକମାନଙ୍କୁ ଜଣାଇ ଦିଆଯାଉଛି। କେତେ ସମୟ ପାଇଁ ଏବଂ କେଉଁ କାରଣରୁ ବିଦ୍ୟୁତ୍ କାଟ ହେଉଛି ସେକଥା ମଧ୍ୟ କୁହାଯାଉଛି। ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲେ ମଧ୍ୟ ତୁରନ୍ତ ସମାଧାନ ହେଉଛି। ସରକାର କେବେହେଲେ ଜାଣି ପାୱାର୍ କଟ୍ କରନ୍ତି ନାହିଁ, କାରଣ ଏଥିରୁ ସରକାରଙ୍କୁ ରାଜସ୍ୱ ମିଳୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକ

## ୧୧୯୧.୪୭ କୋଟିର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ

**ଭୁବନେଶ୍ୱର :** ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଆଧାରରେ ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି (ଏସ୍.ଡବ୍ଲ୍ୟୁ.ସି)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ କରାଯାଇଛି। ଏହା ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅବସରରେ ବିଶାଳ କୁମାର ଦେବ, ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପୁଞ୍ଜି ନିବେଶକୁ ସୁଗମ କରିବା ଏବଂ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକର ଠିକ ସମୟରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ନବମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳ ସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରିଡକୋ, ଓପିଟିସିଏଲ୍, ଓଏଚପିସି ତଥା ବିଦ୍ୟୁତ ବିତରଣ କମ୍ପାନି ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସକ୍ରିୟ ନୀତି ଏବଂ ଶୃଙ୍ଖଳିତ ପ୍ରକ୍ରିୟା ଆଧାରରେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି ଏବଂ ଅକ୍ଷୟ ଶକ୍ତି ନୋଡାଲ ଏଜେନ୍ସି ଗ୍ରିଡକୋ ମାଧ୍ୟମରେ, ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବଢ଼ିଛି ଏବଂ ଏକ ଅଧିକ ଆତ୍ମନିର୍ଭରଶୀଳ ଓଡ଼ିଶା ପାଇଁ ପଥ ପରିଷ୍କାର ହୋଇଚାଲିଛି। ଏଯାଏଁ, ଅକ୍ଷୟଶକ୍ତି କ୍ଷେତ୍ରରେ ମୋଟ ୧,୭୦୭.୫୬ ମେଗାୱାଟ୍ କ୍ଷମତା ସଂପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ୍ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।

## ଶିମିଳିପାଳ ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନ ମାନ୍ୟତା

**କେନ୍ଦୁଝର :** ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟକୁ ଗୁରୁବାରଠାରୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିଛି। ଏହା ଜାତୀୟ ଉଦ୍ୟାନ (ନ୍ୟାଶନାଲ)ର ମାନ୍ୟତା ପାଇ ନ ଥିଲା। ତେବେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଚିଠି ନମ୍ବର ୯୫୦୦/୨୪-୪-୨୦୨୫ରେ ଏହାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜି କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ଜଙ୍ଗଲ, ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଏନେଇ ସୂଚନା ଦେଇଛନ୍ତି। ଜାତୀୟ ଉଦ୍ୟାନ ମାନ୍ୟତା ପାଇବା ନେଇ ସମସ୍ତ ପ୍ରକାରର ପ୍ରକ୍ରିୟା ଶେଷ ହୋଇଥିବା ସୂଚନା ମିଳିଛି। ପୂର୍ବରୁ ଏହାର କୋର ଓ ବଫର ଅଞ୍ଚଳରେ ବହୁ ଗ୍ରାମ, ଜମିବାଡ଼ି ଆଦି ରହିଥିଲା। ସେହି ଗ୍ରାମରେ ଲୋକମାନେ ବହୁ ବର୍ଷ ଧରି ଚାଷବାସ କରି ବସବାସ କରିଆସୁଥିଲେ ଏବଂ ବହୁ ଘରୋଇ ଜମିଥିଲା। ସେହିପରି ଶିମିଳିପାଳ ଜଙ୍ଗଲ ଉପରେ ସ୍ଥାନୀୟ ବନବାସୀଙ୍କ ଅଧିକାର ଥିଲା। ସରକାରଙ୍କୁ ସେମାନଙ୍କୁ ସମସ୍ତ ପ୍ରକାରର କ୍ଷତିପୂରଣ ପ୍ରଦାନ କରିବା ସହ ଅନ୍ୟଜଙ୍ଗଲ ଅଞ୍ଚଳରୁ ବାହାର କରି ଅନ୍ୟ ଅଞ୍ଚଳରେ ଥଇଥାନ କରିଛନ୍ତି। ସେହିପରି ଲୋକଙ୍କ ସବୁ ଅଧିକାର ପୂରଣ କରାଯାଇଛି। ଏଣୁ ଏବେ ଏହି ଅଭୟାରଣ୍ୟ ଶିମିଳିପାଳ ଜାତୀୟ ଉଦ୍ୟାନ ଘୋଷଣା ହୋଇଛି। ଏହା ଦ୍ୱାରା ଦେଶ ଓ



ବିଦେଶରୁ ବହୁ ପର୍ଯ୍ୟଟକ ଆସିବେ ଏବଂ ଏହା ଦ୍ୱାରା ଉକ୍ତ ଅଞ୍ଚଳର ବିକାଶ ହୋଇ ପାରିବା ସହ ବନ୍ୟପ୍ରାଣୀ, ଜଙ୍ଗଲ ଓ ତଥା ପରିବେଶର ସୁରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଉଛି। ଏହାକୁ ଜାତୀୟ ଉଦ୍ୟାନର ଘୋଷଣା ପରେ ଏହା ଭାରତର ୧୦୭ ଓ ଓଡିଶାର ୨ ନମ୍ବର ଜାତୀୟ ପାର୍କ ହୋଇଛି। ଗୁରୁବାର ଠାରୁ ଏହା ଶିମିଳିପାଳ ଜାତୀୟ ଉଦ୍ୟାନ ବା ନ୍ୟାଶନାଲ ପାର୍କ ଭାବରେ ପରିଗଣିତ ହୋଇଛି ବୋଲି ଜଙ୍ଗଲ ମନ୍ତ୍ରୀ ଗଣେଶରାମ କହିଛନ୍ତି। କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ବେଳେ ଏହି ସୂଚନା ଦେଇଛନ୍ତି। ଏହା ଦ୍ୱାରା ସ୍ୱତନ୍ତ୍ର ବଜେଟ କେନ୍ଦ୍ରରୁ ମିଳିବ। ସେହିପରି ବନ୍ୟପ୍ରାଣୀ ଓ ଜଙ୍ଗଲର ଅଧିକ ସୁରକ୍ଷା ହୋଇ ପାରିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଶିମିଳିପାଳ ସଂରକ୍ଷିତ ଜଙ୍ଗଲର ପରିସୀମା ୨୭୫୦ ବର୍ଗ କିଲୋମିଟର ରହିଥିବା ବେଳେ ସେଥିରୁ ୮୪୫.୭୦ ବର୍ଗ କିଲୋମିଟରକୁ ଘୋଷଣା କରାଯାଇଛି।

ପୂର୍ତ୍ତ ବିଭାଗର ‘ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ’ର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

## ତଦାରଖ ହେବ ଭିତ୍ତିଭୂମି ପ୍ରକଳ୍ପର ପ୍ରକୃତ ସମୟ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ପୂର୍ତ୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ’ର ଉନ୍ମୋଚନ କରିଛନ୍ତି। ଏହା ଦ୍ୱାରା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ବାସ୍ତବ ସମୟରେ ତଦାରଖ କରାଯାଇପାରିବ ଏବଂ ପ୍ରକଳ୍ପ ଗୁଡିକ ନିର୍ଭୁଲ ଭାବରେ କାର୍ଯ୍ୟକାରୀ ହେବା ସହିତ ଏଥିରେ ଅଧିକ ଦକ୍ଷତା ଆସି ପାରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଯେଉଁ ମନିଟରିଂ ସିଷ୍ଟମ ଥିଲା, ସେଥିରେ ସୂଚନା ଗୁଡିକ ଠିକ୍ ଭାବେ ଆସି ପାରୁନଥିଲା, କାର୍ଯ୍ୟର ଅଗ୍ରଗତି ମନ୍ଥର ହେଉଥିଲା ଏବଂ ତା’ସହିତ ନିଷ୍ପତ୍ତି ନେବାରେ ମଧ୍ୟ ବିଳମ୍ବ ହେଉଥିଲା। ଏହି ଉନ୍ନତ ଜିଆଇଏସ୍ ଡ୍ୟାସବୋର୍ଡ ମାଧ୍ୟମରେ ସମସ୍ତ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ସାର୍ବଜନୀନ ସମ୍ପତ୍ତି ଏବଂ ଚାଲୁରହିଥିବା ପ୍ରକଳ୍ପଗୁଡ଼ିକର ସଦ୍ୟ ଚିତ୍ର ଦେଖିହେବ। ଜିଲ୍ଲା ଏବଂ ବ୍ଲକସ୍ତରରେ ଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ଜାଣିହେବ। ଏହା ସହିତ ଏହିସବୁ ପ୍ରକଳ୍ପ ଗୁଡିକ ପାଇଁ ସଠିକ୍ ସ୍ଥାନ ନିରୂପଣ କରିବାକୁ ରାସ୍ତା ଏବଂ ସାଟେଲାଇଟ୍ ମ୍ୟାପ୍ ମଧ୍ୟ ଦେଖିହେବ ବୋଲି



ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ଏହି ବ୍ୟବସ୍ଥାରେ ଅଧିକ ଆର୍ଥିକ ସ୍ୱଚ୍ଛତା ଆସିପାରିବ ବୋଲି ସେ କହିଥିଲେ। ଡ୍ୟାସ୍ ବୋର୍ଡରେ ଥିବା ଇସ୍ୟୁ ଟ୍ରାକର ବ୍ୟବସ୍ଥା ଦ୍ୱାରା ପ୍ରକଳ୍ପ ଗୁଡ଼ିକର ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ଜମି ସମସ୍ୟା ଏବଂ ଜବରଦଖଲ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ସଠିକ୍ ତଦାରଖ କରାଯାଇପାରିବ। ଲାଇଭ୍ ପ୍ରୋଜେକ୍ଟ ଟ୍ରାକିଂ, ଆର୍ଥିକ ତଦାରଖ, ସକ୍ରିୟ ବିପଦ ସତର୍କତା ଏବଂ କାର୍ଯ୍ୟଦକ୍ଷତା ନିରୀକ୍ଷଣ ସୁବିଧା ଦ୍ୱାରା ପ୍ରକଳ୍ପକୁ ନେଇ ନିଷ୍ପତ୍ତି ଗ୍ରହଣ କରିବା ଆହୁରି ସହଜ ହେବ। ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡକୁ ଆହୁରି ବ୍ୟାପକ କରି ଅନ୍ୟ ବିଭାଗଗୁଡ଼ିକ ଦ୍ୱାରା ବ୍ୟବହାର ଉପଯୋଗୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଓଡ଼ିଶାର ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା ଦୃଢ଼ୀଭୂତ ହେବ ଏବଂ ସମୃଦ୍ଧ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ଆହୁରି ତ୍ୱରାନ୍ୱିତ ହେବ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମନ୍ତ୍ରୀ ମଣ୍ଡଳର ଅନ୍ୟ ସଦସ୍ୟ ଗଣ ଉପସ୍ଥିତ ଥିଲେ। ଏହା ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ।

ସିଡିଏ ଜମିର ଭାଗ୍ୟ ବଦଳୁନି; ଫ୍ରି-ହୋଲ୍‌ଡ୍ ହୋଇପାରୁନି ୮୫୩ ଏକର

# ତିନି ତହସିଲ୍‌ରେ ପଡ଼ିରହିଛି ଫାଇଲ

**କଟକ :** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ଅଧୀନରେ ଥିବା ସମସ୍ତ ଜମି ଲିଜ୍ ହୋଲ୍‌ଡ୍ ପରିବର୍ତ୍ତେ ଫ୍ରି-ହୋଲ୍‌ଡ୍ ହେବ। ଏନେଇ ରାଜ୍ୟ ସରକାର ପ୍ରାୟ ଦୁଇ ବର୍ଷ ତଳେ ବିଜ୍ଞପ୍ତି ଜାରି କରିଥିଲେ। ଇତିମଧ୍ୟରେ ବିଡିଏର ସମସ୍ତ ଜମି ଫ୍ରି-ହୋଲ୍‌ଡ୍ ହୋଇସାରିଲାଣି। ହେଲେ ସିଡିଏ ଜମିର ଭାଗ୍ୟ ବଦଳୁ ନାହିଁ। କଟକ ସଦର, ଆଠଗଡ଼ ଓ ବାରଙ୍ଗ ତହସିଲ୍ ଅଧୀନରେ ଥିବା ସିଡିଏର ପ୍ରାୟ ୮୫୩ ଏକର ଜମି ଲିଜ୍ ହୋଲ୍‌ଡ୍‌ରୁ ଫ୍ରି-ହୋଲ୍‌ଡ୍ ହୋଇପାରୁନାହିଁ। ଫ୍ରି-ହୋଲ୍‌ଡ୍ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସିଡିଏ ପକ୍ଷରୁ ତିନି ତହସିଲ୍‌କୁ ବାରମ୍ବାର ଚିଠି ଲେଖାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସରକାରଙ୍କ ନିର୍ଦ୍ଦେଶ ଖୋଦ୍ ସରକାରୀ ବିଭାଗ ନମାନିବା ଭଳି ବିଚିତ୍ର ସ୍ଥିତି କାରଣରୁ ହଜାର ହଜାର ସିଡିଏ ବାସିନ୍ଦା ଏବେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ୨୦୨୩ ଅଗଷ୍ଟ ୧୪ ତାରିଖରେ ରାଜ୍ୟ ସରକାର ବିଡିଏ ଓ ସିଡିଏର ସମସ୍ତ ଲିଜ୍ ହୋଲ୍‌ଡ୍ ଜମିକୁ ଫ୍ରି ହୋଲଡ୍‌ରେ ପରିଣତ କରିବା ଲାଗି ବିଜ୍ଞପ୍ତି ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ସିଡିଏ ପକ୍ଷରୁ ସେହିବର୍ଷ ନଭେମ୍ବର ୧୬ ତାରିଖରେ ତିନି ତହସିଲ୍‌କୁ ଚିଠି କରାଯାଇ ସିଡିଏର ସମସ୍ତ ଲିଜ୍ ଜମିକୁ ଫ୍ରି ହୋଲ୍‌ଡ୍ ବା ସ୍ଥିତିବାନ୍ କରିବା ଲାଗି ଅନୁରୋଧ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ମଧ୍ୟ ତିନି ତହସିଲ୍‌କୁ ପ୍ରଦାନ କରାଯାଇଥିଲା। ସିଡିଏର କେଉଁ ସେକ୍ଟରରେ କେତେ ଜମି ଲିଜ୍ ହୋଲଡ୍‌ରୁ ଫ୍ରି’ ହୋଲଡ୍ କରାଯିବ ତାହାର ଏକ ବିସ୍ତୃତ ରିପୋର୍ଟ ମଧ୍ୟ ଦିଆଯାଇଥିଲା। ରିପୋର୍ଟ ଅନୁସାରେ, କଟକ ସଦର ତହସିଲ୍ ଅଧୀନରେ ସିଡିଏ ସେକ୍ଟର-୬ ଓ ୭ରେ ୧୧୬ ଏକର ୮ଶହ ଡିସିମିଲ୍ ଲିଜ୍ ଜମି ରହିଛି। ସେହିପରି ସେକ୍ଟର-୧ରେ ୬୦ ଏକର ଲିଜ୍ ଜମି ଫ୍ରି’ ହୋଲଡ୍ ପାଇଁ ରହିଛି। ମୋଟ୍ ଉପରେ ଏହି ତହସିଲ୍‌ରେ ୧୭୬ ଏକର ଜମି ଫ୍ରି ହୋଲ୍‌ଡ୍ ହେବ। ସେହିପରି ଆଠଗଡ଼ ତହସିଲ୍



ଅଧୀନରେ ଥିବା ସିଡିଏ ସେକ୍ଟର-୧୩ରେ ୮୪ ଏକର ୪୯ ଡିସିମିଲ୍ ଓ ସେକ୍ଟର-୧୫ରେ ୨୭ ଏକର ଜମି ରହିଛି। ଉଭୟ ସେକ୍ଟରରେ ୧୧୧ ଏକର ଲିଜ୍ ଜମି ଫ୍ରି’ ହୋଲ୍‌ଡ୍ କରାଯିବ। ଅନ୍ୟପକ୍ଷରେ ବାରଙ୍ଗ ତହସିଲ୍ ଅଧୀନରେ ସିଡିଏ ସେକ୍ଟର-୬ ଓ ୭ରେ ୧୫୨ ଏକର ୫୪୦ ଡିସିମିଲ୍ ଜମି ରହିଥିଲା ବେଳେ ସେକ୍ଟର-୮ରେ ୫୦ ଏକର, ସେକ୍ଟର-୯ରେ ୧୧୬ ଏକର ୯୯୦ ଡିସିମିଲ୍, ସେକ୍ଟର-୧୦ରେ ୬୦ଏକର ୨୭୦ ଡିସିମିଲ୍, ସେକ୍ଟର-୧୧ରେ ୩୫ ଏକର ୯୧୦ ଡିସିମିଲ୍ ଜମି, ନରଣପୁରରେ ଗୋଟିଏ ପ୍ଲଟ୍ ୧୮ଏକର ୬୫୦ ଡିସିମିଲ୍‌ର ଓ ଆଉ ଏକ ପ୍ଲଟ୍ ୧୦୧ ଏକର ୩୭୦ଡିସିମିଲ୍ ଜମି ରହିଛି। ମୋଟ୍ ଉପରେ ବାରଙ୍ଗ ତହସିଲ୍ ଅଧୀନରେ ସିଡିଏର ସର୍ବାଧିକ ୫୬୬ ଏକର ଜମି ଫ୍ରି-ହୋଲ୍‌ଡ୍ କରାଯିବ। ଜମି ଫ୍ରି-ହୋଲ୍‌ଡ୍‌କୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାର ଫି’ ମଧ୍ୟ ଧାର୍ଯ୍ୟ କରିଥିଲେ। ଅର୍ଥାତ ପ୍ରତି ଆପ୍ଲିକେସନ୍ ଫି’ ପାଇଁ ୫ହଜାର ଟଙ୍କା, ପ୍ରତି ଘୋଷଣାନାମା ପାଇଁ ୫ଶହ ଟଙ୍କା ଏବଂ ପ୍ରତି ମାପ ଫି’ ପାଇଁ ୧ହଜାର ଟଙ୍କା ଦେବା ଲାଗି ସିଡିଏକୁ କହିଥିଲେ। ସିଡିଏ ମଧ୍ୟ ଏହି ହିସାବରେ ସମସ୍ତ ଦେୟ ପ୍ରତ୍ୟେକ ତହସିଲ୍‌କୁ ପ୍ରଦାନ କରିସାରିଛି ବୋଲି ସିଡିଏର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ଦୁଇବର୍ଷ ହେଲାଣି ତିନି ତହସିଲ୍ କର୍ତ୍ତୃପକ୍ଷ ଏହି ଜମିକୁ ଫ୍ରି-ହୋଲ୍‌ଡ୍ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏ ସଂପର୍କରେ ସିଡିଏର ଜଣେ ଅଧିକାରୀ କହିଛନ୍ତି ଯେ, ସିଡିଏର ଦାୟିତ୍ୱ ହେଲା ଲିଜ୍ ହୋଲ୍‌ଡ୍‌ରେ ଥିବା ସମସ୍ତ ଜମିର ରେକର୍ଡପତ୍ର ସଂପୃକ୍ତ ତହସିଲ୍‌କୁ ପ୍ରଦାନ କରିବା। ସିଡିଏ ମଧ୍ୟ ଏହି କାର୍ଯ୍ୟ କରିସାରିଛି। କିନ୍ତୁ ତହସିଲ୍ ଗୁଡ଼ିକ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବା ଫଳରେ ଫ୍ରି’ ହୋଲ୍‌ଡ୍ ହେବା କାର୍ଯ୍ୟ ଆଗେଇ ପାରୁନାହିଁ। ଏ ସଂକ୍ରାନ୍ତରେ କଟକ ସଦର ତହସିଲ୍‌ଦାର ସୁଜୟ କୁମାର ପତି କହିଛନ୍ତି ଯେ, ସିଡିଏ ପକ୍ଷରୁ ଚିଠି ଲେଖାଯିବା ପରେ ସେମାନେ ଏକ ବିଜ୍ଞପ୍ତି ଜାରି କରି ସିଡିଏ ଜମି ମାଲିକାନାସ୍ୱତ୍ତ୍ୱରେ ଥିବା ବ୍ୟକ୍ତିମାନଙ୍କଠାରୁ ଜବାବ ଲୋଡ଼ିଛନ୍ତି। ଯଦି ଜମିକୁ ନେଇ କାହାର କିଛି ଅଭିଯୋଗ ଥାଏ ତାହେଲେ ସେମାନେ ତାହା ଦାଖଲ କରିବେ। ଅଭିଯୋଗ ଦାଖଲ ପରେ ସେମାନଙ୍କ ପକ୍ଷ ଶୁଣାଯିବ। ତାପରେ ଫ୍ରି’ ହୋଲ୍‌ଡ୍‌କୁ ନେଇ ଯାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସଦର ତହସିଲ୍‌ରେ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଅନ୍ୟ ଦୁଇ ତହସିଲ୍ ପକ୍ଷରୁ କିନ୍ତୁ ଏ ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି।

## ଏଣିକି ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ଯୋଗ୍ୟତା ସ୍ନାତକ



**ଭୁବନେଶ୍ୱର :** ଏଣିକି ଅଙ୍ଗନୱାଡ଼ି ସୁପରଭାଇଜର ପାଇଁ ସର୍ବନିମ୍ନ ଯୋଗ୍ୟତା ସ୍ନାତକ ରଖାଯାଇଛି। ପୂର୍ବରୁ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ପାଇଁ ଯୋଗ୍ୟତା ମାଟ୍ରିକ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ଏବଂ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ମୋଟ୍ ୫ଟି ବିଭାଗର ୬ଟି ପ୍ରସ୍ତାବ ଆଗତ କରାଯାଇଥିଲା ଓ ସମସ୍ତ ପ୍ରସ୍ତାବକୁ ଆଲୋଚନା ପରେ ଅନୁମୋଦନ କରାଯାଇଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ଏଥିସହିତ ସରକାର ଅବକାରୀ ବିଭାଗ ନିୟମ ୨୦୧୭ ମଧ୍ୟ ସଂଶୋଧନ କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି କ୍ୟାଡର ପୁନଃଗଠନ ହେବ। ଏଥିସହିତ ୨୪ ନୂଆ ପଦବୀ ସୃଷ୍ଟି କରାଯିବାକୁ କ୍ୟାବିନେଟ୍ରେ ମଞ୍ଜୁରୀ ମିଳିଛି। ଅବକାରୀ କନଷ୍ଟେବଲ ଡିଭିଜନ ବଦଳାଯାଇ ଜିଲା କ୍ୟାଡର କରାଯାଇଛି। ୧୦୮ କୋଟି ଟଙ୍କା ବ୍ୟୟ ବରାଦରେ ବୈତରଣୀ ବାମ ଓ ଡାହାଣ କେନାଲ କାର୍ଯ୍ୟ ହେବ। ଏଥିସହିତ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ୬୦ ହଜାର ହେକ୍ଟର ଜମି ଜଳସେଚିତ ହେବ। ଆଗାମୀ ୫ ବର୍ଷ ପାଇଁ ୧୦୮ ସେବା ପାଇଁ ୨୩୧୮ କୋଟି ଟଙ୍କା ମଞ୍ଜୁରୀ କରାଯାଇଥିବା ମନୋଜ ଆହୁଜା ସୂଚନା ଦେଇଛନ୍ତି।


## ରାଜ୍ୟରେ ୪୬ ନୂଆ ସିଭିଲ୍ ଜଜ୍ କୋର୍ଟ ଗଠିତ

**ଭୁବନେଶ୍ୱର :** ରାଜ୍ୟରେ ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ ଗଠିତ ହୋଇଛି। ଉଚ୍ଚ ନ୍ୟାୟାଳୟ ସହ ପରାମର୍ଶ ପରେ ରାଜ୍ୟ ସରକାର ଏହି କୋର୍ଟକୁ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗଠିତ ହୋଇଥିବା କୋର୍ଟ ଗୁଡିକ ବାଲେଶ୍ୱରର ବାଲିଆପାଳ, ସିମୁଳିଆ, ସୋର, ବାହାନଗା, ଜଳେଶ୍ୱର। ସମ୍ବଲପୁରର ରେଙ୍ଗାଲି, ବାମରା, କୁଚିଣ୍ଡା, ଜମନକିରା। ରାୟଗଡାର ରାୟଗଡା। ପୁରୀର ସତ୍ୟବାଦୀ। କେନ୍ଦୁଝରର ସହରପଡା, ହରିଚନ୍ଦନପୁର, ମୟୁରଭଞ୍ଜର ବହଳଦା, ରାରୁଆଁ, ବିଶୋଇ ଓ ବାରିପଦା। ଜଗତସିଂହପୁରର ବାଲିକୁଦା, ନୂଆଗାଁ। ସୁନ୍ଦରଗଡର ବାଲିଶଙ୍କରା, ଲେଫ୍ରିପଡା, ବରଗାଁ ଓ କୁଆଁରମୁଣ୍ଡା। କଟକର ବାରଙ୍ଗ, କଣ୍ଟାପଡା, ସୋନପୁରର ଉଲୁଣ୍ଡା। ବରଗଡର ଭଟଲି, ଝାରସୁଗୁଡାର କୋଲାବିରା, ଖୋର୍ଦ୍ଧାର ବାଣପୁର, କୋରାପୁଟର ପଟାଙ୍ଗୀ। ଯାଜପୁରର ରସୁଲପୁର, କୋରେଇ ଓ ଧର୍ମଶାଳା। କେନ୍ଦ୍ରାପଡାର ମହାକାଳପଡା, ଗରଦପୁର ଓ ମାର୍ଶାଘାଇ। କନ୍ଧମାଳର ଟିକାବାଲି, କେ ନୂଆଗାଁ ଓ ଖଜୁରିଆପଡା। ଭଦ୍ରକର ତିହିଡି, ମାଲକାନଗିରିର ଖଇରପୁଟ, ଢେଙ୍କାନାଳର ଢେଙ୍କାନାଳ, ବଲାଙ୍ଗୀରର ପାଟଣାଗଡ ଓ ଗଞ୍ଜାମର କୁକୁଡାଖଣ୍ଡି, ଧରାକୋଟ ଓ ଗଞ୍ଜାମ।

## ପ୍ରତିଷ୍ଠା ହେବ ୫ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ମହିଳା କୋର୍ଟ

**ଭୁବନେଶ୍ୱର :** ରାଜ୍ୟରେ ପ୍ରତିଷ୍ଠା ହେବ ୫ଟି ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ମହିଳା କୋର୍ଟ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ହାଇକୋର୍ଟଙ୍କ ସହ ଆଲୋଚନା ଆରମ୍ଭ ହୋଇଛି। କୋର୍ଟ ପ୍ରତିଷ୍ଠା ଦିଗରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି ସରକାର। ମହିଳା କୋର୍ଟ ପ୍ରତିଷ୍ଠା ହେଲେ ବିରୋଧୀ ଅପରାଧରେ ତ୍ୱରିତ ନ୍ୟାୟ ମିଳିବା ସହ ଦଣ୍ଡ ବିଧାନ ହାର ବଢିବ। ପ୍ରାରମ୍ଭିକ ଭାବେ ୫ଟି ଏବଂ ପରେ ଏହି ସଂଖ୍ୟା ବୃଦ୍ଧି କରାଯିବ। ଏହାବାଦ୍ ୩୧୪ ବ୍ଲକ୍‌ରେ କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି। ଗ୍ରାମ୍ୟ ନ୍ୟାୟାଳୟ ବି ପ୍ରତିଷ୍ଠା କରିବେ ସରକାର।

## ରାଜ୍ୟରେ ହେବ ୨୦ ନୂତନ ଏନଏସି : ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ନୂଆ ଏନଏସି ଗଠନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ୨୦ ଏନଏସି ପାଇଁ ଜିଲ୍ଲାରୁ ରିପୋର୍ଟ ଆସିଛି। ରିପୋର୍ଟ ମିଳିବା ପରେ ଏହାର ତର୍ଜମା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ପଠାଯାଇଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ପଞ୍ଚାୟତିରାଜ ବିଭାଗ ତର୍ଜମା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ନୂଆ ଏନଏସି ଗଠନ ହେବ। ପୂର୍ବରୁ ନୂଆ ଏନଏସି ପାଇଁ ନିର୍ଦ୍ଧାରିତ ଫର୍ମ ପୂରଣ କରି ପଠାଇବାକୁ ଜିଲ୍ଲାପାଳଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରିପୋର୍ଟ ମଗାଯାଇଥିଲା। ୨୦ ଏନଏସି ପାଇଁ ରିପୋର୍ଟ ପହଞ୍ଚିଥିବା ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୭ ପ୍ରତିଶତ ସହରାଞ୍ଚଳ ରହିଛି। ଏହାକୁ ୩୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ସରକାର ଯୋଜନା ରଖିଛନ୍ତି। ସେହି ଅନୁସାରେ ନୂଆ ଏନଏସି, ମ୍ୟୁନିସପାଲିଟି ଗଠନ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଘାଇଲା ହେବ ପାକିସ୍ତାନ



ତାରକ ମହାନ୍ତି


ଆଉ କେତେଦିନ ଆତଙ୍କବାଦ ବିରୋଧରେ ଲଢେଇ କରିବାକୁ ଭାରତ ପ୍ରସ୍ତୁତ ରହିବ ଓ କେଉଁ ପ୍ରକାର ପ୍ରସ୍ତୁତି ଦରକାର ତାହା ଉପରେ ଏକ ଠୋସ ରଣନୀତି ଦରକାର। କୌଣସି ଦେଶ ଉପରେ ଯଦି ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହୁଏ ସେଠାରେ ସେନା ଓ ସରକାର ମିଳିତ ରଣନୀତି କରି ଶତ୍ରୁ ନିପାତର ବିସ୍ତୃତ ଫର୍ମୁଲା ଆପଣାଇବାକୁ ପଡିବ। ବିଶ୍ୱ ଜାଣିଛି ଭାରତର ଶତ୍ରୁ କେଉଁ ଦେଶ, ତଥାପି ବିଶ୍ୱ ସମୁଦାୟର କିଛି ଦେଶ ଭାରତ ଉପରେ ହେଉଥିବା ଆକ୍ରମଣ ପ୍ରତି ଆଦୌ ଗୁରୁତ୍ୱ ଦେଉନଥିବା କାରଣରୁ ହେଉ କିମ୍ବା ଶତ୍ରୁ କରୁଥିବା ଖରାପ କାର୍ଯ୍ୟ ପଛରେ ଆଉ କେହି ରହି ଭାରତକୁ ଦୁର୍ବଳ କରିବା ଷଡଯନ୍ତ୍ରରେ ଲିପ୍ତ ରହିଛନ୍ତି ଭାରତ ସେହି ସେହି ଦେଶ ପ୍ରତି ସଜାଗ ରହି ନିଜ ସୀମାକୁ ସୁରକ୍ଷିତ ନରଖିଲେ ଭବିଷ୍ୟତରେ ଏଭଳି ଅସଂଖ୍ୟ ବର୍ବର କାଣ୍ଡ ଘଟିବାର ଆଶଙ୍କା ରହୁଛି। ଜାମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ପର୍ଯ୍ୟଟଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାର ଯେଭଳି କଠୋର ନିଷ୍ପତ୍ତି ନେଇଛନ୍ତି ତାହା ଆଗରୁ ଦେଖିବାକୁ ମିଳିନଥିଲା। ବିନା ସର୍ଜିକାଲ ଷ୍ଟ୍ରାଇକରେ ଆତଙ୍କୀ ଦେଶ ପାକିସ୍ତାନକୁ କଡା ସନ୍ଦେଶ ଦେଇଛି ଭାରତ। ମାତ୍ର ପାଞ୍ଚୋଟି ବଡ଼ ନିଷ୍ପତ୍ତି ପାକିସ୍ତାନକୁ ବଡ଼ ଝଟକା ଦେଇଛି ନିଶ୍ଚୟ। ୧୯୬୦ ମସିହାରେ ସୀମା ପାର ଆତଙ୍କବାଦ ବନ୍ଦ ନକରିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରି ଭାରତ ଏଭଳି ଏକ କୁଟନୈତିକ ଯୁଦ୍ଧ ଆରମ୍ଭ କରିଛି ଯେଉଁଥିରେ ବର୍ବାଦ ହେବ ପାକିସ୍ତାନ। ଭାରତର ନିଷ୍ପତ୍ତିରେ ବିଚଳିତ ପାକିସ୍ତାନ କହିଲାଣି ଯେ, ସିନ୍ଧୁ ଜଳ ନମିଳିଲେ ତାଙ୍କ ଦେଶର କୃଷକ ମରିଯିବେ। କିନ୍ତୁ ପାକିସ୍ତାନ ଯେଉଁ ନୂଆ କୃଷି କରୁଛି ତାହା ହେଉଛି ଆତଙ୍କବାଦୀ ଚାଷ। ସେହି କୃଷି ଯେଉଁଦିନ ମରିବ ସେଦିନ ପାକିସ୍ତାନ ବୁଝିବ ଯେ କୂଟନୀତି ଓ ରାଜନୀତି ମଧ୍ୟରେ କେତେ ପାର୍ଥକ୍ୟ। ଭାରତର ୫ ବଡ଼ ନିଷ୍ପତ୍ତି : ପାକିସ୍ତାନୀଙ୍କୁ ଭାରତ ମନା, ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ, ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିସନରୁ ଅଲୋଡ଼ା ବ୍ୟକ୍ତି ତଡା ଖାଇବେ, ଅଟାରୀ-ୱାଘା ଚେକପୋଷ୍ଟ ବନ୍ଦ ଏବଂ ପାକିସ୍ତାନରୁ ତିନି ସେନାର ପରାମର୍ଶଦାତା ପ୍ରତ୍ୟାହାର। ହେଲେ ଏତିକି କଣ ଯଥେଷ୍ଟ ପାକିସ୍ତାନ ପାଇଁ? ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ ନେଇ ଯେଉଁ ଆତଙ୍କୀ ଆମ ନିରୀହ ଲୋକଙ୍କୁ ହତ୍ୟା କରିଛନ୍ତି ଏହାର ବଦଲା ଦରକାର। କୁଟନୈତିକ ସ୍ତରରେ ଅନେକ କିଛି ହେଲେ ବି ଦେଶର ଜନତା ଚାହାଁନ୍ତି ତୁରନ୍ତ ପ୍ରତିଶୋଧ। ଦୀର୍ଘବର୍ଷ ଧରି ଭାରତ ବିରୋଧରେ ପାକିସ୍ତାନର ଷଡଯନ୍ତ୍ର ଆମ ଦେଶକୁ ଅସ୍ଥିରତାର ଚରମ ଦିଗକୁ ନେଇଯାଉଛି। ପ୍ରତ୍ୟେକ ଘଟଣାରେ ଭାରତୀୟ ଜନଜୀବନକୁ ବିପର୍ଯ୍ୟସ୍ତ କରିବା ସହିତ ଆମର ଆର୍ଥିକ ବ୍ୟବସ୍ଥାକୁ ଅନେକ କ୍ଷତି ପହଞ୍ଚାଉଥିଲେ ସୁଦ୍ଧା ଆମେ ପାକିସ୍ତାନକୁ ତାରି ଭାଷାରେ ସଠିକ ଉତ୍ତର ଦେଇନପାରିବା କାରଣ ଶତ୍ରୁକୁ ଉଚିତ ଶିକ୍ଷା ମିଳୁନାହିଁ ବୋଲି ବିଚାର କରିବାକୁ ପଡୁଛି। ପାକିସ୍ତାନକୁ ସବୁ କ୍ଷେତ୍ରରେ ବୟକଟ କରିବା ସହିତ ଆତଙ୍କବାଦୀଙ୍କ ଜନକ ମାନଙ୍କୁ ନିପାତ କରୁ ଭାରତ। ସର୍ଜିକାଲ ଷ୍ଟ୍ରାଇକ ସୀମା ନିକଟରେ ନହୋଇ ରାୱଲପିଣ୍ଡି ଓ କରାଚି ଉପରେ ହେଲେ ହିଁ ପାକିସ୍ତାନ ବୁଝିବ ଭାରତର ଶକ୍ତି କଣ! ବର୍ତ୍ତମାନ ଭାରତ ପାଇଁ ପ୍ରକୃଷ୍ଟ ସମୟ ପାକିସ୍ତାନ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ। ଚୀନ ଏବେ ଭାରତ ବିରୋଧରେ କୌଣସି ପଦକ୍ଷେପ ନେବ ନାହିଁ। କାରଣ ଜିନପିଙ୍ଗ ସରକାର ଉପରେ ଆମେରିକା ରାଷ୍ଟ୍ରପତି ଯେଉଁ ଲଗାମ କସିଛନ୍ତି ସେଥିରେ ଚୀନ ବିଚଳିତ। ଚୀନର ସେୟାର ବଜାର ଧ୍ୱସ୍ତ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ଚୀନ ମୋଦିଙ୍କ ସହାୟତା ଲୋଡୁଛି, ନିମନ୍ତ୍ରଣ ଦେଉଛି। ଅନ୍ୟପଟେ ବଲୁଚିରେ ପାକ ବିରୋଧୀ ସ୍ୱର ପାକିସ୍ତାନ ପାଇଁ ଚିନ୍ତାର କାରଣ ପାଲଟିଛି। ଆଫଗାନ ପଟୁ ପାକିସ୍ତାନ ପାଇଁ ବିପଦ ଶୀର୍ଷ ସ୍ତରରେ। ଭାରତ ସୀମାରୁ ପାକିସ୍ତାନ ସୈନ୍ୟ ହଟାଇ ଆଫଗାନ ସୀମାରେ ଠୁଳ କରିଛି। ଏତିକିବେଳେ ଭାରତର ସ୍ଥଳ ସେନା ପାକିସ୍ତାନ ସୀମାରେ ଦୈନିକ ଦୀପାବଳି ପାଳନ କଲେ ପାକିସ୍ତାନ ଦ୍ୱନ୍ଦ୍ୱରେ ପଡି ପୁଣି ଆଫଗାନ ସୀମାରୁ ସୈନ୍ୟ ଭାରତ ସୀମାକୁ ଆଣିବାକୁ ବାଧ ହେବ। ଏବେ ସେହି ଦିଗରେ ଭାରତର ଆଭିମୁଖ୍ୟ କଠୋର ହେଉଛି। ପହେଲଗାମ ଆକ୍ରମଣ ଭାରତର ଆତ୍ମା ଉପରେ ଆକ୍ରମଣ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ବିହାରରୁ ଆତଙ୍କୀବାଦୀଙ୍କୁ କଡା ବାର୍ତ୍ତା ଦେଇ ମୋଦି କହିଛନ୍ତି, ପହେଲଗାମ ଆକ୍ରମଣ ପଛରେ ଥିବା ଆତଙ୍କବାଦୀ ଏବଂ ଷଡଯନ୍ତ୍ରକାରୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ମିଳିବ। କୌଣସି ଆତଙ୍କୀ ନିସ୍ତାର ପାଇବେ ନାହିଁ। ସେମାନଙ୍କୁ ପାତାଳରୁ ଖୋଜି ନିପାତ କରାଯିବ ଏବଂ ସେମାନଙ୍କ ଭିତ୍ତିଭୂମି ଯାହା ବି ରହିଛି ତାହାକୁ ମାଟିରେ ମିଶାଇ ଦିଆଯିବ। ସମଗ୍ର ଦେଶବାସୀ ମଧ୍ୟ ଏଇଆ ଆଶା କରୁଛନ୍ତି। କାରଣ ପହେଲଗାମରେ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ହତ୍ୟା କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ପ୍ରତ୍ୟେକ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକଙ୍କୁ ଚିହ୍ନଟ କରିବ, ଠାବ କରିବ ଏବଂ ଦଣ୍ଡିତ କରିବ। ଏହି ବାର୍ତ୍ତା ସାରା ବିଶ୍ୱକୁ ଜଣାଇ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଏଥିସହ ସେ କହିଛନ୍ତି' ବିହାର ମାଟିରୁ ମୁଁ ସମଗ୍ର ବିଶ୍ୱକୁ କହୁଛି, ଆମେ ସେମାନଙ୍କୁ ପୃଥିବୀର ଶେଷ ପର୍ଯ୍ୟନ୍ତ ଅନୁସରଣ କରିବୁ। ପାକିସ୍ତାନ ଟିଭି ପ୍ରବକ୍ତା କିନ୍ତୁ ଭାରତର ନିଷ୍ପତ୍ତିକୁ ଭୁଲ ବୋଲି କହିବା ସହିତ କହୁଛନ୍ତି ଯେ, ଯୁଦ୍ଧ ହେବ ତ ପରମାଣୁ ହତିଆରରେ ହେବ। କେହି କେହି ପାକିସ୍ତାନୀ ସିନ୍ଧୁ ଜଳଚୁକ୍ତିକୁ ଭୁଲ ଦର୍ଶାଇବା ସହିତ ପହେଲଗାମ ଘଟଣାକୁ ଗୁରୁତର ଭାବେ ନେଉନାହାନ୍ତି। କିନ୍ତୁ ଭାରତର ବହୁ ମୁସଲିମ ପାକିସ୍ତାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଚାହାଁନ୍ତି। ପାକିସ୍ତାନ ଗଣମାଧ୍ୟମରେ ଭାରତର ପଦକ୍ଷେପକୁ ଭୁଲ ଦର୍ଶାଯାଉଛି। ସେଠାରେ ଟିଭିରେ ଯେଉଁ ବିତର୍କ ଚାଲିଛି ପହେଲଗାମ ଘଟଣାରେ ଜଡିତ ଆତଙ୍କବାଦୀଙ୍କୁ ସହିଦ ବୋଲି କହୁଛି ପାକିସ୍ତାନ। ଭାରତରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ପାକିସ୍ତାନ ଦ୍ୱାରା ହେଉନଥିବା ତାଙ୍କ ଲୋକ କହୁଛନ୍ତି। ହେଲେ ତାଙ୍କରି ଜଣେ ମନ୍ତ୍ରୀ ମାନୁଛନ୍ତି ଯେ, ଆମେରିକା ଓ ପଶ୍ଚିମ ଦେଶ ହିଁ ପାକିସ୍ତାନରେ ଗତ ୩୦ ବର୍ଷ ହେଲା ଏହି କାରଖାନା ଚଳାଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ପାକିସ୍ତାନ ହିଁ ଆତଙ୍କବାଦୀଙ୍କର ଜନକ ଦେଶ। ତଥାପି ଏହି କଥାକୁ ଦୀର୍ଘବର୍ଷ ଧରି ପାକିସ୍ତାନ ସ୍ୱୀକାର କରୁନଥିଲା। ଭାରତରେ ଘଟିଥିବା ବିଭିନ୍ନ ଆତଙ୍କୀ ଆକ୍ରମଣ ଘଟଣାରେ ସମସ୍ତ ପ୍ରମାଣପତ୍ର ସରକାର ଜାତିସଂଘକୁ ଜଣାଇଥିବା ସତ୍ତ୍ୱେ ପାକିସ୍ତାନ ଉପରେ ବଡବଡ ଦେଶମାନେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଏହାପଛରେ ଅନେକ କିଛି ଗୋପନ ରହସ୍ୟ ରହିଯାଉଛି। ପାକିସ୍ତାନ ଭଳି ଗୋଟେ କାଙ୍ଗାଳ ଦେଶ ଖାଇବାକୁ ପାଉନଥିଲା ବେଳେ ଆତଙ୍କୀ ପାଳନ ପାଇଁ ଟଙ୍କା ପାଉଛି କେଉଁଠୁ? ଏଭଳି ଅସଂଖ୍ୟ ପ୍ରଶ୍ନ ଭିତରେ ପହଲଗାମରେ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରି ପୁଣିଥରେ ନିଜର ଅସଲ ଚେହେରା ପଦାରେ ପକାଇ ଦେଇଛି। ହେଲେ ବିଡମ୍ବନାର ବିଷୟ ପାକିସ୍ତାନ କେବେ ଭାବୁନଥିଲା ସାମ୍ପ୍ରତିକ ଘଟଣା ତା' ପାଇଁ ବିପଦକୁ ବରଣ କରିଛି। ଆମେରିକା, ଋଷ ଏବଂ ଇସ୍ରାଏଲ ଭଳି ଦେଶମାନେ ଏବେ ଭାରତକୁ ସମର୍ଥନ ଦେଇ ପାକିସ୍ତାନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଯେଉଁ ସନ୍ଦେଶ ଦେଉଛନ୍ତି ସେଥିରେ ଘାଇଲା ହେଇଯିବ ପାକିସ୍ତାନ।


## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


### ଗାନ୍ଧିଜୀଙ୍କ ପ୍ରତି ବିଶ୍ୱାସଘାତକତା

# ରାଜ୍ୟରେ ଦୁଇ ଦଶନ୍ଧି ମଧ୍ୟରେ ଅବକାରୀ ରାଜସ୍ୱ ୭ ହଜାର କୋଟି ଟଙ୍କାକୁ ବୃଦ୍ଧି




ରବି ରଥ


ବର୍ଷକୁ ମାତ୍ର ଦୁଇ ଥର ଆମେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କୁ ସ୍ମରଣ କରିଥାଉ। ଗୋଟିଏ ହେଲା ପ୍ରତିବର୍ଷ ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ। ଅନ୍ୟଟି ହେଲା ପ୍ରତିବର୍ଷ ଜାନୁୟାରୀ ମାସ ୩୦ ତାରିଖରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ। ଏହି ଦୁଇଟି ଦିନରେ ଆମ ନେତାମାନେ ଗାନ୍ଧୀଙ୍କୁ ସ୍ମରଣ କରି କେତେ କଥା କହିବେ, ଶୋକ ପ୍ରକଟ କରିବେ। କେତେ କେତେ କଥା ଗାନ୍ଧୀଙ୍କ ନାମ ନେଇ ଶପଥ କରିବେ। କିନ୍ତୁ ଦେଖିବାକୁ ଗଲେ ଏସବୁ କେବଳ ଗାନ୍ଧୀଙ୍କ ପ୍ରତି ଅପମାନ, ପ୍ରତାରଣା, ବିଶ୍ୱାସଘାତକା ଛଡା ଆଉ କିଛି ହୋଇନପାରେ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ନିଶା ନିବାରଣ ଏକ ଦୃଢ ସଂକଳ୍ପ ଥିଲା। ବିଦେଶୀ ଦ୍ରବ୍ୟ ବର୍ଜନ ସହ ନିଶାରୁ ମୁକ୍ତି ଥିଲା ମହାତ୍ମା ଗାନ୍ଧୀଙ୍କ ବଜ୍ର ଆହ୍ୱାନ। ଦେଶ ସ୍ୱାଧୀନ ହେଲା। ଭାରତୀୟ ସମ୍ବିଧାନରେ ମଧ୍ୟ ଏହା ଉଲ୍ଲେଖ କରାଗଲା ଏବଂ ଏକ ନିଶାମୁକ୍ତ ରାଷ୍ଟ୍ର ପାଇଁ ସରକାର ନିଜର ବଚନ ବଦ୍ଧତା ଘୋଷଣା କଲେ।

THE CONSTITUTION OF INDIA

Part-IV.-Directive Principles of State Policy:-

47. The State shall regard the raising of the level of nutrition and the standard of living of its people and the improvement of public health as among its primary duties and, in particular, the State shall endeavour to bring about prohibition of the consumption except for medicinal purposes of intoxicating drinks and of drugs which are injurious to health.

ଅର୍ଥାତ୍ ନିଶା ନିବାରଣ ସଂପର୍କରେ ଭାରତୀୟ ସମ୍ବିଧାନର ଚତୁର୍ଥ ଅନୁଚ୍ଛେଦ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଅନ୍ତର୍ଗତ ସମ୍ବିଧାନର ୪୭ ଧାରାରେ ନିଶା ନିବାରଣ ସଂପର୍କରେ ଉଲ୍ଲେଖ ରହିଛି ଓ ସ୍ପଷ୍ଟ ନିର୍ଦ୍ଦେଶ ଅଛି, ସରକାର ଜନସାଧାରଣଙ୍କର ଦୃଷ୍ଟି ସ୍ତରରେ ଉନ୍ନତି ଘଟାଇ, ସେମାନଙ୍କ ଜୀବନ ଧାରଣ ମାନର ଉନ୍ନତି ଘଟାଇବେ ଏବଂ ସର୍ବସାଧାରଣଙ୍କର ସ୍ୱାସ୍ଥ୍ୟର ଉନ୍ନତି ଘଟାଇବେ। ଯାହାକି ସରକାରଙ୍କର ପ୍ରାଥମିକ କର୍ତ୍ତବ୍ୟ। କେବଳ ଔଷଧାର୍ଥେ ନିଶା ସେବନକୁ ଛାଡିଦେଲେ ଅନ୍ୟ କ୍ଷେତ୍ରରେ ଜନସାଧାରଣ କିଭଳି ନିଶା ସେବନରୁ ବିରତ ରହିବେ ତାହା ସରକାରଙ୍କର ଉଦ୍ୟମ ହେବା ଉଚିତ। ସମ୍ବିଧାନର ଚତୁର୍ଥ ଅନୁଚ୍ଛେଦ ୪୭ ଧାରାରେ ଏକ ଜନମଙ୍ଗଳ ରାଷ୍ଟ୍ରର ମୌଳିକ କର୍ତ୍ତବ୍ୟ ସଂପର୍କରେ, ଯାହା ଉଲ୍ଲେଖ ରହିଛି ସେଥିରେ ମହାତ୍ମାଗାନ୍ଧୀଙ୍କ ନିଶା ନିବାରଣ ନୀତିର ପ୍ରତିଫଳନ ଦେଖିବାକୁ ମିଳିଥାଏ। କିନ୍ତୁ ପରବର୍ତ୍ତୀ କାଳରେ ସମ୍ବିଧାନରେ ଲିଖିତ ଅନେକ ନିୟମ ପରି ନିଶାମୁକ୍ତି ମଧ୍ୟ ଏକ ପୋଥିଗତ ବ୍ୟବସ୍ଥା ହୋଇ ରହିଗଲା। ନିଶା ନିବାରଣ ପରିବର୍ତ୍ତେ ଦେଶରେ ନିଶାର ପ୍ରସାର ଦିନକୁ ଦିନ ବଢିବାକୁ ଲାଗିଲା। କ୍ଷମତାକୁ ଆସୁଥିବା ଦଳଗୁଡିକ କ୍ଷମତାରେ ରହିବା ପାଣ୍ଠି ସମୃଦ୍ଧି କରିବା ପାଇଁ ଏହାକୁ ଏକ ମୁଖ୍ୟ ସ୍ରୋତ ରୂପେ ଧରିନେଲେ। ଫଳରେ ପରିଣତି ଯାହା ଦେଖିବାକୁ ମିଳୁଛି। ମଦ୍ୟପାନ କରି ଯଦୁକୁଳ ଧ୍ୱଂସ ପାଇଗଲା। ନିଶାର ଏକ ଏପରି ଶକ୍ତି ରହିଛି ଯାହା ମଣିଷର ହିତାହିତ ଜ୍ଞାନକୁ ନଷ୍ଟ କରିଦେଇଥାଏ। ଆଜି ଘରେ ଘରେ ନିଶାର ପ୍ରଭାବ ଦେଖିବାକୁ ମିଳୁଛି। ଅନେକ ଘର ଭାଙ୍ଗିଯାଇଛି କେବଳ ଏହି ନିଶା ଯୋଗୁଁ। ଦେଶରେ ସୃଷ୍ଟି ହେଉଛି ସମସ୍ତ ପ୍ରକାର ବିଶୃଙ୍ଖଳା, ହତ୍ୟା, ଧର୍ଷଣ, ଚୋରି, ଡକାୟତି ଓ ନାନା ପ୍ରକାର ହିଂସାକାଣ୍ଡ। ତଥାପି ସରକାରଙ୍କ ନିଦ ଭାଙ୍ଗିବାକୁ ନାହିଁ।

ଆୟ ଆଳରେ ପ୍ରତିବର୍ଷ ମଦ ଦୋକାନ ସଂଖ୍ୟା ବଢି ବଢି ଚାଲିଛି ଆଉ ଯେଉଁମାନେ ଏହାର ପ୍ରସାର କରୁଛନ୍ତି ସେମାନଙ୍କ ହାତରେ ରହିଛି ପ୍ରଚୁର ଧନସଂପତ୍ତି ଓ ସେମାନେ ବାହୁ ବଳରେ ବଳିୟାନ। ଏଣୁ ଆଜି କୌଣସି ସ୍ୱେଚ୍ଛାସେବୀ ସଂଗଠନ ହେଉ କିମ୍ବା ବ୍ୟକ୍ତିବିଶେଷ ହୁଅନ୍ତୁ ମଦ ଦୋକାନ ଆଗରେ ପିକେଟିଂ କରିବା ବା ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସାହାସ କରିବା ସମ୍ଭବ ହେଉ ନାହିଁ। ଆଉ କେହି ଯଦି ମଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲା ତେବେ ତାକୁ ନୃସଂଶ ଭାବେ ହତ୍ୟା କରାଯାଉଥିବା ଦୃଷ୍ଟାନ୍ତ ମଧ୍ୟ ଏବେ ଆମ ସମାଜରେ ବିରଳ ନୁହେଁ। କାରଣ ମଦ ବ୍ୟବସାୟୀଙ୍କ ପ୍ରଭାବ ଓ ଶକ୍ତି ତାକୁ ଖତମ କରିଦେବାକୁ କ୍ଷଣଟିଏ ସମୟ ମଧ୍ୟ ଲାଗିବ ନାହିଁ। ତାହାହେଲେ କିଏ ଏହାର ପ୍ରତିବାଦ କରିବ? ନିଶା ରାକ୍ଷସ କବଳରୁ ଦେଶକୁ ମୁକ୍ତି କରିବା କଣ ସମ୍ଭବ ନୁହେଁ? ଯଦୁବଂଶ ବିନାଶ ପରି ଏ ଦେଶ ଏ ଜାତି କଣ ବିନାଶର ପଥରେ ମାଡିଚାଲିବ। ବାକ୍ତି ଜୀବନ ଓ ସାମାଜିକ ଜୀବନରୁ ସ୍ୱଚ୍ଛତା ଦୃଷ୍ଟିରୁ ସବୁଠାରୁ ଅଧିକ ଭୟାବହ ହେଉଛି ମଦ୍ୟ। ଧନୀ, ଦରିଦ୍ର, ଶ୍ରମିକ, ମାଲିକ-ସବୁ ଶ୍ରେଣୀର ଲୋକେ ଏବେ ମଦ ରାକ୍ଷସ ଦ୍ୱାରା କବଳିତ। ତେବେ କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ରୂପରେ ମଦ୍ୟକୁ ବ୍ୟବହାର କରାଯାଉଛି। ଆଧୁନିକ ଆଜିର ସମାଜରେ ମଦ୍ୟପାନ ଏକ ଆଭିଜାତ୍ୟର ପ୍ରତୀକ ରୂପେ ଧନୀ, ବିଳାସୀ ଓ ପଦସ୍ଥ ବ୍ୟକ୍ତିଙ୍କ ମଧ୍ୟରେ ବିବେଚିତ ହେଲାଣି। ମଦ୍ୟପାନ ବା ନିଶା ସେବନର ମନ୍ଦଫଳ ସର୍ବଜନବିଦିତ। ମଦ୍ୟାସକ୍ତ ଲୋକମାନେ ନାନାଦି ଜଘନ୍ୟ କାର୍ଯ୍ୟ ହତ୍ୟାକାଣ୍ଡ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। ବହୁ ଲୋକ ନିଶାସକ୍ତ ହୋଇ ସର୍ବସ୍ୱାନ୍ତ ହୋଇଯାଇଥିବାର ଦୃଷ୍ଟାନ୍ତ ବିରଳ ନୁହେଁ। ବହୁ ଜ୍ଞାନୀ, ଗୁଣୀ, ଶିଳ୍ପୀ, କଳାକାର, ମଦ୍ୟ କବଳରେ ପଡି ନିଜ ପ୍ରତିଭାର ଉପଯୁକ୍ତ ବ୍ୟବହାର କରିପାରି ନାହାନ୍ତି। ମଦ୍ୟ ଓ ନିଶା ଯୋଗୁଁ ପାରିବାରିକ ଶାନ୍ତି ନଷ୍ଟ ହୁଏ। ସାମାଜିକ ଶୃଙ୍ଖଳା ନଷ୍ଟ ହୁଏ। ଯୁବକ ଯୁବତୀମାନେ ପଥଭ୍ରଷ୍ଟ ହୁଅନ୍ତି। ସାମାଜିକ ମୂଲ୍ୟବୋଧ ଧୂଳିରେ ମିଶିଯାଏ। ବ୍ୟକ୍ତିର ନୈତିକ ଚରିତ୍ରରେ ଅଧୋଗତି ଘଟେ। କଥାରେ ଅଛି "ମଣିଷ ମଦ ଖାଏ ନାହିଁ, ବରଂ ମଦ ମଣିଷକୁ ଖାଏ"। ଏ କଥାଟି ଅକ୍ଷରେ ଅକ୍ଷରେ ସତ୍ୟ। ଦରିଦ୍ର ଓ ଶ୍ରମିକ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ମଦର ବିଭୀଷିକା ଚରମ ଅଟେ। ଶସ୍ତା ଦେଶୀ ମଦ୍ୟପାନ କରି ସେମାନେ ନିଜର ସ୍ୱାସ୍ଥ୍ୟ ହରାନ୍ତି। ବେଳେ ବେଳେ ବିଷାକ୍ତ ମଦ୍ୟପାନ କରି ବିଭିନ୍ନ ସମୟରେ ଶହ ଶହ ଲୋକ ମୃତ୍ୟୁବରଣ କରନ୍ତି ଏବଂ ଜୀବିତ ଥିଲେ ମଧ୍ୟ ଦୃଷ୍ଟିଶକ୍ତି ହରାଇଥାନ୍ତି। ମଦରୁ ସରକାର ଅଧିକ ରାଜସ୍ୱ ପାଇଥାନ୍ତି। ଅନ୍ୟ ପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଦ ଲାଇସେନ୍ସ ପାଇ ମଦ ବ୍ୟବସାୟୀମାନେ ପ୍ରଚୁର ଲାଭ ଉଠାଇଥାନ୍ତି। ତେଣୁ ବିଷାକ୍ତ ମଦ୍ୟପାନ କରି ଲୋକଙ୍କ ଜୀବନ ଗଲେ ବି ସରକାର କିମ୍ବା ମଦ ବ୍ୟବସାୟୀ ମାନଙ୍କର କିଛି ଖାତିର ନାହିଁ। ଟଙ୍କା ଫିଙ୍ଗି ପ୍ରଶାସନର ମୁହଁ ବଙ୍କା କରିବାର ବାହାନା ସେମାନଙ୍କୁ ଭଲ ରୂପେ ଜଣା। ସେଥିଲାଗି ମୂଳ ମଦରେ ୟୁରିଆ। ଭଳି ସାର ମିଶାଇ ଏହାକୁ ଗାଢ ଓ ପ୍ରଚୁର ନିଶାଯୁକ୍ତ କରିବାକୁ ଏହିମାନେ ପଛାଉ ନାହାନ୍ତି। ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନେ ଏହାକୁ ପାନ କରିବା ମାତ୍ରେ ନିଶାସକ୍ତ ହୋଇଯାଆନ୍ତି ଏବଂ ବିଷ ପରିମାଣ ଅଧିକ ଥିବାରୁ ମୃତ୍ୟୁର ଶୀକାର ହୁଅନ୍ତି। ବର୍ତ୍ତମାନ ଅବସ୍ଥା ଏପରି ହୋଇଛି ଯେ, ଚୋରାମଦ ପ୍ରସ୍ତୁତି ଏବେ ସମଗ୍ର ରାଜ୍ୟରେ ଏପରିକି ଦେଶର ବିଭିନ୍ନ ଅଞ୍ଚଳରେ କୁଟୀର ଶିଳ୍ପରେ ପରିଣତ ହୋଇଗଲାଣି ତାହା ଦେଶୀ ହେଉ କିମ୍ବା ବିଦେଶୀ ହେଉ। ଯାହାରି ଫଳରେ ମଦ୍ୟପାନ ଜନିତ ଅପରାଧ ଏବେ ସମଗ୍ର ଦେଶରେ ବଢିଚାଲିଛି। ମଦ ପ୍ରସ୍ତୁତ କରି ବେପାରୀମାନେ ବିଭିନ୍ନ ଉପାୟରେ ଶହ ଶହ ଲିଟର ଚୋରାମଦ ବିଭିନ୍ନ ଅଞ୍ଚଳକୁ ଅବାଧରେ ଚାଲାଣ କରୁଛନ୍ତି ଏବଂ ଗାଁ ଗଣ୍ଡାରେ ଥିବା ଛୋଟ ଛୋଟ ମଦବେପାରୀମାନେ ପ୍ରେତ୍ୟେକ ଦିନ ୨୫ ରୁ ୩୦ ଲିଟର ମଦ ଧରି ସାଇକେଲରେ ଗାଁଗାଁ ବୁଲି ବିକ୍ରୀ କରୁଛନ୍ତି। ଯାହାରି ଫଳରେ ମଦ ବିକ୍ରୀ ଓ ମଦ୍ୟପୀମାନଙ୍କ ସଂଖ୍ୟା ସର୍ବତ୍ର ବଢିବାରେ ଲାଗିଛି। ଅବକାରୀ, ପୋଲିସ, ପ୍ରଶାସନ ଓ ସରକାର କେବଳ ନୀରବଦ୍ରଷ୍ଟା। କେତେକ ବିଭାଗୀୟ ଅଧିକାରୀଙ୍କ ଜାଣତରେ ରାଜ୍ୟ ଭିତରକୁ, ବାହାର ରାଜ୍ୟରୁ ମଦ ଚୋରାଚାଲାଣ ହୋଇଆସୁଛି। ଏପରିକି ବାହାର ରାଜ୍ୟର ବ୍ୟବସାୟୀମାନେ ବିଭିନ୍ନ ଅଞ୍ଚଳରେ ସେମାନଙ୍କ ମଦର ପସରା ମେଲାଇ କୋଟି କୋଟି ଟଙ୍କା ଲୁଟି ନେଉଥିବା ଅଭିଯୋଗ ମଧ୍ୟ ଆମ ରାଜ୍ୟରେ କମ୍ ନୁହେଁ। ସ୍ୱାଧୀନତା ପରେ ପରେ ନିଶା ନିବାରଣ କାର୍ଯ୍ୟକ୍ରମ ପ୍ରତି ସରକାରଙ୍କର ଯେତିକି ନିଷ୍ଠା ଓ ଆଗ୍ରହ ଥିଲା ସେହିଭଳି ନିଷ୍ଠା ସାଧୀନତାର ପରବର୍ତ୍ତୀ କାଳରେ ଆଉ ଦେଖାଗଲା ନାହିଁ। ଗାନ୍ଧିଜୀଙ୍କର ୧୪ ଦଫା ରଚନାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ନିଶା ନିବାରଣ ପ୍ରଧାନ ସ୍ଥାନ ଅଧିକାର କରିଥିଲା। ଏବେ କିନ୍ତୁ ବିଭିନ୍ନ ରାଜ୍ୟରେ, ସରକାର ଅବକାରୀ ରାଜସ୍ୱ ନିଜର ଏକ ପ୍ରଧାନ ସମ୍ବଳ ରୂପେ ବିବେଚନା କରି ମଦ୍ୟର ପ୍ରସାରକୁ ଏକ ପ୍ରକାର ଉତ୍ସାହିତ କରିବାରେ ଲାଗିଛନ୍ତି। ଦିନ ଥିଲା ସ୍ୱାଧୀନତାର ପରବର୍ତ୍ତୀ କାଳରେ, କ୍ଷମତାସୀନ କଂଗ୍ରେସ ଦଳର ଦେଶବାସୀଙ୍କ ପ୍ରତି ଏକ ନାରା ଥିଲା। ନିଶା ନିବାରଣ ହୋଇବ ଯେବେ, ଦେଶରୁ ଗରିବ ହଟିବ ସେବେ। ତେବେ ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ କଂଗ୍ରେସ ଦଳ ପକ୍ଷରୁ ଦିଆଯାଇଥିବା ସେହି ନାରା ନାରାରେ ହିଁ ରହିଗଲା ଓ ସମଗ୍ର ଦେଶରେ ଗାନ୍ଧିଜୀଙ୍କ ସପ୍ନ ନିଶା ନିବାରଣ ତ ହେଲା ନାହିଁ, ବରଂ ଦେଶରେ ନିଶାର ଅବାଧ ପ୍ରସାର ବେଳକୁ ବେଳ ବୃଦ୍ଧି ପାଇ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରବଳ ବେଗରେ ଦେଶୀବିଦେଶୀ ମଦର ବହୁଳ ପ୍ରସାର ଘଟି ଦେଶରୁ ଗରୀବ ହଟିବ କଣ ମଦ୍ୟପାନ କରି ଲୋକଟିଏ ସର୍ବସ୍ୱାନ୍ତ ହୋଇ କାଙ୍ଗାଳ ହୋଇ ବୁଲିବା ଦୃଶ୍ୟ ଦେଖିବା ମଧ୍ୟ ଆମ ରାଜ୍ୟ, ଆମ ଦେଶରେ ବିରଳ ନୁହେଁ।

ନିଶା ନିବାରଣ ସଂପର୍କରେ ଗାନ୍ଧିଜୀ କହିଥିଲେ, "ବରଂ ଏ ଦେଶ କପର୍ଦ୍ଦକ ଶୂନ୍ୟ ହୋଇଯାଉ କିନ୍ତୁ ମଦ୍ୟପୀ ନ ହେଉ" ଗାନ୍ଧିଜୀଙ୍କ ବହୁ ପ୍ରିୟ କାର୍ଯ୍ୟ ମଧ୍ୟରେ ନିଶା ନିବାରଣ ଥିଲା ଅନ୍ୟତମ। ମଦ ଦେଇ ଗରୀବ ଲୋକଙ୍କୁ ଠକିବା ଏବଂ ଏହି ଠକ ବୃତ୍ତି ଦ୍ୱାରା ଉପାର୍ଜିତ ଅର୍ଥରେ ସରକାର ଅଂଶୀଦାର ହେବା ସମାଜବାଦ ନୁହେଁ କିମ୍ବା ସୁଶାସନ ନୁହେଁ। ମଦ୍ୟପାନ ଠାରୁ ମନ୍ଦ ଜିନିଷ କିଛି ନାହିଁ। ସବୁ ଯୁଗରେ ଏହି ମଦ କାରବାରକୁ ନିନ୍ଦିତ ବୋଲି ଗ୍ରହଣ କରାଯାଇଛି। ଲୋକଙ୍କର ଘର ଭାଙ୍ଗିବା ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅଶାନ୍ତି ଓ ଅପ୍ରୀତିକର ପରିସ୍ଥିତି ଆଜିର ସମାଜରେ ଯେପରି ସଂକ୍ରାମକ ରୋଗ ପରି ବ୍ୟାପିବାରେ ଲାଗିଛି ତାର ଗୋଟିଏ ମାତ୍ର କାରଣ ମଦ। ମଦ୍ୟପ ସ୍ୱାମୀମାନଙ୍କ ଯୋଗୁଁ ହଜାର ହଜାର ସ୍ତ୍ରୀ ଲୋକଙ୍କ ଜୀବନ ଓ ସୁଖ ନଷ୍ଟ ହୋଇଯାଉଛି। ବର୍ତ୍ତମାନ ସମୟରେ ଯେତେ ନାରୀ ଧର୍ଷଣ, ଅପରାଧ ଓ ଦୁର୍ଘଟଣାମାନ ଘଟିଚାଲିଛି ସେଥିପାଇଁ ଏହି ମଦ ହିଁ ବିଶେଷ ଭାବରେ ଦାୟୀ। ନିଶା ନିବାରଣ ହେଉଛି ଏକ ମାତ୍ର ସଂସ୍କାର। ଯାହା ଫଳରେ ଗରିବ ଲୋକଙ୍କର ସାମାଜିକ ଅବସ୍ଥାର ଉନ୍ନତି ଓ ପାରିବାରିକ ସୁଖ ସୁବିଧା ହୋଇପାରିବ। ସ୍ୱାଧୀନତା ପୂର୍ବରୁ ଗାନ୍ଧିଜୀ ସ୍ୱାଧୀନ ଭାରତର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହେଲା କି ନାହିଁ ତାହା ଦେଖିବାକୁ ସେ ଜୀବିତ ରହିପାରିଲେ ନାହିଁ। ଭାରତ ସ୍ୱାଧୀନ ହେବାର ମାତ୍ର ୫ ମାସ ପରେ ସେ ମୃତ୍ୟୁବରଣ କଲେ। ସେ ଯଦି କିଛି ବର୍ଷ ବଞ୍ଚଥାନ୍ତେ ତେବେ ତାଙ୍କର ନିଶା ନିବାରଣ ସ୍ୱପ୍ନର ଆଜିର ରୂପରେଖ ଦେଖି ମୁଣ୍ଡରେ ହାତ ଦେଇ ବସିଥାନ୍ତେ। ଗାନ୍ଧିଜୀଙ୍କ ମହାପ୍ରୟାଣ ପରେ ଗଭୀର ଦୁଃଖ ଓ ପରିତାର ବିଷୟ, ତାଙ୍କ ନିତୀ, ଆଦର୍ଶ, ଲକ୍ଷ୍ୟ ଓ ଗଠନମୂଳକ କାର୍ଯ୍ୟକ୍ରମ ସବୁକିଛିର ଯେ, ଅବକ୍ଷୟ ହେବାରେ ଲାଗିଛି ତାହା ନୁହେଁ ବରଂ ଆଜି ଗାନ୍ଧୀବାଦ ନାମରେ ତାଙ୍କର ନାମ ନେଇ ବିଭିନ୍ନ କ୍ଷେତ୍ରରେ ରୀତିମତ ପ୍ରହସନ କରାଯାଉଛି ଗାନ୍ଧିବାଦ ରହିଛି କେବଳ ଭାଷଣ ଓ କାଗଜ କଲମରେ। ଆଜି ଯେଉଁ ଯୁବ ସମାଜକୁ ଆମେ ଦେଶର ଭବିଷ୍ୟତ ବୋଲି କହୁଛେ ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଆଜି ସୁଲଭ ଓ ସହଜ ଅର୍ଥ ଉପାର୍ଜନ ଲାଗି ଚୋରା ମଦ ପ୍ରସ୍ତୁତି ଓ ବିକ୍ରୀବଟା ଧନ୍ଦାକୁ ଆପଣେଇଥିବା ସର୍ବତ୍ର ଦେଖିବାକୁ ମିଳିଛି। ଏହି ମଦ ଯୋଗୁଁ ଆଜି ଯୁବ ସମାଜ ସଂମ୍ପୂର୍ଣ୍ଣ ପଥଭ୍ରଷ୍ଟ। ଅଥଚ ଆମ ଶାସକ ଗୋଷ୍ଠୀ, ଆମ ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ନିରବ। ନିଶାର ପ୍ରସାର ବିରୁଦ୍ଧରେ ପାଟି ଖୋଲିବାକୁ କେହି ନାହିଁ। ସମସ୍ତେ ଆଜି ଯେପରି ଏହି ମଦ ବନ୍ୟାରେ ଉବୁଟୁବୁ ହୋଇ ରହିଛନ୍ତି। ଏଣୁ ନିଶା ନିବାରଣ ହେଉଛି ଏକ ମାତ୍ର ସଂସ୍କାର। ଯାହାରି ଫଳରେ ଗରିବ ଲୋକଙ୍କର ସାମାଜିକ ଅବସ୍ଥାର ବିକାଶ ଓ ପାରିବାରିକ ସୁଖ ସୁବିଧାର ହାସଲ ହୋଇପାରିବ ଓ ପଥଭ୍ରଷ୍ଟ ଯୁବ ସମାଜକୁ ରକ୍ଷା କରିପାରିବ। ସମ୍ବିଧାନର ୪୭ ଧାରା (ନିଶା ନିବାରଣ)କୁ ଖୋଲାଖୋଲି ବିରୋଧ କରିବା ଓ ଅବକାରୀ ରାଜସ ବୃଦ୍ଧି ଆଳରେ ମଦର ପ୍ରସାର କରି ନିଜକୁ ଗାନ୍ଧିବାଦୀ ବୋଲାଇବା ସ୍ପୃହଣୀୟ କାର୍ଯ୍ୟ ନୁହେଁ। ମଦ ଦେଇ ଗରିବ ଲୋକଙ୍କୁ ଠକିବା ଏବଂ ଏହି ଠକ ବୃତ୍ତି ଦ୍ୱାରା ଉପାର୍ଜିତ ଅର୍ଥ ଦ୍ୱାରା ସରକାର ଅଂଶୀଦାର ହେବା ସମାଜବାଦ ନୁହେଁ କିମ୍ବା ଗାନ୍ଧିବାଦ ନୁହେଁ କିମ୍ବା ସୁଶାସନ ମଧ୍ୟ ନୁହେଁ। ସରକାର ଭାରତୀୟ ସମ୍ବିଧାନରେ ୪୭ ଧାରାରେ ଦେଇଥିବା ବଚନ ବଦ୍ଧତା ରକ୍ଷା କରିବା ତଥା ଗାନ୍ଧିଜୀଙ୍କ ନିଶାବିହୀନ ସ୍ୱପ୍ନର ଭାରତ ଦେଖିବା ସ୍ୱପ୍ନକୁ ସାକାର କଲେ, ସେହି ମହାନ୍ ଆତ୍ମା ପ୍ରତି ଏହି ଜାତିର ଏ ଦେଶର ଗଭୀର ଶ୍ରଦ୍ଧାଞ୍ଜଳି ରୂପେ ବିବେଚିତ ହୁଅନ୍ତା ଏବଂ ଘର ଭାଙ୍ଗୁଥିବା, ଦେଶ ଭାଙ୍ଗୁଥିବା ନିଶା ରାକ୍ଷସ କବଳରୁ ଏ ଜାତି ମୁକ୍ତ ହୁଅନ୍ତା।

ଅନ୍ତତଃ ରାଜ୍ୟ ସରକାର ସମ୍ବିଧାନର ୪୭ ଧାରା ପ୍ରକାରେ ରାଜ୍ୟରେ ନିଶା ନିବାରଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିଶାର ପ୍ରସାର ବିରୁଦ୍ଧରେ କଠୋର ପଦକ୍ଷେପ ନେବା ଆବଶ୍ୟକ। ଏଥିପାଇଁ ଜନସଚେତନତା ସୃଷ୍ଟି କରାଯିବା ଦରକାର। ନିଶାର କୁପ୍ରଭାବ ସଂପର୍କରେ ସମସ୍ତ ପାଠ୍ୟକ୍ରମରେ ନିଶା ନିବାରଣକୁ ଆଧାର କରି ସମସ୍ତ ପାଠ୍ୟବହିରେ ବିଷୟବସ୍ତୁ ରଖି ଛାତ୍ରଛାତ୍ରୀ ମାନଙ୍କୁ ଏ ଦିଗରେ ସଚେତନ କରାଇବାକୁ ହେବ। ନିଶା ନିବାରଣକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ପାଇଁ ବିଶ୍ୱବିଦ୍ୟାଳୟର ଛାତ୍ର, ସେଚ୍ଛାସେବୀ ଅନୁଷ୍ଠାନ ତଥା ମହିଳା ସଂଗଠନମାନେ ଆଗେଇ ଆସିବା ପାଇଁ ସରକାର ପ୍ରୋତ୍ସାହନ ଦେବା ଆବଶ୍ୟକ। ଉଚ୍ଚସ୍ତରରେ ଅବସ୍ଥାପିତ ପଦାଧିକାରୀ ଓ ରାଜନୈତିକ ନେତୃବୃନ୍ଦ ପ୍ରଥମେ ନିଜକୁ ନିଶାମୁକ୍ତ ନକଲେ ତଳସ୍ତରରେ ତାର ପ୍ରଭାବ ପଡିବ ନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଅବକାରୀ ରାଜସ୍ୱ ବୃଦ୍ଧି ପାଇଛି। ସେହି ଅନୁପାତରେ ରାଜ୍ୟରେ ମଦ୍ୟପୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିବା କେହି ଅସ୍ୱୀକାର କରିପାରିବେ ନାହିଁ।

ତଥ୍ୟ ଅନୁଯାୟୀ ଓଡିଶା ସରକାର ୨୦୦୩--୨୦୦୪ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦକୁ ୩୦୦ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲା ବେଳେ, ଅବକାରୀ ରାଜସ୍ୱ ଆଦାୟ ହୋଇଥିଲା-୩୨୬ କୋଟି ୮ ଲକ୍ଷ ଟଙ୍କା ଅର୍ଥାତ୍ ଧାର୍ଯ୍ୟଲକ୍ଷ୍ୟ ଠାରୁ ଶତକଡା ୪.୩୨ ବୃଦ୍ଧି। ୨୦୦୪- -୨୦୦୫ ଆର୍ଥିକ ବର୍ଷରେ ୨୯୦.୧୨ ଲକ୍ଷ ଟଙ୍କା ଅବକାରୀ ରାଜସ୍ୱ ଆଦାୟ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ବେଳେ, ଆଦାୟ ହୋଇଥିଲା ୩୮୦ କୋଟି ୪୨ ଲକ୍ଷ ଟଙ୍କା ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଶତକଡା ୧୯.୪୫, ୨୦୦୫--୨୦୦୬ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ୪୦୦ କୋଟି ଟଙ୍କା ଆଦାୟ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ବେଳେ, ଆଦାୟ ହୋଇଥିଲା ୪୭୫ କୋଟି ୫୦ ଲକ୍ଷ ଟଙ୍କା, ଅର୍ଥାତ୍ ଶତକଡା ୨୬.୯୪ ବୃଦ୍ଧି, ସେହିପରି ୨୦୦୬- -୨୦୦୭ ଆର୍ଥିକ ବର୍ଷରେ ଅବକାରୀ ରାଜୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ୪୯୦ କୋଟି ଟଙ୍କା, କିନ୍ତୁ ଆଦାୟ ହୋଇଥିଲା ୫୪୦.୫୫ କୋଟି ଟଙ୍କା, ଅର୍ଥାତ୍ ଧାର୍ଯ୍ୟଲକ୍ଷ୍ୟ ଠାରୁ ୧୦.୫୧, ୨୦୦୭--୨୦୦୮ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦକୁ ଲକ୍ଷ୍ୟ ରଖାଯାଇଥିଲା ୫୫୩.୭୦ କୋଟି ଟଙ୍କା, କିନ୍ତୁ ଆଦାୟ ହୋଇଥିଲା ୨୪୭ କୋଟି ଟଙ୍କା, ଅର୍ଥାତ୍ ଧାର୍ଯ୍ୟଲକ୍ଷ୍ୟ ଠାରୁ ଶତକଡା ୨୨,୦୧, ୨୦୦୮--୨୦୦୯ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ୨୧୦ କୋଟି ଟଙ୍କା, କିନ୍ତୁ ଅବକାରୀ ରାଜସ୍ୱ ଆଦାୟ ହୋଇଥିଲା ସେହିବର୍ଷ ୮୨୨ କୋଟି ୧୨ ଲକ୍ଷ ଟଙ୍କା, ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଶତକଡା ୨୬ ଭାଗ ବୃଦ୍ଧି। ସେହିପରି ୨୦୦୯--୨୦୧୦ ଆର୍ଥିକ ବର୍ଷରେ ଅବକାରୀ ରାଜୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ୮୦୦ କୋଟି ଟଙ୍କା, କିନ୍ତୁ ଅବକାରୀ ରାଜସ୍ୱ ବୃଦ୍ଧି ପାଇଥିଲା ୧୦୮୬ କୋଟି ୧୬ ଲକ୍ଷ ଟଙ୍କା ଅର୍ଥାତ୍ ଧାର୍ଯ୍ୟଲକ୍ଷ୍ୟ ଠାରୁ ଶତକଡା ୨୮.୬୩ ବୃଦ୍ଧି। ସେହିପରି ୨୦୧୦--୨୦୧୧ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ତ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ୧୦୫୦ କୋଟି ଟଙ୍କା। ତେବେ ସେହିବର୍ଷ ଅବକାରୀ ରାଜସ୍ୱ ଆଦାୟ ହୋଇଥିଲା ୧୪୧୩ କୋଟି ୧୨ ଲକ୍ଷ ଟଙ୍କା, ଅର୍ଥାତ୍ ଧାର୍ଯ୍ୟଲକ୍ଷ୍ୟ ଠାରୁ ଶତକଡା ୨୮.୯୧ ବୃଦ୍ଧି। ୨୦୧୧- -୨୦୧୨ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ୧୩୫୦ କୋଟି ଟଙ୍କା। କିନ୍ତୁ ଉଲ୍ଲେଖିତ ବର୍ଷରେ ଅବକାରୀ ରାଜସ୍ୱ ଆଦାୟ ହୋଇଥିଲା ୧୭୬୪ କୋଟି ୪୯ ଲକ୍ଷ ଟଙ୍କା, ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଶତକଡା ୨୬.୦୯ ବୃଦ୍ଧି। ସେହିପରି ୨୦୧୨--୧୩ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ୧୫୦୦ କୋଟି ଟଙ୍କା। ସେହିପରି ୨୦୧୩-୧୪ ଆର୍ଥିକ ବର୍ଷରେ ୧୭୮୦ କୋଟି, ୨୦୧୪-୧୫ରେ ୨୦୩୯ କୋଟି, ୨୦୧୫-୧୬ରେ ୨୫୬୮ କୋଟି, ୨୦୧୬-୧୭ରେ ୨୭୮୬ କୋଟି, ୨୦୧୭-୧୮ରେ ୩୨୨୧, ୨୦୧୮-୧୯ରେ ୩୯୨୫ କୋଟି, ୨୦୧୯-୨୦ରେ ୪୪୯୫ କୋଟି, ୨୦୨୦-୨୧ରେ ୪୦୫୩ କୋଟି, ୨୦୨୧-୨୨ରେ ୫୫୨୮ କୋଟି, ୨୦୨୨-୨୩ ଆର୍ଥିକ ବର୍ଷରେ ୬୪୫୫ କୋଟି ଆଦାୟ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ରାଜସ୍ୱ ଆଦାୟ ତଥ୍ୟ ହସ୍ତଗତ ହୋଇନଥିଲେ ମଧ୍ୟ ଏହା ୭ ହଜାର କୋଟିକୁ ବୃଦ୍ଧି ପାଇଥିବା ଅନୁମାନ କରାଯାଇଛି।

ପ୍ରତିବର୍ଷ ରାଜସ୍ୱ ଆୟ ଯେତେ ପରିମାଣରେ ବୃଦ୍ଧି ପାଉଛି, ସେହି ଅନୁପାତରେ ଆମ ରାଜ୍ୟରେ ମଦୁଆଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଣୁ ସରକାର ଜାଣି ସୁଦ୍ଧା କେବଳ ଅବକାରୀ ରାଜସ ବୃଦ୍ଧି ଆଶାରେ ଗୋଟିଏ ପଟରେ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଉଥିବା ବେଳେ ଅନ୍ୟ ପଟରେ ହତ୍ୟାକାଣ୍ଡ, ଗୁଳିକାଣ୍ଡ, ନାରୀଧର୍ଷଣ, ଅତ୍ୟାଚାର ଓ ନାନା ପ୍ରକାର ଚୋରୀ, ଡୟାକତି ଏବଂ ନାନା ପ୍ରକାର ଅସାମାଜିକ କାର୍ଯ୍ୟ କ୍ରମାଗତ ବୃଦ୍ଧି ପାଉଥିଲେ ମଧ୍ୟ ସେଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏଣୁ ମଦର ପ୍ରସାର ବନ୍ଦ କରିବାକୁ ହେଲେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ହେବ। ତମାଖୁ ସେବନ ସମଗ୍ର ଦେଶରେ ଗୁରୁତର ସମସ୍ୟା ସୃଷ୍ଟି କରିଥିବା ଏପରିକି ୨୦୦୯--୨୦୧୦ ଆର୍ଥିକ ବର୍ଷରେ କେବଳ ତମାଖୁ ସେବନରେ ୨୭୫ ମିଲିୟନ ଲୋକ ଲିପ୍ତ ଥିବା ଏବଂ ୯୦ ପ୍ରତିଶତ ଲୋକ ମୁଖ କର୍କଟରେ ପଡିଥିବା ଯୋଗୁଁ ଭାରତ ସରକାର ସମଗ୍ର ଦେଶରେ ଅର୍ଥାତ୍ ଏପର୍ଯ୍ୟନ୍ତ ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଗୁଡିକରେ ତମାଖୁ ଉପରେ ନିଷେଧାଦେଶ ଜାରି କରିଥିବା ସଙ୍ଗେ ସଙ୍ଗେ ତମାଖୁ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଇଦେଇଛନ୍ତି। କିଛି ବର୍ଷ ତମାଖୁ ସେବନ ସମାଜ, ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଉପରେ ଖରାପ ପ୍ରଭାବ ପକାଇ ଆସୁଥିଲା। ତମାଖୁ ଉପରେ ଯଦି କେନ୍ଦ୍ର ସରକାର ସମଗ୍ର ଦେଶରେ ନିଷେଧାଦେଶ ଲାଗି କରି କଡାକଡି ଭାବେ ପାଳନ କରିବା ପାଇଁ ପ୍ରତ୍ୟେକ ରାଜ୍ୟକୁ ନିର୍ଦ୍ଦେଶ ଦେଇପାରିଛନ୍ତି ତେବେ ମଦ ଉତ୍ପାଦନ, ମଦର ବିକ୍ରୀ ଓ ମଦ୍ୟପାନକୁ ରୋକିପାରିବାରେ ପଛଘୁଞ୍ଚା କାହିଁକି? କେବଳ ଅବକାରୀ ରାଜୟ ପାଇବା ଲକ୍ଷ୍ୟରେ ସରକାର ଏକ ଦେଶ, ଏକ ଜାତି, ଏକ ସମାଜକୁ ଧ୍ୱଂସ କରିଦେବେ? ଯେକୌଣସି ପ୍ରକାର ନିଶାଦ୍ରବ୍ୟର ପ୍ରଚାରକୁ ନିଷେଧ କରାଯିବା ଉଚିତ। ସିନେମା, ଥିଏଟର, ଇତ୍ୟାଦିରେ ପ୍ରଦର୍ଶନ କରାଯାଉଥିବା ମଦ୍ୟପ ଭୂମିକାକୁ ବାଦ ଦେବା ପାଇଁ ନିୟମ ପ୍ରଣୟନ କରିବାକୁ ହେବ। ବଡ ବଡ ହୋଟେଲ ମାନେ ମଦ୍ୟପାନ ସଂପର୍କରେ ଯେଉଁଭଳି ବୋର୍ଡମାନ ଲଗାଉଛନ୍ତି ସେଥିପାଇଁ ଅନୁମତି ଦେବାକୁ ହେବ ନାହିଁ। ଗୁଜରାଟ ପରି ଆମ ରାଜ୍ୟ ସମେତ ସମଗ୍ର ଦେଶରେ ନିଶାର ପ୍ରସାର ବନ୍ଦ କରି ନିଶାମୁକ୍ତ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର କଠୋର ପଦକ୍ଷେପ ନେବା ଉଚିତ। ନଚେତ୍ ଆମ ରାଜ୍ୟରେ, ଆମ ଦେଶରେ, ଯେଉଁପରି ଦୃତଗତିରେ ମଦ ସହ ବିଭିନ୍ନ ନିଶାର ପ୍ରସାର ଘଟିଚାଲିଛି ଆଗାମୀ କିଛି ବର୍ଷ ମଧ୍ୟରେ ଏ ଦେଶ ଏ ଜାତିର ଅବସ୍ଥା ଯଦୁକୂଳ ଧ୍ୱଂସ କିମ୍ବା ରୋମ୍ ସାମ୍ରାଜ୍ୟର ପତନ ପରି ଯେ ନହେବ ସେ କଥା କିଏ କହିବ? ଗାନ୍ଧିଜୀଙ୍କ ମତରେ "ମୁଷ୍ଟିମେୟ କେତେ ଜଣ ସଂକଳ୍ପବଦ୍ଧ ସାଧକ, ଯଦି ସେମାନଙ୍କ ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖନ୍ତି, ତାହାହେଲେ ସେମାନେ ଇତିହାସର ମୋଡ ବଦଳାଇ ଦେଇପାରିବେ" ଏଣୁ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ଗାନ୍ଧିଜୀଙ୍କ ନିଶା ନିବାରଣ ଇଚ୍ଛାକୁ ସମ୍ମାନ ଜଣାଇ ସେହି ଅପୂର୍ଣ ଇଚ୍ଛାକୁ ପୂର୍ଣ୍ଣ କରିବା ସକାଶେ ସରକାରୀ, ବେସରକାରୀ କ୍ଷେତ୍ରରେ ସମସ୍ତେ ଆଗେଇ ଆସିବା ପାଇଁ ସମୟ ଆସି ପହଞ୍ଚିଛି। ତେଣୁ ରାଜ୍ୟ ସରକାର ଦେଶର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ନଦେଇ କେବଳ ଅଧିକ ରାଜସ୍ୱ ଆଦାୟ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର୍ଯ୍ୟର ବିଷୟ।


*ନବୀନ ଭବନ, ବ୍ରହ୍ମପୁର-୧୦*
*ଦୂରଭାଷ: ୯୮୬୧୦ ୧୩୭୮୦*

ଧାରାବାହିକ ଉପନ୍ୟାସ

# ମହାନାୟକ

## କ୍ଷୀରୋଦ ଦାସ



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୬

*(ପୂର୍ବପ୍ରକାଶ ଉତ୍ତାରୁ*

ବିକାଶକୁ ବାସ୍ତବିକ ସୀତା ଚୋରି ହୋଇଯିବା ସମୟରେ ସୀତାଙ୍କ ବିକଳ କାନ୍ଦ ତା' ମନକୁ ଆନ୍ଦୋଳିତ କରୁଥିଲା। ସେ ବି ସୀତାଙ୍କ ଦୁଃଖରେ ଦୁଃଖୀ ହୋଇ କାନ୍ଦି ପକାଇଥିଲା। ରାମଚନ୍ଦ୍ର ମାୟା ମିରିଗ ପଛରେ ଧାଇଁ ଧାଇଁ କାଇଁକି ଡେରିରେ କୁଡିଆକୁ ଫେରିଲେ, ତାଙ୍କ ବିଳମ୍ବ ଯୋଗୁ ରାବଣ ଆସି ସୀତାଙ୍କୁ ଟେକି ନେଇଗଲା, ଖାସ୍ ସେଇଥିପାଇଁ ତା'ର ଖୁବ୍ ରାଗ ହୋଇଥିଲା ରାମଙ୍କ ଉପରେ। ହେଲେ ଏବେ ଯଦି ରାମ ରୋଲ୍ ଭଲ ଲାଗିଲାନି, ସୀତା ରୋଲ୍ ଭଲ ଲାଗିଲା ବୋଲି କହିଦିଏ, ଘନଦାଦା ରାଗି ଯିବେନି ତ!

ତେଣୁ ସେ କିଛି ନକହି ଖାଲି ଭିଡିମୋଡି ହେଉଥିଲା ତାଙ୍କ କବଳରୁ ଖସି ଯିବା ପାଇଁ।

ପାନ ଦୁଇ ଚାରିଖଣ୍ଡ ଭାଙ୍ଗିଆଣି ବୋଉ ଘନଦାଦା ଓ ଅନ୍ୟମାନଙ୍କ ଆଡକୁ ବଢ଼ାଇ ଦେଉଦେଉ କହିଲା-

"କାଇଁକି ସେ ନାରକୁଡିଆଟା ସାଙ୍ଗରେ ଲାଗିଚ ଘନ! ଛେଳିଆଟା ଡରି ମରି ଛାନିଆ ହେଲାଣି।"

ଘନଦାଦା ତା' ବାହୁ ଉପରୁ ନିଜ ହାତମୁଠା ହୁଗୁଳା କଲା ମାତ୍ରେ ବିକାଶ ଏକା ଡିଆଁକେ ଯାଇ ଦାଣ୍ଡରେ ହାଜର।

ଫିନ୍‌ଫିନ୍ ଧଳା ଟ୍ରାଉଜର ପଞ୍ଜାବୀ, ଡାହାଣ ହାତରେ ଚକ୍‌ଚକ୍ ଷ୍ଟିଲ ବ୍ୟାଣ୍ଡର ଘଣ୍ଟା, ପାଦରେ ବାଟର ସ୍ଲିପର ପିନ୍ଧି ରାଜକୀୟ ଠାଣୀରେ ଘନଦାଦା ଯେତେବେଳେ ଗାଁ ଦାଣ୍ଡରେ ଚାଲିଯାଉଥିଲେ, ଘରର କବାଟ କୋଣରୁ, ଝରକା ଫାଙ୍କରୁ ଅସଂଖ୍ୟ ବିମୁଗ୍ଧ ଚାହାଣୀ ତାଙ୍କ ଉପର ଦେଇ ପହଁରିଯାଏ। କି ସୁବାସିତ ଅତର ସେ ପଞ୍ଜାବୀରେ ଛିଞ୍ଚନ୍ତି କେଜାଣି ଦାଣ୍ଡେ ଦାଣ୍ଡେ ଚାଲିଯାଉଥିବା ବେଳେ ମହମହ ଅପୂର୍ବ ବାସ୍ନାଟିଏ ଖେଳିଯାଉଥିଲା ଚାରିଆଡେ। ତାଙ୍କ ସହିତ ପଦେ ଦି'ପଦ କଥା ହେବା ପାଇଁ, ତାଙ୍କ ପାଦରେ ପାଦ ମିଶାଇ ଚାଲିବା ପାଇଁ ଆଖପାଖ ଗାଁର ଗୁରୁଜନମାନେ ମଧ ନିଜକୁ ଧନ୍ୟ ମନେ କରନ୍ତି।

ସେ ଥିଲେ ସେଇ ଅଞ୍ଚଳର ସବୁଠୁ ସଂଭ୍ରାନ୍ତ, ଚର୍ଚ୍ଚିତ, ଆଲୋଚିତ ବ୍ୟକ୍ତି। ସେ ସବୁବେଳେ କ୍ୟାଭେଣ୍ଡର ସିଗାରେଟ୍ ଟାଣୁଥିଲେ, ଯାହାର ମଧୁର ବାସ୍ନା ବାୟୁ ମଣ୍ଡଳକୁ ବାସ୍ନାୟିତ କରି ବ୍ୟାପି ଯାଉଥିଲା ଚଉଦିଗକୁ। ସେ ଖାଉଥିଲେ କେତେକୀ ଖଇର ଦିଆ ତିଲକ୍ସ ଜର୍ଦ୍ଦା ମିଠା ପାନ, ଯାହାର ସୁରଭି ମହକିତ କରିପକାଉଥିଲା ତାଙ୍କ ଚାରିପାଖର ମଣିଷମାନଙ୍କୁ। ଅଥଚ ଗାଁର ଆମ ବାପା ବଡବାପାମାନେ ଗୋଟିଏ ବିଡିକୁ ଥରେ ଲଗାଇ ଦି' ଶୋଠ ଟାଣି ତାକୁ ଲିଭାଇ ଦେଇ କାନରେ ଖୋସି ଦେଉଥିଲେ ଆଉ ଥରେ ଦି'ଥର ବ୍ୟବହାର କରିବା ପାଇଁ। ଗ୍ରୀନ୍ କଲରର ଗୋଟେ ରାଲେ ସାଇକେଲ ଚଢ଼ି ଦିନକୁ ସେ ଅତି କମରେ ଦଶଥର ଆସୁଥିଲେ ଘରଠାରୁ ମାତ୍ର ଅଧ କିଲୋମିଟର ଦୂର ରାସ୍ତା ଉପରର ଛୋଟକାଟର ବାସନ୍ତୀ ବଜାରକୁ। ବଜାର ଉପରର ଏକମାତ୍ର ଝୁମ୍ପୁଡି ଚା' ଦୋକାନୀ ବିକଳିଠାରୁ ଚା' ପିଅନ୍ତି, ସିଗାରେଟ୍ ଟାଣନ୍ତି ଏବଂ ତାଙ୍କ ସହିତ ଯିଏ ଦେଖା ହେଲା, ତାଙ୍କୁ ବଳେଇ



ବଳେଇ ଚା' ପିଅନ୍ତି। ମଠସାହି ଗାଁର କେଶବ ବାରିକ ତା' ଦନ୍ଥଡା କ୍ଷୁର ଓ କଇଁଚିରେ ଗାଁ ଲୋକଙ୍କ ବାଳ ଓ ଦାଢ଼ି କାଟୁଥିଲା। କିନ୍ତୁ ଘନଦାଦା ମାସକୁ ଦୁଇଥର ଯାଉଥିଲେ ପାତ୍ରପୁର ବଜାରରେ ଥିବା 'ମଡର୍ଣ୍ଣ ସେଲୁନ'କୁ ଚୁଟି ଓ ଦାଢ଼ି କାଟିବା ପାଇଁ।

ଘନଦାଦାଙ୍କ ମୁହଁରେ ଥିଲା ଏକ ତେଜ, ଅନ୍ୟକୁ ଆକର୍ଷିତ କରୁଥିଲା ଆତ୍ମବିଶ୍ୱାସ। ତାଙ୍କ କଥା ଓ ଚାଲିରେ ଥିଲା ଏକ ଦାମ୍ଭିକତା, ଯାହା ପ୍ରକାଶ କରୁଥିଲା ତାଙ୍କ ଦୃଢ଼ ବ୍ୟକ୍ତିତ୍ୱକୁ। ତାଙ୍କ କଥାରୁ ଝରି ପଡୁଥିଲା ମଧୁର ଆତ୍ମୀୟତା, ଯାହା ଅନ୍ୟମାନଙ୍କ ପାଖରେ ତାଙ୍କୁ ଖୁବ୍ ଆପଣାର କରି ତୋଳିଥିଲା।

ୟା' ଭିତରେ ଘନଦାଦା ଜଗତସିଂହପୁରର ଓଡ଼ିଶା ପ୍ରସିଦ୍ଧ ଯାତ୍ରାଦଳ 'ରଙ୍ଗ ମହଲ'ରେ ସାମିଲ ହୋଇ ଯାଇଥିଲେ। ୟା ପାର୍ଟିର ମାଲିକ ଗଦାଧର ପ୍ରଧାନ ପାତ୍ରପୁର ଅଞ୍ଚଳର ସବୁଠୁ ଧନୀ ଲୋକ। ପାତ୍ରପୁର ବଜାର ଠାରୁ ଥାନା ଛକଯାଏ, ପ୍ରାୟ ଅଧା କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖରେ ପ୍ରାୟ ଅଧାଅଧି ଦୋକାନର ମାଲିକ ସେ। ଧନ ଏତେ ରୋଜଗାର ହେଉଥିଲା ଯେ ସେସବୁକୁ କେଉଁ ଉପାୟରେ ବିନିଯୋଗ କଲେ ଅଧିକ ଲାଭଦାୟକ ହେବ, ସେଇ ଚିନ୍ତାରେ ସେ ଅହୋରାତ୍ର ମଗ୍ନ ରହୁଥିଲେ।

ଘନଦାଦା ଓ ଗଦାଧର ପ୍ରଧାନଙ୍କ ଯୋଗାଯୋଗ ଥିଲା ସଂପୂର୍ଣ୍ଣ ଆକସ୍ମିକ।

ଦିନେ ଗଦାଧର ପ୍ରଧାନ ତାଙ୍କ ମିଠା ଦୋକାନରେ ବସିଛନ୍ତି, ଘନଦାଦା ସେଲୁନରୁ ବାଳ କାଟି ଫେରୁଥିବା ବେଳେ କପେ ଚା' ପିଇବାକୁ ମନ ବଳିବାରୁ ସେ ପଶିଲେ ଗଦାଧର ପ୍ରଧାନଙ୍କ 'ସୁଇଟ୍ସ ଆଣ୍ଡ ସ୍ନାକ୍ସ' ଦୋକାନରେ। ଚା' ପିଇସାରି ପଇସା ଦେଇ ଫେରୁଥିବା ବେଳେ ଗଦା ପ୍ରଧାନେ ତାଙ୍କ ମୁହଁକୁ ଲକ୍ଷକରି ପଚାରିଲେ ହୈଓ ବାବୁ, ତମ ଘର ନାରଣପୁର କି?

: ଆଜ୍ଞା, କ'ଣ ହେଲା କି? ଘନଦାଦା ପଚାରିଲେ।

: ତମେ କଳାକାର ଘନ ମହାନ୍ତି କି! ଏବର୍ଷ ରଜରେ 'ରାମ ବନବାସ' ବହିରେ ତୁମେ ରାମ ରୋଲ୍ କରୁଥିଲ ପରା!

: ଆଜ୍ଞା, ଆଜ୍ଞା! - କିହଲେ ଘନଦାଦା ଏବଂ ପଚାରିଲେ - 'ଆପଣ ମୋତେ ଚିହ୍ନିଲେ କେମିତି?

: ଯିଏ କଳା ଓ କଳାକାରଙ୍କୁ ନ ଚିହ୍ନିଲା, ସେ କି ମଣିଷ? ମୁଁ ତୁମ ଅଭୀନିତ ଯାତ୍ରା ଦେଖିଛି। ଥରେ ନୁହେଁ, କେଇବାର ଦେଖିଛି ତୁମ ଗାଁରେ। ଆମେ ପରା ନାଟୁଆ ମଣିଷ। ନାଟ ଯେଉଁଠି ହେଉଥିବ, ଶୁଂଘି ଶୁଂଘି ଯାଇ ହାଜର ହୋଇଯିବୁ। ଏବେ ତୁମ ମୁହଁଟା ମୋତେ ଚିହ୍ନା ଚିହ୍ନା ଲାଗିବାରୁ ପଚାରିଦେଲି। କିଛି ଖରାପ ଭାବିଲ କି ବାବୁ।

: କି କଥା କହୁଛନ୍ତି ଆଜ୍ଞା। ବର୍ଷକପୂର୍ବେ ଦେଖିଥିବା ଯାତ୍ରାରୁ ଆପଣ ମୋତେ ଚିହ୍ନି ପାରିଲେ, ଏଇଟା ମୋ ପାଇଁ ଗର୍ବ ଓ ଗୌରବର କଥା। ଏମିତି କଥାରେ କିଏ ଖରାପ ଭାବେ ନା ମୁଁ ଭାବିବି।

*(କ୍ରମଶଃ)*



## ଗାଁ ଗୋହିରି

### ରଜୀତ ଦାସ



ପୋଖରୀ ତୁଠରେ ଭିଡ ଜମିଲାଣି
ଯାମିନୀର ଅନ୍ତ କାଳେ
ଶତଦଳ ପଦ୍ମ ମହକି ଉଠୁଛି
ସେଇ ପୁଷ୍କରିଣୀ ଜଳେ।

କି ସୁନ୍ଦର ଦିଶେ ଶୁଭ୍ର କୁହୁଡ଼ିରେ
ମୋ ଗାଁ ଗହିରୀ ପାଟ
ସୋଇଁ ଘର ଝିଅ ଶାଶୁ ଘର ଯିବ
ପାରି ହେଇ ନଈ ଘାଟ।

କେବେ ଠୁଁ ଗଲାଣି ଆମ ଗାଁ ଦେହୁ
ମାଘର କାଠୁଆ ଜାଡ
ବସନ୍ତ ର ଓଠେ ଚୁମ୍ବନ ଦେବାକୁ
ଫଗୁଣ କଲାଣି ଭିଡ।

ଦୂର ପାହାଡର ବୁକୁରେ ଫୁଟିଛି
ନାରଙ୍ଗୀ ପଳାଶ ଫୁଲ
ସତେକି ଦିଶୁଛି ଅଗନା ଅଗନି
ବନସ୍ତେ ନିଆଁର ଝୁଲ।

ଚାଳ ଘରୁ ଧୂଆଁ କୁଣ୍ଡଳୀ ମାରୁଚି
ସଞ୍ଜ ଆସିଲାଣି ନଇଁ
ଘଣ୍ଟ ହୁଳହୁଳି ଦେଉଳ ବେଢାରୁ
ଶୁଭିଲାଣି ରହି ରହି।

ରଜନୀ ଦେହରେ କିଏ ସେ ଆଙ୍କିଛି
ଚଉଠେ ଚାନ୍ଦକୁ ଆଣି
ମିଞ୍ଜି ମିଞ୍ଜି ଫୁଲ ସାରା ଆକାଶ ରେ
କିଏସେ ଦେଇଛି ବୁଣି।

*କୁଜଙ୍ଗ*

## ଚୁମ୍ବକ


### ଭାଗୀରଥି ସାଗର



ତୁମେ ଟାଣ ତମ ଆଡକୁ
ଲୌହକୁ, ପୁଣି ଧାତୁ ମାନଙ୍କୁ, ତମର
ଆକର୍ଷଣ ଶକ୍ତି ଭଳି ମାନବର
ମଧ ରହିଚି ଅଦୃଶ୍ୟ ଶକ୍ତି ସେ ତ
ନିଜ ଆଡକୁ ଟାଣି ଆଣେ
ଦୌଲତକୁ, ପର୍ଯ୍ୟାପ୍ତ
ଧନରାଶିକୁ, ଉତ୍ତମ ସାଥୀକୁ,
ଉଚିତ ସ୍ୱାସ୍ଥ୍ୟକୁ, ଉତ୍ତମ ସମ୍ବନ୍ଧକୁ,
ମନ ପସନ୍ଦ ସୌଖିନ ଦ୍ରବ୍ୟକୁ,
ଶ୍ରେଷ୍ଠ ବ୍ୟକ୍ତିତ୍ୱକୁ।
ସତେ କି ବ୍ରହ୍ମାଣ୍ଡର
ସବୁଠୁ ଶକ୍ତିଶାଳୀ
ଚୁମ୍ବକ ସଦୃଶ୍ୟ। ସକଳ ଦ୍ରବ୍ୟକୁ
ତା ଆଡକୁ ଆଣି ପାରେ ଟାଣି। କୋଠା,
ବ୍ୟାଙ୍କ ବ୍ୟାଲେନ୍ସ, ନାମୀ ଦାମୀ ଗାଡି,
ମନୋରମ ଉଦ୍ୟାନ।
ଏଥିପାଇଁ ଖାସ ଏ ୟୁନିଭର୍ସକୁ କୋଟି
କୋଟି ଧନ୍ୟବାଦ
ତଥା କୃତଜ୍ଞତା।
ଏ ବାୟୁ ଯୋଗୁଁ ତ
ଆମେ ନେଉ ନିଶ୍ୱାସ,
ଏ ରାସ୍ତା ଯୋଗୁଁ ତ ଆମ
ପଥ ହେଇଯାଏ ସହଜ, ଏ ଜଳ ଆମ
ମେଣ୍ଟାଏ ତୃଷ୍ଣା। ସକଳ ଦ୍ରବ୍ୟ ଏ ସୁନ୍ଦର
ସୃଷ୍ଟିର ଉପହାର। ସଭିଙ୍କ ସ୍ଥାନ ବେଶ ଉଚ୍ଚ।
ଠିକ ତମ ଭଳି.... ଓ ବିନା ପାଉଣାରେ
ଅମୁଲ୍ୟ ପଦାର୍ଥ କରୁଛୁ ଆମେ ଉପଭୋଗ।

*ଜୁନାଗଡ଼, କଳାହାଣ୍ଡି*





**ଗୁଞ୍ଜନ ଚନ୍ଦନ**
ଷ୍ଟାଣ୍ଡାର୍ଡ - ୩
ଶିଶୁ ବିଦ୍ୟା ମନ୍ଦିର,
ବୃନ୍ଦାବତୀ ବିହାର,
ଭବାନୀପାଟଣା, କଳାହାଣ୍ଡି

# ତରୁଲତା

## ମନୋଜ ମହାନ୍ତି



*(ପୂର୍ବପ୍ରକାଶ ଉତ୍ତାରୁ)*

ତଥାପି କେଉଁ ଏକ ଅଜଣା ପୁଲକରେ ଗାଁ ପହ୍ନେଇଚି, ଗାଁ ଝିଅ ଆସୁଚି। ସେ ତରୁଲତା ନୁହେଁ ସ୍ୱାଧୀ! ଯାର ନାଁ, ଗାଁ, ସାଙ୍ଗିଆ ନଥାଏ।

ଧଳା ଆଭରଣ ତଳୁ ଜଣେ କ'ଣ ସତରେ କିଶୋରୀ ତରୁକୁ ଖୋଜିପାଇବ? ଅସମ୍ଭବ... ଶ୍ରୀଚରଣ ଅସମ୍ଭବ! ଥଣ୍ଡା ଚା' କପ୍ ଉଠାଇ ନେଇ ଆଉଥରେ ଗରମ କରି ଆଣିବାକୁ ମାନସୀ ରୋଷେଇ ଘରେ। ମାନସୀ ଭାରି ମାତ୍ରାରେ ଆଗ୍ରହୀ ମୋ କୈଶୋରୀୟ ପ୍ରେମ କାହାଣୀ ଶୁଣିବାକୁ, ମୁଁ ମାତ୍ର ମୁହଁ ଖୋଲେ ନାହିଁ, ହେଲେ ସୁନନ୍ଦା ଏଠିକି ଆସିବ ମାନେ ଅନନ୍ତକୁ ଟିହାଇ ମାନସୀକୁ କେଉଁଠି ନା କେଉଁଠି ତରୁର କଥା ପ୍ରସଙ୍ଗରେ ମୋ ଉପରକୁ ଆଙ୍ଗୁଠି ଉଠାଇ ବ୍ୟଙ୍ଗ କରିବ।

ମାନସୀ ଅଭିମାନର ଓଜନିଆ ମେଘ ଢ଼ଙ୍କା ଆକାଶ ପରି ସେଇ ରାତିଟା ଖୁବ୍ ଗୁଡ଼େ ଥମଥମ ଭାବନେଇ ମୋ ଛାତିରେ ମୁଣ୍ଡ ରଖିବ। ମୋତେ ଲାଗିବ ସିଏ ହାତୁଡ଼ିରେ କେଉଁଠି ଭାଙ୍ଗି ପକାଉଚି ଗୋଟେ କିଶୋର ହୃଦୟକୁ। କିନ୍ତୁ ସେ କିଶୋର ତ ଏବେ ମୁଁ ନୁହେଁନା!


ଭେଟ ହୋଇଥିବା ସେଇ ଅଜଣା ଲୋକ ଜଣକ ପୁଣିଥରେ ମୋ ପାଖକୁ ଆସିଥିଲେ। କହିଯାଉଥିଲେ ସ୍ୱାଧୀ ଏଇଠି କେଇମାସ ରହିଯିବାର ଆୟୋଜନରେ ଆସୁଛନ୍ତି। ମୁଁ ଭାବିଲି ଆଶ୍ରମରେ ଘଟିଯାଇଥିବା ହତ୍ୟାକାଣ୍ଡ ନିଜକୁ ଦୂରେଇ ନେବାକୁ ତରୁଲତା ଚାଲିଆସିଚି ଏଠିକୁ! କିନ୍ତୁ ନାଥଶର୍ମାଙ୍କ ମୃତ୍ୟୁ ପାଇଁ ସନ୍ଦେହ ଭିତରକୁ ଆସୁଥିବା ଚରିତ୍ରମାନଙ୍କ ଭିତରେ ତରୁଲତା ନାଁ ତ ଥିବ ନିଶ୍ଚୟ।

ଆଶ୍ରମରେ ଘଟିଯାଇଥିବା ଧର୍ମର ଧ୍ୱଜାଧାରୀ, ଅସୀମ କ୍ଷମତାର ଅଧିକାରୀ, ଭଗବାନଙ୍କ ପାଖଲୋକ ବୋଲାଉଥିବା ନାଥଶର୍ମା କ'ଣ ତାଙ୍କର ମୃତ୍ୟୁ ବିଷୟରେ ଜାଣିପାରିଲେ ନାହିଁ। ତ୍ରିକାଳଦର୍ଶୀ ବୋଲାଉଥିବା ସାଧୁ ମହାରାଜ କ'ଣ ସାଧାରଣ ମଣିଷଠୁଁ ବି ଅସହାୟ? ତ୍ରିକାଳଦର୍ଶୀ ମାନେ ନିଜ ମୃତ୍ୟୁ ବିଷୟରେ ସୂଚନା ପାଇପାରନ୍ତି ନାହିଁ, ଅନନ୍ତ କହୁଥିଲା।

ଏବେ ଅବଶ୍ୟ ଆଉ ଆଶ୍ରମର ସଂଘଟିତ ଏ ହତ୍ୟାକାଣ୍ଡ ବିଷୟରେ ତୁମ୍ଭିତୋଫାନ ହେଉନାହିଁ। ଯେମ୍ତି ଲାଗୁଥିଲା ବେଶୀକିଛି ଅନୁସନ୍ଧାନ ଆଶ୍ରମର ବିଶ୍ୱାସ ଉପରେ ଲୋକଙ୍କର ଆସ୍ଥା ତୁଟିଯିବା। ଲୋକେ ଆଉ ଧର୍ମକୁ ମାନିବେ ନାହିଁ। ସର୍କାରୀ କଳର ବରିଷ୍ଠ କ୍ଷମତାର ଅଧିକାରୀ ଓ ଅଧିକାରିଣୀ ବ୍ୟକ୍ତି ବିଶେଷଙ୍କୁ ଅସମୟରେ ଆଶ୍ରୟ ଦିଏ ତ କେବଳ ଏଇ ଆଶ୍ରମ। ମୂର୍ଖ ରାଜନେତାମାନେ କିଛି ବି ଅଲୌକିକର ଆଶାନେଇ ଭୋଟ ବେଳକୁ ସାଧୁ ମହାରାଜଙ୍କ ପାଦତଳେ ଅଜାଡ଼ି ଦେଉଥିବା ଅର୍ଥରାଶି ଆଜି ଏଡ଼େଟେ ସୁରକ୍ଷିତ ଆଶ୍ରୟସ୍ଥଳୀ ତିଆରିଚି! ସେମାନେ ଚିନ୍ତିତ ଲାଗିଲେ! ଅଲୌକିକ ଆଶୀର୍ବାଦ ଆଉ ମିଳିବ ତ?

ତେବେ ଆଶ୍ରମ ପୁନଃ ପ୍ରତିଷ୍ଠିତ ହେବାର ଖବର ଆଉ ରୋଚକ ମୋଡ଼ ନେଲାନାହିଁ। ଏଇଟା ଯେମ୍ତି ନିର୍ଦ୍ଧାରିତ! ତେବେ ଆଶ୍ରମର ମୁଖ୍ୟକୁ ନେଇ ଦ୍ୱନ୍ଦ ଲାଗି ରହିଥିଲା। ନାଥ ଶର୍ମାଙ୍କର ବଂଶଧର କିଏ ଥିଲେ ନଥିଲେ ତା'ର କିଛି ବି ଖବର ନଥିଲା ଲୋକଙ୍କ ପାଖରେ କି ପ୍ରଶାସକ ପାଖରେ। ନାଥଶର୍ମାଙ୍କୁ ସମାଧିସ୍ଥ କରିବା ସମୟରେ ବି ତାଙ୍କ ବଂଶର କେହି ଦାବିଦାର ଆସିବା ଦେଖାଯାଇ ନଥିଲା। ତେବେ ନାଥଶର୍ମା କେଉଁ ଅଞ୍ଚଳରୁ ଆସିଥିଲେ ତା'ର ବି କୌଣସି ତଥ୍ୟଭିତ୍ତିକ ପ୍ରମାଣ ନଥିଲା କାହାପାଖରେ।

ଧର୍ମ ଗୋଟେ ଅଫିମ୍‌ର ନିଶା! ମୁଁ କହିଲି ତ ଅନନ୍ତ ଯୁକ୍ତି ବାଢ଼ିଲା - କାଇଁ ଚନ୍ଦ୍ରଯାନ ଯେଉଁ ପୃଷ୍ଠ ଛୁଇଁଲା। ସେଠି କ'ଣ ଐଶ୍ୱରୀୟ ସତ୍ତାର ଭୂମିକା ନଥିଲା? ମୁଁ କହିଲି - ନା... ନା... ସେଇଟା ବୈଜ୍ଞାନିକ ମାନଙ୍କର ପ୍ରଗାଢ଼ ଉଦ୍ୟମ। ସୁନନ୍ଦା ମୋତେ ଆଖି ନଚାଇ କହିଲା - ଏଇ ମହାଶିବ



ରାତ୍ରରେ ଆମେ ପୁରା ଉପାସ ରହିଅଧିଆ ପଡ଼ିବୁ, ନନା କହିଚି ଏଥର ଗର୍ଭଧାରଣ ପକ୍କା! ସୁନନ୍ଦା ବାଁ ଆଖି ବୁଜି ଇସାରା କଲା ମୋତେ।

ମୁଁ ଦୋହରାଇଲି - କେତେ କୋଟିଖର୍ଚ୍ଚ କରାଗଲା ଚନ୍ଦ୍ରଯାନକୁ ପଠାଇବାରେ? ସେଇ ଟଙ୍କାରେ ଆମର ଏଇଠି ଲୋପପାଇ ସାରିଥିବା ଆଉ ଅବକ୍ଷୟର ଦ୍ୱାରରେ ଥିବା କେତେ ଏକର ଜମିରେ ସଫଳତାର ସହିତ କରାଯାଇପାରିଥାନ୍ତା ବୃକ୍ଷରୋପଣ। ସୃଷ୍ଟି କରାଯାଇପାରିଥାନ୍ତା ଗୋଟେ ବ୍ୟାପ୍ତ ସବୁଜ ବଳୟ। କେତେ କୋଟି ଖର୍ଚ୍ଚ ହୁଏ ମନ୍ଦୀରର ପୁନଃ ଉଦ୍ଧର ପାଇଁ, ମିଛ ଇତିହାସର ପୃଷ୍ଠଭୂମିରେ ତିଆରି ଧର୍ମର ଅଫିମ୍ ନିଶା ପାଇଁ କେତେ କୋଟି ଉଡ଼େଇ ଦିଆଯାଏ... ସତରେ କେତେ କୋଟି?

ଆମେ କ'ଣ ନାଳନ୍ଦା ଭଳି ବିଶ୍ୱବିଦ୍ୟାଳୟଟିଏ ଆଉ ପ୍ରତିଷ୍ଠା କରିପାରିଲେ? ନାହିଁ ନା! ତେବେ ଆମେ ଶିକ୍ଷାରେ ଆଗେଇଚୁ ବୋଲି ଛାତିରେ ହାତରଖି କହିପାରିବା ତ? ଆଗାମୀ ପିଢ଼ିକୁ ଉତ୍ତର ଦେବାକୁ ଆମ ପାଖରେ ସାହାସ ଥିବ ତ?

ଅନନ୍ତ ଉଠିଗଲା ବଗିଚ଼ ଆଡ଼କୁ। ମୋତେ କହିଲା - ତୁ ବୋଧେ ଜାଣିନୁ ଧର୍ମର ଧ୍ୱଜା ତଳେ ବଞ୍ଚିଚୁ! ଅନନ୍ତ ଛତ୍ରଭଙ୍ଗ ଦେଲେ ସୁନନ୍ଦା ଖୁସିହୁଏ। ସୁନନ୍ଦା ମୋ କାନ ପାଖରେ କହିଲା - ଶିବରାତ୍ର ପରେ ତୁ ମୋତେ ଗର୍ଭବତୀ କରିବୁ! ...ପାରିବୁ ତ? ଗଭୀର ଧର୍ମଭୀରୁ ଏଇ ଅନନ୍ତର ବିଶ୍ୱାସକୁ ପାଥେୟ କରି ମୁଁ ମା ହେବାକୁ ଚାହେଁ ତୋର ସାହାଯ୍ୟ ଲୋଡ଼ା। ଚିକିତ୍ସା ବିଜ୍ଞାନର ସାହାଯ୍ୟରେ ଅପ୍ରାକୃତିକ ଜୀବସତ୍ତାକୁ ମୋ ଗର୍ଭରେ ରୋପୀ ଦେବାକୁ ସେ ଦୁଷ୍କର୍ମ କହୁଚି। ସେଇଟା କୁଆଡ଼େ ଅବିଜା ଛୁଆ ହେବ ଆଉ ଅନନ୍ତ ତାକୁ ଗ୍ରହଣ କରିବାକୁ ରାଜି ନୁହେଁ। ମୁଁ ସିଗାରେଟ୍ ଜଳାଇ ଉଠିଆସିଲି। ମୁଁ ବ୍ୟଙ୍ଗ କଲି - କାଇଁ ସ୍ୱାଧୀ ତରୁଲତାର ଅଲୌକିକ ସତ୍ତାର ଆଶ୍ରୟ ନେଉନୁ, ସେ ତୋତେ ଗର୍ଭବତୀ କରାଇଦେବ!

ସ୍ୱାଧୀ ଆଜି ଆସିପାରନ୍ତି। ଲାଲ ଫୁଲରେ ମାଖି ହେଲାଣି ପଳାସ। ବାସ୍ନାହୀନ ବୋଲି ଆଦର ପାଏ ନାହିଁ ବୋଲି କହିହେବ ନାହିଁ। କାହାର ନା କାହାର ନଜରରେ ପଳାସ ଫୁଲ ତ ସତରୂପା ସୁନ୍ଦରୀ। ପ୍ରକୃତିକୁ ତ ମଖାଇ ଦେଇପାରେ ପ୍ରେମର ଲାଲ୍ ଟହଟହ ରଙ୍ଗ!

ତରୁଲତା ଆସୁଚି ଆଜି। ସ୍ୱାଧୀ ତରୁଲତା... ପୂଜ୍ୟା ତରୁଲତା। ସେ ତ ଦେବୀର ଆସନରେ ବସିସାରିଚି। ମୁଁ ସେଠି ତା'ଠୁ ମାନବର ବ୍ୟବହାର ଆଶା କରିବି କାହିଁକି? ଭାବପ୍ରବଣତାରେ ଲେଖିଥିବା ଚିଠିକୁ ମୁଁ ଗୁରୁତ୍ୱ ଦେଲିନାହିଁ।

କୀର୍ତ୍ତନ ଚାଲିଚି, ନାରୀମାନେ ହୁଳହୁଳି ଦେଇ ଅରୁଆ ଚାଉଳ, ଦୂବ, ବରକୋଳି ପତ୍ର ପକାଇ ଦୀପ ନିଆଁରେ ଅର୍ଘ୍ୟ ଦେଇ ପାଛୋଟି ନେଉଥିଲେ ସ୍ୱାଧୀ ତରୁଲତାକୁ!

ଅନନ୍ତ କହିଲା - ତୁ ଦେଖିଚୁ ତ ଶ୍ରୀଚରଣ ଆଜି ଆମ ସହରର ମାଟି କେମିତି ମହକିଯାଉଚି। ଖାସ୍ ଏଇ ଦେବୀ ଆସୁଛନ୍ତି ବୋଲି ଦେଖ୍ ଫଗୁଣରେ ବି ଟୋପେ ଟୋପେ ବର୍ଷ ଝରଉଚି ଆକାଶ। ଏଇଟା ସ୍ୱାଗତ ସମ୍ଭାଷଣ ଜଣଉଚି ପ୍ରକୃତି ଗୋଟେ ଦେବୀକୁ। ତୁ ଭୁଲିଯାଉଚୁ ଶ୍ରୀଚରଣ ସେଇଟା କୈଶୋର ବୟସର ତୋର ପ୍ରେମିକା ତରୁଲତା ନୁହେଁ... ସିର୍ଫ ସ୍ୱାଧୀ, ଦେବୀ ତରୁଲତା!

ଦେବୀଙ୍କ ପାଖରେ ବି ସେବିକା! ମଣିଷଙ୍କ ଭୀଷଣ ଗହଳି, ସ୍ତ୍ରୀ ଲୋକମାନଙ୍କ ଦେବୀକୁ ଘେରି ବସିଥିବା ବଳୟ ଓ ଗେଟ୍ ପାଖର ବନ୍ଧୁକଧାରୀ ସିକ୍ୟୁରିଟିକୁ ଡେଇଁ ମୁଁ ନିର୍ବୋଧ ପ୍ରାୟ ଚାହିଁ ରହିଲି ବାହାରୁ, ଯେମିତି କୈଶୋର ବୟସରେ ଚାହିଁ ରହୁଥିଲି... ତରୁଲତାକୁ!

ସର୍ବଶକ୍ତିମାନ ଦେବୀଙ୍କ ପାଇଁ କାହିଁକି ଆବଶ୍ୟକ ପଡ଼େ ସିକ୍ୟୁରିଟିରେ? ଦେବୀ କ'ଣ ଅସହାୟ? ଦେବୀ କ'ଣ ତାଙ୍କ ମୃତ୍ୟୁ କାଳର ଅଙ୍କ କଷିପାରନ୍ତି ନାହିଁ? ସତରେ କ'ଣ ସାଧାରଣ ମଣିଷଟେ ଅସାଧାରଣ ହୋଇଗଲେ ତା'ର ଜୀବନ ପ୍ରତି ବିପଦ ବଢ଼ିଯାଏ? ତେବେ ସାଦାରଣଙ୍କୁ ଅସାଧାରଣ ତିଆରି ଥିବା ଏଇ ସାଧାରଣ ମଣିଷ ହିଁ ସର୍ବଶକ୍ତିମାନ!

ସୁନନ୍ଦା ବ୍ୟଙ୍ଗ କଲା - ହେଃ ଶ୍ରୀଚରଣ ତୁ ସେ ତରୁଲତା କଥା ଛାଡ଼ ମୋ କଥା ଭାବ। ଚାରିଦିନ ଅନନ୍ତ କୁଆଡ଼େ ତରୁଲତାର ପ୍ରବଚନ ଶୁଣିବାକୁ ରାତି ସବୁ ଉଜଗର ରହିବ। *(କ୍ରମଶଃ)*

## ଜାତୀୟ କଳା ପ୍ରଦର୍ଶନୀରେ ଓଡ଼ିଆ ଶିଳ୍ପୀଙ୍କ କୃତିତ୍ୱ

# ପଞ୍ଜାବରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଶଂସା



**ଚଣ୍ଡିଗଡ :** ପଞ୍ଜାବ ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ଜାତୀୟ କଳା ପ୍ରଦର୍ଶନୀରେ ୪ ଜଣ ଓଡ଼ିଆ ଶିଳ୍ପୀଙ୍କ କଳାକୃତି ଉଭବ ପ୍ରଶଂସିତ ହେବା ସହ ଏକାଡେମୀ ଦ୍ୱାରା ଶିଳ୍ପୀ ମାନେ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ଡ଼. ପଞ୍ଚାନନ ସାମଲ, ଜାତୀୟ ପୁରସ୍କାର ପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ, ଜାତୀୟ ପୁରସ୍କାର ପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ନରୋତ୍ତମ ଦାସ ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ସୋଫିଆ ଜସ୍ମିନ। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୧୫ ଜଣ ଶିଳ୍ପୀଙ୍କ ୬୫ ଟି ଚିତ୍ର ଓ ୧୨ ଟି ଭାସ୍କର୍ଯ୍ୟ କଳା ପ୍ରଦର୍ଶିତ ହୋଇଛି। ପଞ୍ଚାନନ ସାମଲଙ୍କ ୪ଟି ଏବଷ୍ଟ୍ରାକ ପେଣ୍ଟିଂ ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଛି। ଚିତ୍ର ଗୁଡିକରେ ସାଂପ୍ରତିକ ସମୟରେ ଆଧୁନିକତାର ନାଁରେ କିପରି ଆମେ ପ୍ରକୃତିକୁ ନଷ୍ଟ କରି ଚାଲୁଛୁ ଏବଂ ତାର ଭୟାବହତା ପ୍ରଦର୍ଶିତ ହୋଇଛି। ଚନ୍ଦନ ସାମଲଙ୍କ ଦ୍ୱାରା ମୁଗୁନି ପଥର ତଥା ମାର୍ବଲରେ ନିର୍ମିତ ସମସାମୟିକ ଭାସ୍କର୍ଯ୍ୟ କଳା ଦର୍ଶକଙ୍କୁ ବିମୋହିତ କରୁଥିଲା। ଭାସ୍କର୍ଯ୍ୟ ଗୁଡିକରେ ଆଧୁନିକ ସମୟରେ ମଣିଷ କିପରି ଧୈର୍ଯ୍ୟ ହରା ହୋଇଯାଉଛି ଏବଂ ଖୁବ୍ କମ୍ ସମୟରେ କିପରି ସବୁକିଛି ହାସଲ କରିବାକୁ ବ୍ୟଗ୍ର ତାହାକୁ ନିଛକ ଭାବେ ପ୍ରଦର୍ଶିତ କରିଛନ୍ତି। ଶିଳ୍ପୀ ନରୋତ୍ତମ ଦାସଙ୍କ 'ମିଲକ କାର୍ଟ' ଓ 'ରାସ କେଳି' ଶୀର୍ଷକ ଦୁଇଟି ସେରାମିକ୍ସ ଭାସ୍କର୍ଯ୍ୟ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ନରୋତ୍ତମଙ୍କ ଭାସ୍କର୍ଯ୍ୟରେ ଓଡ଼ିଶାର ପରମ୍ପରା ଓ ଆଧୁନିକତାର ମିଶ୍ରଣ ଏକ ନୂତନ ସୌନ୍ଦର୍ଯ୍ୟ ବୋଧର ପ୍ରଦର୍ଶନ ଥିଲା । ସେହିପରି ଶୋଫିଆ ଜସ୍ମିନ୍‌ଙ୍କ ରୂପାନ୍ତରଣ ବିଷୟ ବସ୍ତୁ ଆଧାରିତ ୫ ଟି ସମସାମୟିକ ଚିତ୍ରକଳା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ଶୋଫିଆଙ୍କ ଚିତ୍ର ଗୁଡିକରେ ଆମ ନିତ୍ୟ ବ୍ୟବହୃତ ଜିନିଷ ଗୁଡ଼ିକର ଅତି ବାସ୍ତବବାଦୀ ଚିତ୍ରଣ ଖୁବ୍ ପ୍ରଶଂସନୀୟ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କିଏ ଚଳାଉଛ ...

ଏମାନେ କରିଥିବା ଆତଙ୍କବାଦୀ ଆକ୍ରମଣର ତାଲିକା ବହୁତ ଲମ୍ବା। ୨୦୧୯ରେ ଯବାନଙ୍କ ବସ୍ ଉପରେ ହୋଇଥିବା ବିସ୍ଫୋରଣରେ ଏହି ସଂଗଠନର ନାମ ସାମ୍ନାକୁ ଆସିଥିଲା। ଆତଙ୍କବାଦ କାର୍ଯ୍ୟକଳାପ ନେଇ ୨୦୨୩ ରେ ଟିଆରଏଫଙ୍କୁ ନିଷିଦ୍ଧ ଘୋଷଣା କରିଥିଲା ଭାରତର ଗୃହ ବିଭାଗ। ଏହା ସହିତ ଏହାର ପ୍ରତିଷ୍ଠାତା ଶେଖ ସଜ୍ଜାଦ ଗୁଲ୍‌ଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲେ। ୨୦୨୦ ମସିହାରେ ଏହି ସଂଗଠନ ନିୟନ୍ତ୍ରଣ ରେଖା ନିକଟରେ ଗୁଳିଚାଳନା କରିଥିଲା। ଯେଉଁଥିରେ ୫ ଜଣ ଭାରତୀୟ ଯବାନ ଓ ୫ ଜଣ ଟିଆରଏଫ ଯବାନଙ୍କର ମୃତ୍ୟୁ ହୋଇଥିଲା। ୨୦୨୦ ମସିହା ଏପ୍ରିଲ ୫ରେ କେରାନରେ ଆତ୍ମଘାତୀ ବିସ୍ଫୋରଣ କରି ଭାରତୀୟ ସ୍ପେଶାଲ ଫୋର୍ସର ୫ ଜଣ କର୍ମଚାରୀଙ୍କୁ ନିର୍ମମ ହତ୍ୟା କରିଥିଲେ। କେବଳ ଏତିକି ନୁହେଁ ୨୦୨୦ ମେ' ୩ରେ ସିଧା ସୁରକ୍ଷା କର୍ମୀଙ୍କୁ ଦେଇଥିଲେ ଓପନ ଚ୍ୟାଲେଞ୍ଜ। ଜଣେ କର୍ଣ୍ଣେଲ, ମେଜର ଏବଂ ଏସଓଜିର ଜଣେ ଇନସପେକ୍ଟରଙ୍କ ସମେତ ୫ ଜଣ ସୁରକ୍ଷାକର୍ମୀଙ୍କୁ ହତ୍ୟା କରିଥିଲେ। ସମାନ ବର୍ଷ ମେ' ୫ରେ ଚାରିଜଣ ସିଆରପିଏଫ କର୍ମଚାରୀ ଓ ଜଣେ ଦିବ୍ୟାଙ୍ଗଙ୍କର ମୃତ୍ୟୁ ହୋଇଥିଲା। ଏମିତିକି ସିଆରପିଏଫ ଯବାନଙ୍କ ଠାରୁ ୨ଟି ରାଇଫଲ ଚୋରି କରି ନେଇଥିଲେ। ପୁଣି ମେ' ୨୧ରେ ଜାମ୍ମୁ-କାଶ୍ମୀର ପିପୁଲ୍ସ ପାର୍ଟି ଉପରେ ଆକ୍ରମଣ କରି ଦୁଇ ଜଣ କର୍ମଚାରୀଙ୍କୁ ହତ୍ୟା। ୨୦୨୧ରେ ଶ୍ରୀନଗରରେ ଏକ ସ୍କୁଲରେ ପଶି ଦୁଇଜଣ ଅଣ ମୁସଲମାନ ଶିକ୍ଷକଙ୍କୁ ହତ୍ୟା କରିଥିଲେ। ପୁଣି ଅକ୍ଟୋବର ୯ରେ ଦୁଇ ଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଥିଲେ। ପାକିସ୍ତାନ ବିଶ୍ୱ ଦରବାରରେ ଆତଙ୍କବାଦ ପାଇଁ ସବୁବେଳେ ନିନ୍ଦିତ ହୋଇ ଆସୁଛି। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବାରୁ ବଡବଡ ଦେଶର ଟାର୍ଗେଟରେ ରହିଛି ପାକିସ୍ତାନ। ବିଶ୍ୱ ଦରବାରରେ ନିଜ ଛବି ସୁଧାରିବାକୁ ନୂଆ ଗଢା ହେଉଛି ଛୋଟଛୋଟ ସଂଗଠନ। ପାକିସ୍ତାନର ଫାଇନାନସିଆଲ ଆକ୍ସନ ଟାସ୍କ ଫୋର୍ସ ଗ୍ରେ ଲିଷ୍ଟରୁ ବାହାରିବା ପାଇଁ ଛୋଟ ସଂଗଠନକୁ ଯୋଗାଉଛି ଫଣ୍ଡ୍। ଆଉ ଯାହାର ଏକ ଜ୍ୱଳନ୍ତ ଉଦାହରଣ ଟିଆରଏଫ। ଏବେ ଯାହାକୁ ମୂଳ ପୋଛ କରିବାକୁ ଏବେ ଟିଆରଏଫ ସଦସ୍ୟଙ୍କୁ ଘରେଘରେ ଖୋଜୁଛନ୍ତି ସୁରକ୍ଷା କର୍ମୀ।

### ମାଟିରେ ...

୧୪ ଲକ୍ଷ ୫୫ ହଜାର ୫୫୦ ରହିଥିବା ବେଳେ ପାକିସ୍ତାନ ସେନା ସଂଖ୍ୟା ରହିଛି ମାତ୍ର ୬ ଲକ୍ଷ ୫୪ ହଜାର। ରିଜର୍ଭ ସେନା ସଂଖ୍ୟାରେ ମଧ ପାକିସ୍ତାନର ସେନା ସଂଖ୍ୟାଠାରୁ ଭାରତର ସେନା ସଂଖ୍ୟା ୨ ଗୁଣରୁ ଅଧିକ। ପାକିସ୍ତାନର ରିଜର୍ଭ ସେନା ସଂଖ୍ୟା ୫ ଲକ୍ଷ ୫୦ ହଜାର ରହିଥିବାବେଳେ ଭାରତର ରିଜର୍ଭ ସେନା ସଂଖ୍ୟା ରହିଛି ୧୧ ଲକ୍ଷ ୫୫ ହଜାର। ଭାରତର ପାରା ମିଲିଟାରୀ ଫୋର୍ସ ୨୫ ଲକ୍ଷ ରହିଥିବାବେଳେ ପାକିସ୍ତାନର ମାତ୍ର ୫ ଲକ୍ଷ ପାରି ମିଲିଟାରୀ ଫୋର୍ସ ରହିଛି। ଭାରତର ଏୟାରକ୍ରାଫ୍ଟ ସଂଖ୍ୟା ୨ ହଜାର ୨୨୯ ଥିବାବେଳେ ପାକିସ୍ତାନ ଯୁଦ୍ଧବିମାନ ସଂଖ୍ୟା ରହିଛି ୧ ହଜାର ୩୯୯। ସେହିପରି ଭାରତ ପାଖରେ ୫୧୩ ଫାଇଟର୍ ଜେଟ୍ ରହିଥିବାବେଳେ ପାକିସ୍ତାନର ରହିଥି ମାତ୍ର ୩୨୮ ଫାଇଟର ଜେଟ। ଭାରତର ଟ୍ୟାଙ୍କ ସଂଖ୍ୟା ୪ ହଜାର ୨୦୭ ରହିଥିବାବେଳେ ପାକିସ୍ତାନର ଟ୍ୟାଙ୍କ ସଂଖ୍ୟା ମାତ୍ର ୨ ହଜାର ୬୨୭। ଭାରତର ୩ଟି ନ୍ୟୁକ୍ଲିୟର ସବମେରିନ୍ ଓ ୧୩ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ ରହିଥିବାବେଳେ ପାକିସ୍ତାନ ପାଖରେ ଗୋଟିଏ ବି ନ୍ୟୁକ୍ଲିୟର ସବମେରିନ୍ କିମ୍ବା ଅତ୍ୟାଧୁନିକ ଯୁଦ୍ଧଜାହାଜ ନାହିଁ। ସେହିପରି ଯୁଦ୍ଧାସ୍ତ୍ର ଉପରେ ନଜର ପକାଇଲେ ଭାରତ ଆଗରେ ଆଣ୍ଠୁମାଡ଼ି ବସିବା ବ୍ୟତୀତ ପାକିସ୍ତାନର ଚାରା ନାହିଁ। ପିନାକ ରକେଟ୍ ସିଷ୍ଟମ୍, ରାଫେଲ୍, ସୁଖୋଇ ଏୟାରକ୍ରାଫ୍ଟ, ମିସାଇଲ ଡ୍ରୋଣ, ବ୍ରହ୍ମୋସ୍, ପୃଥ୍ୱୀ-୩, ବରାକ୍-୮, ଅଗ୍ନି-୫ ପାକିସ୍ତାନର ନିଦ ହଜାଇଛି। ପାକ ସେନା ଉପରେ ବର୍ଷିବାକୁ କେବଳ ଅର୍ଡର ଅପେକ୍ଷାରେ ରହିଛି ଟି-୯୦ ଭୀଷ୍ମ, କେ.୯ ବଜ୍ର ଟ୍ୟାଙ୍କ। ମୋଦି ସରକାରଙ୍କ ଇସାରାକୁ ଅପେକ୍ଷା କରିଛି ଜଳ, ସ୍ଥଳ ଓ ଆକାଶ ବାହୀନି। ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିଷ୍ପତ୍ତି ଏବଂ ଡିଫେନ୍ସ ମିନିଷ୍ଟର ରାଜନାଥ ସିଂହ, ସିଡିଏସ୍ ଜେନେରାଲ ଅନୀଲ ଚୌହ୍ୱାନ, ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କ ଗୁପ୍ତ ରଣନୀତି ଉପରେ ସାରା ବିଶ୍ୱର ନଜର ରହିଛି।

### ଦୂର ହେବ ...

ଯଥାଶୀଘ୍ର ଜିଲ୍ଲାରେ ଶିକ୍ଷକଙ୍କ ନିଯୁକ୍ତି ତାଲିକା ତଦାରଖ କରିବା ସହ ଯେଉଁ ସ୍କୁଲରେ ଅଧିକ ଶିକ୍ଷକ ଅଛନ୍ତି ସେଠାରୁ ଶିକ୍ଷକ ନଥିବା ସ୍କୁଲକୁ ପଠାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ। ଗ୍ରାମାଞ୍ଚଳ ସ୍କୁଲରେ ଦୂର ହେବ ଶିକ୍ଷକ ସମସ୍ୟା। ଗାଁକୁ ଯିବେ ସହରୀ ସ୍କୁଲ ଶିକ୍ଷକ। ସହରାଞ୍ଚଳର ବହୁ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଅଧିକ ଶିକ୍ଷକ ଅଛନ୍ତି। ଆଉ ସେହି ଅନୁପାତରେ ଗ୍ରାମାଞ୍ଚଳର ଅନେକ ସ୍କୁଲରେ ଯଥେଷ୍ଟ କମ୍ ଶିକ୍ଷକ ଅଛନ୍ତି। ଏପରିକି ବହୁ ସ୍କୁଲ ଜଣେ ଶିକ୍ଷକରେ ଚାଲୁଛି। ଶିକ୍ଷକ ଦେବାକୁ ସରକାରଙ୍କ ପାଖରେ ଗଦା ଗଦା ଆବେଦନ ଓ ଅଭିଯୋଗ ରହିଛି। ଯଥାଶୀଘ୍ର ଜିଲ୍ଲାରେ ଶିକ୍ଷକଙ୍କ ନିଯୁକ୍ତି ତାଲିକା ତଦାରଖ କରାଯିବ। ଯେଉଁ ସ୍କୁଲରେ ଅଧିକ ଶିକ୍ଷକ ଅଛନ୍ତି ସେଠାରୁ ଶିକ୍ଷକ ନଥିବା ସ୍କୁଲକୁ ଅବସ୍ଥାପିତ କରାଯିବ। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଏମିତି ଚିଠି କରିଛି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ। ଜରୁରୀକାଳୀନ ଚିଠି ଜାରି କରି ନିର୍ଦ୍ଦେଶାଳୟ ସ୍ପଷ୍ଟ ଭାଷାରେ ଉଲ୍ଲେଖ କରିଛି, ଯଥାଶୀଘ୍ର ସହରାଞ୍ଚଳ, ବ୍ଲକ ହେଡକ୍ୱାର୍ଟରରୁ ଗ୍ରାମାଞ୍ଚଳକୁ ଶିକ୍ଷକ ବଦଳି କରାଯିବ। ଆସନ୍ତା ୩୦ ତାରିଖ ମଧ୍ୟରେ ଶିକ୍ଷକ ନଥିବା ସ୍କୁଲ କିମ୍ବା ଜଣେ ଶିକ୍ଷକରେ ଚାଲିଥିବା ସ୍କୁଲକୁ ଶିକ୍ଷକ ବଦଳିକୁ ଗୁରୁତ୍ୱର ସହ ନେବାକୁ କୁହାଯାଇଛି।

### ବରଗଡ଼ ...

ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ପୂର୍ବ ବିଜେଡି ସରକାରର ଆନ୍ତରିକତା ଅଭାବ ଯୋଗୁଁ ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହୋଇପାରୁନଥିଲା। ବିପଦ ସଙ୍କୁଳ ଅବସ୍ଥାରେ ମହାନଦୀ ଉପରେ ଡଙ୍ଗାରେ ଲୋକଙ୍କୁ ଗୋଟିଏ ଜିଲ୍ଲାରୁ ଆଉ ଗୋଟିଏ ଜିଲ୍ଲାକୁ ଯିବାକୁ ପଡୁଛି। ହେଲେ ଏସବୁର ଅନ୍ତ ଘଟିବାକୁ ଯାଉଛି। ଅଢେଇ ବର୍ଷ ମଧ୍ୟରେ ଯୋଡ଼ି ହେବ ଦୁଇ ଜିଲ୍ଲା। ଝାରସୁଗୁଡ଼ାରେ ପଶ୍ଚିମ ଓଡ଼ିଶାର ସବୁଠୁ ବଡ଼ ରେଳ ଜଙ୍କସନ୍ ଓ ଦ୍ୱିତୀୟ ଏୟାରପୋର୍ଟ ରହିଛି। ବ୍ରିଜ୍ ନିର୍ମାଣ ହେବା ଦ୍ୱାରା ସହଜ ହେବ ଯାତାୟତ। ବରଗଡ଼, ସୋନପୁର, ବଲାଙ୍ଗୀର ଜିଲ୍ଲା ସମେତ ପଶ୍ଚିମାଞ୍ଚଳର ଅନେକ ଅଞ୍ଚଳ ଯୋଡି ହେବା ସହ ବୃଦ୍ଧି ପାଇବ ବ୍ୟବସାୟିକ ସମ୍ପର୍କ।

### ସବୁ ପରିସ୍ଥିତିର ...

ମୁଖ୍ୟମନ୍ତ୍ରୀ କରିଛନ୍ତି ଉଚ୍ଚସ୍ତରୀୟ ଆଲୋଚନା। ଆମ ରାଜ୍ୟରେ ରହିଥିବା ଅନୁପ୍ରବେଶ କାରୀଙ୍କ ଉପରେ ରହିଛି ତିଖନ୍ ନଜର। ସବୁ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାହା ବି କାର୍ଯ୍ୟାନୁଷ୍ଠାନ ହେବା କଥା ହେବ। ଆମେ ସବୁ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

### ବିଳମ୍ବ ...

ତାରିଖ ବି ଘୁଞ୍ଚିବା ସମ୍ଭାବନା ରହିଛି। ପୂର୍ବରୁ ମେ' ୧୫ରେ ହି ଫଳ ପ୍ରକାଶ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ଏହା ମେ' ୧୫ରୁ ୨୦ ଭିତରେ ପ୍ରକାଶ କରିବାକୁ ଯୋଜନା କରୁଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ। ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଖାତା ମୂଲ୍ୟାୟନରେ ୧୬ ହଜାର ଅଧ୍ୟାପକ ଅଧ୍ୟାପିକାଙ୍କୁ ସାମିଲ କରିବାକୁ ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନର ଅନଲାଇନ ଖାତା ଦେଖାରେ ୩ ହଜାର ୫ ଶହ ଓ ଅଫଲାଇନ ପାଇଁ ୪ ହଜାର ୫ଶହ ମୂଲ୍ୟାୟନକାରୀଙ୍କୁ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ଜଣ ଅଧ୍ୟାପକ ଅଧ୍ୟାପିକା ବିଭିନ୍ନ କାରଣ ପାଇଁ ଅଂଶଗ୍ରହଣ କରିପାରି ନଥିଲେ। ଏପ୍ରିଲ ୧୬ରୁ ୨୮ ମଧ୍ୟରେ ୮ ହଜାର ମୂଲ୍ୟାୟନକାରୀ ଖାତାଦେଖାରେ ସାମିଲ ହୋଇଛନ୍ତି। ଚଳିତବର୍ଷ ଉଭୟ ପାର୍ଶ୍ୱରେ ୨୪ ଲକ୍ଷ ଖାତା ମୂଲ୍ୟାୟନ ହେଉଛି। ଯେଉଁଥିରେ ଅଫଲାଇନରେ ୧୫ ଲକ୍ଷ ଓ ଅନଲାଇନରେ ୯ ଲକ୍ଷ ଉତ୍ତର ଖାତା ରହିଛି। ପରୀକ୍ଷା ଫଳ ପ୍ରକାଶର ତାରିଖ ଗଡ଼ିବାରୁ ଛାତ୍ରଛାତ୍ରୀଙ୍କ ଭିତରେ ଆଶାଆଶଙ୍କା ବଢିବ। ଯାହା ସେମାନଙ୍କୁ ମାନସିକ ସ୍ତରରେ ପ୍ରଭାବିତ କରିପାରେ।

### 'ଦକ୍ଷ ଓ ଶୃଙ୍ଖଳିତ ...

ଅସହାୟମାନେ କିଭଳି ଯଥା ଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦେବା ଓ ସମସ୍ତ ପୁଲିସ ଷ୍ଟେସନରେ ଅଭିଯୋଗ ତୁରନ୍ତ ଗ୍ରହଣ ଏବଂ ସେହି ମାମଲା ଉପରେ କିଭଳି ଠିକ୍ ସମୟରେ ତଦନ୍ତ କରାଯିବ, ସେଥିପ୍ରତି ଯତ୍ନବାନ ହେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟ ପୁଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଲ ଠାରୁ ଇନ୍ସପେକ୍ଟର ପର୍ଯ୍ୟନ୍ତ ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି। ସେହିପରି କନେଷ୍ଟବଳ, ସିପାହୀ ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସହିତ ହାବିଲଦାର ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ ଆଜି କନେଷ୍ଟବଳ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତା ମାନେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିଥିଲେ। ବୈଠକ ଆରମ୍ଭରେ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତଭାଷଣ ଦେବା ସହିତ ନିକଟରେ ପୁଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। କନେଷ୍ଟବଳ, ହାବିଲଦାର ଓ ସିପାହୀ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସଂପାଦକ କିଶୋର କୁମାର ମହାନ୍ତି ଓ ଅନ୍ୟ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ।

### ପୁଣି ବିବାଦରେ ...

ଧୂଳିପଦର ଗାଁରେ ଆନ୍ଧ୍ରପ୍ରଦେଶ ସାଲୁର ମଣ୍ଡଳମ ପକ୍ଷରୁ ୧୦ ହଜାର ଲିଟର ପାଣି ଟାଙ୍କି ଲୁଚି ଛପି ନିର୍ମାଣ ଚାଲିଛି। ଗତକାଲି ଆନ୍ଧ୍ର ପକ୍ଷରୁ ତିନି ଜଣ ଶ୍ରମିକ ଟାଙ୍କିରେ ରଙ୍ଗ ଦେଉଥିବା ବେଳେ କୋଟିଆ ପୁଲିସ ସେମାନଙ୍କୁ ଥାନାକୁ ଆଣି ବ୍ୟକ୍ତିଗତ ମୁଚାଲିକାରେ ତାଗିଦ୍ କରି ଛାଡ଼ି ଦେଇଥିଲା। ୱାଇଏସ୍ ରାଜଶେଖର ରେଡ୍ଡୀ ମୁଖ୍ୟମନ୍ତ୍ରୀ ଥିବା ସମୟରୁ କୋଟିଆ ବିରୋଧରେ ଆନ୍ଧ୍ରର ଷଡ଼ଯନ୍ତ୍ର ଚଳାଇ ଆସୁଛି। କ୍ରସ ମିଶନ ମାଧ୍ୟମରେ କୋଟିଆ ବିରୋଧରେ ଭାଷାଗତ ଓ ସାଂସ୍କୃତିକ ଷଡ଼ଯନ୍ତ୍ର ରଚିଆସିଥିଲେ ୱାଇଏସଆର ସରକାର। ଯାହାର ପରିଣାମ ସ୍ୱରୂପ ୩୦ ବର୍ଷ ତଳେ କୋଟିଆ ଅଞ୍ଚଳରେ ଗୋଟିଏ ହେଲେ ବି ଖ୍ରୀଷ୍ଟିଆନ ପରିବାର ନଥିବା ବେଳେ ଆଜି ସେଠାରେ ଗୋଟିଏ ହେଲେ ବି ହିନ୍ଦୁ ପରିବାର ନାହାନ୍ତି। ତାଙ୍କ ପୁଅ ଜଗନମୋହନ ରେଡ୍ଡୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ଧାରାକୁ ଜାରି ରଖିଥିଲେ। ସେ ଆଉ ପାଦେ ଆଗକୁ ଯାଇ କୋଟିଆରେ ଥିବା ଜଗନ୍ନାଥ ମନ୍ଦିରରେ ତାଲା ପକାଇଦେଇଥିଲେ। ଆନ୍ଧ୍ର ସରକାର ଲଗାତାର କୋଟିଆକୁ ଅକ୍ତିଆର କରିବାକୁ ଷଡ଼ଯନ୍ତ୍ର ରଚିଚାଲିଥିବା ବେଳେ ସବୁ ଜାଣିଚୁପ୍ ବସିରହିଥିଲେ ୨୪ ବର୍ଷର ନବୀନ ସରକାର। ଏବେ ପ୍ରଶ୍ନ ବର୍ତ୍ତମାନର ବିଜେପି ସରକାର କୋଟିଆ ବିବାଦର ସମାଧାନ ପାଇଁ ଆରମ୍ଭ କରିଥିବା ପ୍ରୟାସ କେତେ ସଫଳ ହୋଇପାରିବ ?

### ଗ୍ରାମାଞ୍ଚଳର ...

ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ବିଜୁଳି, ସଡକ, ପାଣି ପରି ଭିତ୍ତିଭୂମି ହେଉଛି ଗ୍ରାମାଞ୍ଚଳର ସବୁଠୁ ବଡ ପ୍ରାଥମିକତା। ଏହି ସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ। ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ। ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେଇଛୁ। ସେ ପୁଣି କହିଥିଲେ ଯେ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇଦେବୁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମିତ ହୋଇସାରିଛି ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣାଧିନ ଅଛି। ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଆମେ ଗ୍ରାମାଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବୁ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରକୁ ପକ୍କା ଘର ଯୋଗାଇଦେବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ରାଜ୍ୟର ମହିଳାମାନେ ସୁଭଦ୍ରା ଯୋଜନାରେ ପାଇଥିବା ଅର୍ଥକୁ ସୁବିନିଯୋଗ କରିଛନ୍ତି। ଆମ ରାଜ୍ୟର ୧୭ ଲକ୍ଷ ମା' ଲକ୍ଷପତି ଦିଦି ହୋଇ ଭାରତ ବର୍ଷରେ ଓଡ଼ିଶାକୁ ପ୍ରଥମ ସ୍ଥାନରେ ରଖିଛନ୍ତି। ଲକ୍ଷପତି ଦିଦି ଗଢିବାରେ ସୁଭଦ୍ରା ଯୋଜନାର ବହୁତ ବଡ଼ ଅବଦାନ ରହିଛି ବୋଲି ସେ କହିଥିଲେ। ସେ କହିଥିଲେ ଯେ, ଆମେ ରାଜ୍ୟବାସୀଙ୍କୁ ଯାହା କଥା ଦେଇଥିଲୁ ତାହା ଆମେ ୧୦ ମାସ ମଧ୍ୟରେ କାମରେ କରି ଦେଖାଇଛୁ। ଆମ ସରକାର କାମରେ ବିଶ୍ୱାସ କରେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ ପ୍ରକ୍ରିୟା, ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ, ପି.ପି.ଏମ୍.ଏସ୍. ପୋର୍ଟାଲ, ପଞ୍ଚାୟତ ମନିଟରିଙ୍ଗ୍ ସିଷ୍ଟମ, ୬୧୩ଟି ଗ୍ରାମ ପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନର ଶୁଭାରମ୍ଭ କରିବା ସହିତ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ୍ ପୁସ୍ତକର ଉନ୍ମୋଚନ କରିଥିଲେ। ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକର ୮ଜଣ ରାସନ କାର୍ଡ ହିତାଧିକାରୀ ଓ ୫ଜଣ ସୁଭଦ୍ରା ହିତାଧିକାରୀଙ୍କୁ ରାସନ କାର୍ଡ ଓ ସହାୟତା ରାଶି ପ୍ରଦାନ କରିଥିଲେ। ପୋଷଣ ଅଭିଯାନରେ ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପଦକ୍ଷେପ ଆରମ୍ଭ କରିଛୁ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି। ପୋର୍ଟାଲ ମାଧ୍ୟମରେ ଯଥା ଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସିଲା ପରେ ଗାଁରେ ବିକାଶର ସୁଅ ଛୁଟିଛି। ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି। ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି। ଗାଁର ବିକାଶ ପାଇଁ ରାଜନୀତିରୁ ଊର୍ଦ୍ଧ୍ୱକୁ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ଗ୍ରାମାଞ୍ଚଳର ମୌଳିକ ସମସ୍ୟାକୁ ଦୂର କରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଗାଁର ବିକାଶ ହେଲେ ଆମ ଦେଶର ବିକାଶ ହେବ। ପଞ୍ଚାୟତିରାଜ ଦିବସରେ ଯେଉଁ ଗାଁରେ ଆମର ଆତ୍ମା ଅଛି, ସେହି ଗାଁକୁ ସରଶ ସୁନ୍ଦର କରିବା ପାଇଁ ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ସାଂସଦ ସମ୍ବିତ ପାତ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ।

# ପହିଲାରୁ ୨୦ ଜିଲ୍ଲାରେ ଧାନକିଣା

**ଭୁବନେଶ୍ୱର :** ଚଳିତ ରବି ଋତୁରେ ଆସନ୍ତା ମେ' ମାସ ପହିଲାରୁ ରାଜ୍ୟର ୨୦ଟି ଜିଲ୍ଲାରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅୟୁଜିତ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ୨୦ଟି ଜିଲ୍ଲାର ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ସୂଚନା ଅନୁଯାୟୀ, ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିବା ବେଳେ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ବାବଦକୁ ୫ ହଜାର ୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚଳିତ ରବି ଋତୁ ପାଇଁ ଆସନ୍ତା ମଇ ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ। ଏଥିରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ ରହିଛି। ଚଳିତ ବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲ୍ଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବା ବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ। ଏଥିରେ ମଧ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହେବେ।

## ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

# ମେ' ୨୦ରୁ ଜିଲ୍ଲାରେ ମଣ୍ଡିରୁ ଧାନ ସଂଗ୍ରହ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାରେ ରବି ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହଣ କମିଟି ବୈଠକ ଜିଲ୍ଲାପାଳ ଡ଼ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ସି ଡି ଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର ୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର ରାଜ୍ୟସଭା ସାଂସଦ ପ୍ରତିନିଧି ରବି ପଟ୍ଟନାୟକ, ବିଧାୟକ ନବରଙ୍ଗପୁର ପ୍ରତିନିଧି ଦେବଦାସ ମହାକୁଡ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଜିଲ୍ଲାପାଳଙ୍କ ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମେ' ମାସ ୨୦ ତାରିଖରୁ ୫ଟି ବ୍ଲକର ୭ଟିମଣ୍ଡି ରୁ ଧାନ କ୍ରୟ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ପ୍ରଥମେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାପାଳ ରବି ଧାନ ସଂଗ୍ରହ ସମୟରେ ଚାଷୀମାନଙ୍କ ପାଇଁ ଆବଶ୍ୟକୀୟ ସୁବିଧା ଓ ଉଚିତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ସିଏସଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନବରଙ୍ଗପୁର ବିଧାୟକ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯଥା ପିଇବା ପାଣି ବ୍ୟବସ୍ଥା, ପ୍ରତ୍ୟେକ ଦିନ ଖୋଲିବା, ବିଜୁଳି, ତାର୍ପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେସିନ୍ ଓ ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଆର୍‌ଏମସି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଏସଓଙ୍କ ଦ୍ୱାରା ଗୃହରେ ପ୍ରଦତ୍ତ ସୁଚନା ଅନୁସାରେ ଗତ ଖରିଫ ୨୦୨୪-୨୫ରେ ଧାନ ସଂଗ୍ରହ ଲକ୍ଷ୍ୟ ୨୫,୭୮,୪୪୭.୭୬ କ୍ୱିଣ୍ଟାଲ ଥିବାବେଳେ ତାଙ୍କ ୨୪,୯୪,୬୪୭.୮୬ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥଲା ଏବଂ ୪୦,୩୫୯ ଚାଷୀ ଧାନ ସଂଗ୍ରହଣ ରେ ଅନ୍ତର୍ଭୁକ୍ତ ହୋଇଥିଲେ। ୨୦୨୩-୨୪ ରବି ଋତୁରେ ଧାନ ସଂଗହ ୩୦,୯୨୫.୩୭ କ୍ୱିଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ ରୁ ୧୦,୯୪୨.୮୫ କ୍ୱିଣ୍ଟାଲ ଧାନ ସଂଗ୍ରହଣ ହୋଇଛି।ବର୍ତ୍ତମାନ ୨୦୨୪-୨୫ ରବି ପାଇଁ ୧୦୫୨ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ବୈଠକରେ ଚାଷୀ ପ୍ରତିନିଧି ଝାଡେଶ୍ୱର ଖାଡଙ୍ଗା ଏବଂ ଜଗଦୀଶ ଚନ୍ଦ୍ର ବିଷୋୟୀ,ମିଲର ସଭାପତି ପ୍ରଦୀପ ମିଶ୍ର ଏବଂ ସମ୍ପାଦକ ବିଶ୍ୱମ୍ଭର ଦାସ, ଡିଏସଡବ୍ଲୁଓ, ଡିଆଇପିଆର୍‌ଓ, ଏଆର୍‌ସିଏସଙ୍କ ସହ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀନିବାସ କଲ୍ୟାଣ ମଣ୍ଡପ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଆଭାସୀ ମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡିଶାର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମନ୍ତ୍ରୀ ମାନଙ୍କ ଉଦବୋଧନର ସିଧା ପ୍ରସାରଣ ଲୋକେ ଦେଖିଥିଲେ। ଏହାସହ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରାଯାଇଥିଲା। ଶେଷରେ ୨୩ ଜଣଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ଲୋକପ୍ରିୟ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧକ୍ଷା ବୀଣା ମାଝୀ ଓ ଉପାଧକ୍ଷ ସଦାନନ୍ଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ବିଜେପିର କର୍ମକର୍ତ୍ତା ବୃନ୍ଦ, ବିଡିଓ ଶରତ ମାଝୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜିପିଓ ପଦ୍ମନାଭ ଭାଲ୍ଲା, ବ୍ଲକର ଅନ୍ୟ ଅଧିକାରୀ ବୃନ୍ଦ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ବହୁ ଜନସାଧାରଣ ମାନେ ଉପସ୍ଥିତ ରହି ଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ ମଞ୍ଚକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରନ୍ଧାରୀ ଜନସାଧାରଣ ମାନଙ୍କୁ ଉଦ୍‌ବୋଧନ ସହ ସରକାରୀ ଯୋଜନା ଉପରେ କହିଥିବା ବେଳେ ବିଜେପିର କର୍ମୀ ଜଗଦୀଶ ଭତ୍ରାକ୍ଷ ଜନସାଧାରଣ ମାନଙ୍କୁ ଉଦବୋଧନ ଦେବା ସହ ସରକାରୀ ପଞ୍ଚାୟତିରାଜ ଯୋଜନା ଉପରେ ବ୍ୟାପକ ଶୁଣାଇଥିଲେ।

# ଶ୍ରେଷ୍ଠ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର



**ଅସ୍ତରଙ୍ଗ :** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପୁରୀ ଜିଲ୍ଲା କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତକୁ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅସ୍ତରଙ୍ଗ ପଞ୍ଚାୟତକୁ ମିଳିଥିବା ପୁରସ୍କାର ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦୁଭୂଷଣ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ୫, ୭୯, ୭୧୦ ଟଙ୍କା ସହ ଏକ ମାନପତ୍ର ମଞ୍ଚ ଉପରେ ପୁରସ୍କୃତ କରିଛନ୍ତି। ଅତିଥି ଭାବେ ମଞ୍ଚ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପ୍ରଭାତୀ ପରିଡା, ପଞ୍ଚାୟତରାଜ ମନ୍ତ୍ରୀ ରବି ନାଏକ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ସରପଞ୍ଚଙ୍କୁ ଶୁଭେଚ୍ଛା ମିଳୁଛି।



# ବାହୁଡୁଛି ମହୁଲ

**ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ, ବିବାହ ଠାରୁ ଶବ ସତ୍କାର ପର୍ଯ୍ୟନ୍ତ ମହୁଲର ପ୍ରତିଟି ଉତ୍ପାଦ ଆଦିବାସୀ ପରମ୍ପରାରେ ଆବଶ୍ୟକ ହୋଇଥାଏ। ମହୁଲ ଗଛକୁ ଦେବୀ ଦୁର୍ଗାଙ୍କ ସ୍ୱରୂପ ଭାବରେ ଦେବୀ ଭାଗବତରେ ବର୍ଣ୍ଣନା କରାଯାଇଛି। ବାର ମାସରେ ବିଶେଷ ପ୍ରକାର ଭୋଗ ଅର୍ପଣ କରି ମହୁଲ ଗଛକୁ ପୂଜା କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ କରାଯାଏ। ବୈଶାଖ ମାସରେ ମହୁଲ ଗଛ ମୂଳରେ ଗୁଡ, ଜ୍ୟେଷ୍ଠ ମାସରେ ମହୁ, ଆଷାଢ ମାସରେ ଲହୁଣି, ଭାଦ୍ରବ ମାସରେ ଖିରି, କାର୍ତ୍ତିକରେ ଦୁଗ୍ଧ, ମାର୍ଗଶୀରରେ ଫେଣି, ପୌଷ ମାସରେ ଲସି, ମାଘ ମାସରେ ଗୋଘୃତ, ଫାଲଗୁନରେ ନଡିଆ ଓ ଚୈତ୍ର ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିରେ ପାଞ୍ଚ ପ୍ରକାର ବ୍ୟଞ୍ଜନ ଭୋଗ ଲଗାଇ ବାର ମାସ ପୂଜା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି।**



ପ୍ରେମାନନ୍ଦ ପାଣିଗ୍ରାହୀ

ଆଦିବାସୀମାନେ ବର୍ଷର ବିଭିନ୍ନ ସମୟରେ ଜଙ୍ଗଲରେ ମିଳୁଥିବା ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି କରି ଜୀବିକା ନିର୍ବାହ କରିଥାନ୍ତି। ଶିଆଳି ଖଲି ଠାରୁ ଆରମ୍ଭ କରି ଫୁଲଝାଡୁ, ଝୁଣା, ମହୁ, ଅଁଳା, ହରିଡା, ବାହାଡା, ସଡିଙ୍ଗ, ମହୁଲ ଭଳି ବଣରୁ ସଂଗୃହିତ ସାମଗ୍ରୀ ଆଦିବାସୀଙ୍କ ଜୀବନରେ ଅର୍ଥନୈତିକ ସୁରକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟଗୁଡିକ ମଧ୍ୟରେ ମହୁଲ ଫୁଲ ଆଦିବାସୀଙ୍କର ଏକ ପ୍ରମୁଖ ବନଜାତ ଦ୍ରବ୍ୟ। ସେମାନଙ୍କ ଜୀବନ କହିଲେ ମହୁଲ। ମହୁଲ ଗଛ ସହିତ ଆଦିବାସୀ ଜୀବନର ସମ୍ପର୍କ ଯୁଗଯୁଗର। ମହୁଲର ଫୁଲ, ଫଳ, ମଞ୍ଜି, ସବୁ କାମରେ ଆସେ। ମହୁଲ ଗଛରୁ ସଂଗୃହିତ କାଠକୁ ଜାଳେଣି ଅଭାବ ଦୂର କରନ୍ତି ସେମାନେ। ମହୁଲର ଅନ୍ୟ ନାମ ହେଉଛି ମହୁଆ। ଉଦ୍ଭିଦ ବିଜ୍ଞାନରେ ମହୁଲକୁ ମଧୁକାଲୋଙ୍ଗିଫୋଲିଆ କୁହାଯାଇଥାଏ। ଇଂରାଜୀରେ ଏହାକୁ ହନି ଟ୍ରି, ହିନ୍ଦିରେ ମହୁଆ କୁହାଯାଏ । ଓଡିଶା, ଛତିଶଗଡ, ମଧ୍ୟପ୍ରଦେଶ, ଝାଡଖଣ୍ଡ, ବିହାର, କେରଳ, ଗୁଜୁରାଟ, ଉତ୍ତରପ୍ରଦେଶ ଆଦି ରାଜ୍ୟର ଜଙ୍ଗଲରେ ମହୁଲ ଗଛ ଦେଖିବାକୁ ମିଳିଥାଏ। ରାଜ୍ୟର ପଶ୍ଚିମ, ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପଶ୍ଚିମ ଓଡିଶାରେ ଗରୀବଙ୍କ ମୁଖ୍ୟ ଆୟ ମହୁଲ ଫୁଲ। ଏହି ଫୁଲ ମହୁଲି ଠାରୁ ଆରମ୍ଭ କରି କେକ୍, ଚକଲେଟ୍, ଜାମ, ଜେଲି ଏପରିକି ହ୍ୟାଣ୍ଡ ସାନିଟାଇଜର, ଫ୍ଲୋରକ୍ଲିନରରେ ବ୍ୟବହାର ହୁଏ।

ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ, ବିବାହ ଠାରୁ ଶବ ସତ୍କାର ପର୍ଯ୍ୟନ୍ତ ମହୁଲର ପ୍ରତିଟି ଉତ୍ପାଦ ଆଦିବାସୀ ପରମ୍ପରାରେ ଆବଶ୍ୟକ ହୋଇଥାଏ। ମହୁଲ ଗଛକୁ ଦେବୀ ଦୁର୍ଗାଙ୍କ ସ୍ୱରୂପ ଭାବରେ ଦେବୀ ଭାଗବତରେ ବର୍ଣ୍ଣନା କରାଯାଇଛି। ବାର ମାସରେ ବିଶେଷ ପ୍ରକାର ଭୋଗ ଅର୍ପଣ କରି ମହୁଲ ଗଛକୁ ପୂଜା କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ କରାଯାଏ। ବୈଶାଖ ମାସରେ ମହୁଲ ଗଛ ମୂଳରେ ଗୁଡ, ଜ୍ୟେଷ୍ଠ ମାସରେ ମହୁ, ଆଷାଢ ମାସରେ ଲହୁଣି, ଭାଦ୍ରବ ମାସରେ ଖିରି, କାର୍ତ୍ତିକରେ ଦୁଗ୍ଧ, ମାର୍ଗଶୀରରେ ଫେଣି, ପୌଷ ମାସରେ ଲସି, ମାଘ ମାସରେ ଗୋଘୃତ, ଫାଲଗୁନରେ ନଡିଆ ଓ ଚୈତ୍ର ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିରେ ପାଞ୍ଚ ପ୍ରକାର ବ୍ୟଞ୍ଜନ ଭୋଗ ଲଗାଇ ବାର ମାସ ପୂଜା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି ।

ମହୁଲ ଗଛ ତିନି ବର୍ଷର ହେଲେ ଫୁଲ ଫୁଟିବା ଆରମ୍ଭ କରିଥାଏ। ଫୁଲ ଫୁଟିବା ପୂର୍ବରୁ ପ୍ରତି ବର୍ଷ ଫେବୃଆରୀ ଠାରୁ ଅପ୍ରେଲ ମଧ୍ୟରେ ପୁରୁଣା ପତ୍ରସବୁ ଝଡିଯାଏ ଓ ମହୁଲ ଗଛରେ ଫୁଲ ଫୁଟେ। ପାହାନ୍ତା ପହରରେ ଗଛରୁ ଟପ୍‌ଟପ୍ ମହୁଲ ପଡିବା ଆରମ୍ଭ କରେ। ମହୁଲ ଫୁଲର ମତୁଆଲା ବାସ୍ନାରେ ବଣମୂଲକ ପୂରି ଉଠେ । ଖରା ଟାଣ ହେଉହେଉ ମହୁଲ ଫୁଲ ପଡି ସବୁଜ ଭୂଇଁ ବି ଧବଳ ବର୍ଣ୍ଣ ଧାରଣ କରିଥାଏ। ଏହି ଫୁଲକୁ ଗୋଟାଇବା ପାଇଁ ଆଦିବାସୀ ଯୁବକ, ଯୁବତୀ, ବୁଢାବୁଢୀ ସହଳ ସହଳ ଉଠି ଡାଲା, ଟୋକେଇ ଧରି ଚାଲିଯାଆନ୍ତି ମହୁଲ ଗଛ ମୂଳକୁ। ପିଲାମାନେ ମଧ୍ୟ ମା,ବାପାଙ୍କ ସହ ଜଙ୍ଗଲକୁ ଯାଇ ମହୁଲ ସଂଗ୍ରହ କରନ୍ତି। ଜଙ୍ଗଲରେ ଥିବା ମହୁଲ ଗଛଗୁଡିକ କାହାର ତାହା ପୂର୍ବ ପୁରୁଷରୁ ନିର୍ଦ୍ଧାରିତ ହୋଇଥାଏ। କେତେକ ସାରା ଦିନ ପାଇଁ ଖାଇବା ଦ୍ରବ୍ୟ ନେଇ ପରିବାର ସହ ମହୁଲ ସଂଗ୍ରହ କରନ୍ତି ।

ମହୁଲ ଫୁଲକୁ ଖରାରେ କିଛିଦିନ ଶୁଖାଇ ବିକ୍ରି ଯୋଗ୍ୟ କରାଯାଏ । କେତେକ ଅଞ୍ଚଳରେ ମହୁଲ ସିଝା ଓ ମହୁଲ ଭଜା ଖାଦ୍ୟ ଭାବେ ବ୍ୟବହୃତ ହୁଏ। ଘରୋଇ ବ୍ୟବହାର ପାଇଁ କିଛି ମହୁଲ ଘରେ ସାଇତି ରଖି ଆଦିବାସୀମାନେ ଅବଶିଷ୍ଟ ମହୁଲ ଫୁଲକୁ ତେଲ,ଲୁଣ ସଂସାର ପାଇଁ ବିକ୍ରି କରିଥାନ୍ତି। ମହୁଲ ଗଛର ଫଳକୁ ଟୋଲ କୁହାଯାଏ । ଏହା କଞ୍ଚା ଅବସ୍ଥାରେ ତରକାରୀ ଭାବେ ବ୍ୟବହାର କରାଯାଏ। ଜୁନ ବେଳକୁ ଟୋଲ ପାଚେ। ସେଥିରୁ ବଡବଡ ମଞ୍ଜି ବାହାରେ। ମଞ୍ଜିଗୁଡିକ ଫାଳ କରି ଖରାରେ ଶୁଖାଇ ତଥା ଘଣାରେ ପେଡି ତେଲ ବାହାର କରାଯାଏ। ଏହି ତେଲ ବେଶ ସୁସ୍ୱାଦୁ ଓ ରନ୍ଧନ ଉପଯୋଗୀ ହୋଇଥାଏ। ପିଡିଆକୁ ଗୋଖାଦ୍ୟ ଓ ଜାଳେଣି ଭାବେ ବ୍ୟବହାର କରାଯାଏ । ଗ୍ରାମାଞ୍ଚଳର ତୃଣମୂଳ ସ୍ତରରେ ଅର୍ଥନୈତିକ ପୁଞ୍ଜି ପାଇଁ ମହୁଲର ଭୂମିକା ସ୍ୱତନ୍ତ୍ର। ମହୁଲରୁ କମ୍ ଆୟ ହେଉଥିଲେ ମଧ୍ୟ ଏହା ପରିବାର ପୋଷଣରେ ସହାୟକ ହୋଇଥାଏ । ଯଦି ଜଣକ ବାଡିରେ ଚାରି ପାଞ୍ଚଟା ମହୁଲ ଗଛ ଥାଏ ତେବେ ସେ ଆଦିବାସୀ ଗାଁର ଜଣେ ସ୍ୱଚ୍ଛଳ ବ୍ୟକ୍ତି ବୋଲି ବିବେଚିତ ହୁଏ।





ରାଜ୍ୟର ସମୁଦାୟ ଆୟରେ ଏକ ବଡ ଯୋଗଦାନ ରହିଛି ମହୁଲର। ଏହା ସରକାରଙ୍କ ରାଜସ୍ୱ ବୃଦ୍ଧିର ମୁଖ୍ୟ ସ୍ରୋତ। ମହୁଲି ମଦ ବିକ୍ରୟ କରି ସରକାର ବହୁତ ଲାଭବାନ ହୋଇଥାନ୍ତି। ମହୁଲ ସଂଗ୍ରହକାରୀଙ୍କ ଶ୍ରମ ଓ ଦାନ ଏଥିରେ ଥାଏ। ତେବେ ରାଜ୍ୟର ଏକ ପ୍ରମୁଖ ଲଘୁବନଜାତ ଦ୍ରବ୍ୟ ଭାବେ ଜଣାଶୁଣା ମହୁଲ ଏବେ ଅଭାବ ବିକ୍ରି ସମସ୍ୟାରେ ସମ୍ମୁଖୀନ ହେଉଛି । ମହୁଲ ପାଇଁ ସ୍ୱତନ୍ତ୍ର ବଜାର କି ମଣ୍ଡିର ବ୍ୟବସ୍ଥା ନଥିବା ବେଳେ ସରକାର ବି ଏହାର ମୂଲ୍ୟ ଧାର୍ଯ୍ୟ କରୁନଥିବାରୁ ଅଭାବୀ ବିକ୍ରି ସୃଷ୍ଟି ହୋଇଥାଏ। ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ୭୨ଟି ଲଘୁ ବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି । ଏହି ୭୨ଟି ଲଘୁବନଜାତ ମଧ୍ୟରେ ମହୁଲ ମଧ୍ୟ ସାମିଲ ହୋଇଛି । ରାଜ୍ୟ ସରକାର ୨୦୦୨ ମସିହାରେ ମହୁଲ ବ୍ୟବସାୟର ନିୟନ୍ତ୍ରଣ ଜଙ୍ଗଲ ବିଭାଗରୁ କାଢି ଆଣି ପଞ୍ଚାୟତମାନଙ୍କୁ ଅର୍ପଣ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିରେ ସାମିଲ କରିଛନ୍ତି। ୬୮ଟି ବନ୍ୟଜାତ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ଦାୟୀତ୍ୱ ପଞ୍ଚାୟତମାନଙ୍କୁ ହସ୍ତାନ୍ତର କରାଯାଇଛି। ସାଧାରଣତଃ ଲଘୁ ବନଜାତ ଦ୍ରବ୍ୟ ବିକ୍ରୟ ତିନି ପ୍ରକାରରେ ହୋଇଥାଏ। ଯିଏ ଏହା କିଣିବାକୁ ଚାହିଁବ ସେ ଗ୍ରାମ ପଞ୍ଚାୟତରେ ପ୍ରତ୍ୟେକ ଦ୍ରବ୍ୟ ପାଇଁ ୧୦୦ ଟଙ୍କା ଦେଇ ରସିଦ କାଟିବ ଓ ଗୋଟିଏ ଋତୁ ପାଇଁ ଲୋକଙ୍କ ଠାରୁ ସିଧାସଳଖ କିଣି ପାରିବ । ମହୁଲ ଫୁଲ କେଜି ପ୍ରତି ସରକାରଙ୍କର ନିର୍ଦ୍ଧିଷ୍ଟ ସର୍ବନିମ୍ନ ମୂଲ୍ୟ ନଥିବାରୁ ଏହା ପଞ୍ଚାୟତ ଦ୍ୱାରା ପ୍ରତ୍ୟେକ ବର୍ଷ ନିର୍ଦ୍ଧାରଣ ହୋଇଥାଏ। ଫଳରେ ପ୍ରତ୍ୟେକ ବର୍ଷ ପଞ୍ଚାୟତର ଅବହେଳା ଓ ମନମାନି ଯୋଗୁଁ ସଂଗ୍ରହକାରୀ ଧାର୍ଯ୍ୟ ଦରରେ ମହୁଲ ବିକ୍ରୟ କରିନପାରି ଶାଗମାଛ ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହୋଇଥାନ୍ତି । ମହୁଲ ବିକ୍ରି ପାଇଁ ବଜାର ବ୍ୟବସ୍ଥା ନଥିବାରୁ ମହୁଲ ସଂଗ୍ରହକାରୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଶେଷରେ ବାଧ୍ୟ ହୋଇ ଅତି କମ୍ ଦରରେ ଦଲାଲଙ୍କ ହାତରେ ମହୁଲକୁ ଟେକି ଦେଇଥାନ୍ତି। ସରକାର ଧାନ ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା କରି ଛାଷୀଙ୍କ ଆର୍ଥିକ ସ୍ଥିତିକୁ ସବଳ କରିଛନ୍ତି। ସେହିପରି କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଫଡିର ବ୍ୟବସ୍ଥା କରିଛନ୍ତି । କିନ୍ତୁ ମହୁଲ କ୍ରୟ ପାଇଁ ମଣ୍ଡିର ବ୍ୟବସ୍ଥା ନାହିଁ । ଓଡିଶାରୁ ପ୍ରତିବର୍ଷ ୨୦ ହଜାର କ୍ୱିଣ୍ଟାଲ ମହୁଲ ସଂଗ୍ରହ କରାଯାଇ ବିକ୍ରି ହେଉଥିବା ବେଳେ ସଂଗ୍ରହକାରୀମାନେ ୨୫ ରୁ ୩୦ ଟଙ୍କା ପାଉଛନ୍ତି। ଖାଦ୍ୟ ନିରାପତ୍ତା ତାଲିକାରେ ମହୁଲ ସ୍ଥାନ ପାଇଛି। ମହୁଲରୁ ପାରମ୍ପରିକ ଖାଦ୍ୟ ତିଆରି କରାଯାଉଛି। ମଣ୍ଡି ମାଧ୍ୟମରେ ମହୁଲ ସଂଗ୍ରହ କରାଯାଇ ଏହାର ବଜାର ପ୍ରବେଶ କରାଗଲେ ସଂଗ୍ରହକାରୀମାନେ ଠିକ୍ ମୂଲ୍ୟ ପାଇପାରନ୍ତେ।

*ଦୂରଭାଷ : ୯୪୩୭୭୨୯୩୮୪*








# କ୍ଷମା ପାଇବେ କି ଦାରା ସିଂହ !

**ଜନମତ**

ଗ୍ରାହମ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ ଦଣ୍ଡାଦେଶ କାଟୁଥିବା ଦାରା ସିଂହ ନିଜର ମୁକ୍ତି ପାଇଁ ଶେଷ ପ୍ରୟାସ ଆରମ୍ଭ କରିଛନ୍ତି। ଜେଲରୁ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଏକ ମର୍ସି ପିଟିସନ ଦାଖଲ କରିଛନ୍ତି ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲ। ଏଥିସହିତ ରାଷ୍ଟ୍ରପତିଙ୍କ ନିକଟରେ ବି ଦୟା ଆବେଦନ କରାଯାଇଛି। ୨୩ ଜାନୁଆରୀ ୧୯୯୯ରେ ହୋଇଥିବା ଏହି ହତ୍ୟାକାଣ୍ଡ ମାମଲାରେ ଦାରା ସିଂହଙ୍କୁ ସେତେବେଳେ ଗିରଫ କରିଥିଲେ ତତ୍କାଳୀନ ମୟୂରଭଞ୍ଜ ଏସପି ତଥା ବର୍ତ୍ତମାନର ଡିଜିପି ୱାଇ ବି ଖୁରାନିଆ। ଯେଉଁ ସମୟରେ ସୁପ୍ରିମକୋର୍ଟ ଓଡିଶା ସରକାରଙ୍କ ମତାମତ ଲୋଡିଛନ୍ତି, ଯେଉଁ ସମୟରେ ଖୁରାନିଆ ଡିଜିପି ଥିବାରୁ ସରକାରଙ୍କ ମତାମତ ଉପରେ ସମସ୍ତଙ୍କ ନଜର ରହିଛି। ଗ୍ରାହମ ଷ୍ଟେନ୍ସ ପୋଡି



ମାମଲାରେ କାରାଦଣ୍ଡ ଭୋଗୁଥିବା ଦାରା ସିଂହ ଦୀର୍ଘବର୍ଷ କାରାବାସ ଭୋଗି ସାରିଲେଣି। ନିୟମ ଅନୁଯାୟୀ ମର୍ସି ପିଟିସନ ଓ ଦୟା ଆବେଦନ କରାଯାଇଛି। ୨୦୨୩ରେ ସ୍ୱତନ୍ତ୍ର ଲିଭ ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଦାରା ସିଂହ ୨୪ ବର୍ଷରୁ ଅଧିକ ଜେଲରେ ରହିଲେଣି। ଏଥିରେ ରାଜୀବ ଗାନ୍ଧୀ ହତ୍ୟାକାରୀଙ୍କୁ ମିଳିଥିବା ଆଶ୍ୱସ୍ତିକୁ ଉଦାହରଣ ଭାବେ ନିଆଯାଇଛି। ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଦାରାଙ୍କୁ ଜେଲରୁ ମୁକ୍ତି ମିଳିବା ଉଚିତ କି ନୁହେଁ ତାହାରି ଉପରେ ଏ ସଂଖ୍ୟାର 'ଜନମତ'।

### *ଭାଗବତ ପରିଡା, ସମାଜସେବୀ*



ଅଷ୍ଟ୍ରେଲିଆ ମିଶନାରୀ ଗ୍ରାହମ ଷ୍ଟେନ୍ସ ହତ୍ୟା ଅଭିଯୋଗରେ ଗିରଫ ହୋଇ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲ ଦୀର୍ଘ ୨୪ବର୍ଷ ଧରି ଜେଲଦଣ୍ଡ ଭୋଗୁଛନ୍ତି। ସେ କାହିଁକି ଗ୍ରାହମ ଷ୍ଟେନ୍ସଙ୍କୁ ହତ୍ୟା କରିଥିଲେ ? ଗ୍ରାହମ ଷ୍ଟେନ୍ସ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ କ'ଣ ପାଇଁ ଆସି ରହୁଥିଲେ ? ସେ ସେବା କରୁଥିଲେ ନାଁ ନିରୀହ ଆଦିବାସୀ ମାନଙ୍କୁ ଧର୍ମାନ୍ତରୀକରଣ କରି ଇସାଇ ସମ୍ପ୍ରଦାୟରେ ସାମିଲ କରୁଥିଲେ ? ଏ ଗୋଟିଏ ବଡ଼ ପ୍ରଶ୍ନ। କୁହାଯାଏ ଆଜୀବନ କାରାଦଣ୍ଡ ମାନେ ୧୫ବର୍ଷ ଜେଲଦଣ୍ଡ, କିନ୍ତୁ ତତ୍କାଳୀନ ରାଜ୍ୟ ବିଜେଡି ସରକାର ୧୫ ବର୍ଷ ପରେ କାହିଁକି ଜେଲରୁ ମୁକ୍ତ କଲେ ନାହିଁ ? ଏ ମଧ୍ୟ ପ୍ରଶ୍ନ ଉଠେ। ରାଜ୍ୟ ବିଜେଡି ସରକାର ଯେହେତୁ ସେକୁଲାରୀଜିମର ପୂଜାରୀ ସେଥିପାଇଁ ଇସାଇ ତୁଷ୍ଟିକରଣକୁ ଆଖି ଆଗରେ ରଖି ଜେଲରୁ ମୁକ୍ତ କରି ନ ଥିଲେ। ବିଜେଡ଼ିର ରାଜନୈତିକ ରଥ ତୁଷ୍ଟିକରଣ ଉପରେ ଆଧାରିତ। ଗ୍ରାହମ ଷ୍ଟେନ୍ସ ହତ୍ୟା ମାମଲାରେ ଆରୋପୀ ଦାରା ସିଂହଙ୍କୁ ଧରି ପକାଇଲେ କିନ୍ତୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଅଭିଯୁକ୍ତକୁ ଖୋଜି ବାହାର କରି ପାରିଲେ ନାହିଁ। ଏ ଦୁଇଟି ଘଟଣାକୁ ଅନୁଧ୍ୟାନ କଲେ ଜଣା ଯାଉଛି କେଉଁଠି ନାଁ କେଉଁଠି ଭୋଟ ବ୍ୟାଙ୍କ ପାଇଁ ତତ୍କାଳୀନ ବିଜେଡି ସରକାର ଇସାଇ ସମ୍ପ୍ରଦାୟକୁ ଖୁସି କରେଇବା ପାଇଁ ଜଣକୁ ଜେଲଦଣ୍ଡ ଅନ୍ୟ ଜଣକ ହତ୍ୟା ମାମଲାରେ ଅଭିଯୁକ୍ତକୁ ନ ଖୋଜିବା ନିଶ୍ଚିତ ଭାବେ ଗୂଢ଼ ରହସ୍ୟ ଭରି ରହିଛି। ୨୦୨୩ରେ ସୁପ୍ରିମକୋର୍ଟ ଦାରା ସିଂହଙ୍କ ଲିଭ ପିଟିସନକୁ ଅଗ୍ରାହ୍ୟ କରିଥିଲେ। ସୁପ୍ରିମକୋର୍ଟର ଚରିତ୍ର ତିସ୍ତା ଶୀତଳ ୱାଡ଼କୁ ଜାମିନ ପ୍ରଦାନ କରି ପ୍ରମାଣ କରି ଦେଇଛନ୍ତି ଆଇନ କେମିତି କିଣା ବିକା ହୁଏ। ସେ ଯାହା ହେଉ ଦାରା ସିଂହଙ୍କୁ ଜେଲରୁ ମୁକ୍ତ କରିବା ପାଇଁ ବର୍ତ୍ତମାନ ବିଜେପି ସରକାର ଚେଷ୍ଟା କରିବେ। ସେତେବେଳେ କେଉଁଝର ଜିଲ୍ଲାପାଳ ୱାଇ ବି ଖୁରାନିଆ ଦାରା ସିଂହଙ୍କୁ ଗିରଫ କରିଥିଲେ କିନ୍ତୁ ଏବେ ଡିଜିପି ହୋଇ ଜେଲରୁ ମୁକ୍ତ ପାଇଁ ସହମତି ପ୍ରକାଶ କରିବେ, କାରଣ ରାଜ୍ୟ ସରକାରଙ୍କ ଅଧୀନରେ ଥିବାରୁ ସରକାରଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ପାରିବେ ନାହିଁ। ଦାରା ସିଂହ ମୁକ୍ତି ପାଇବା ପରେ ଅନେକ ରହସ୍ୟ ଉନ୍ମୋଚନ କରିବେ ଯାହା ବିଜେଡ଼ିର ଚରିତ୍ରକୁ ଉଜାଗର କରିପାରେ।

### *ଦିଲୀପ କୁମାର ଦାସ*
*ପୂର୍ବତନ ଆରକ୍ଷୀ ଅଧିକାରୀ ଓ ଅଧିବକ୍ତା*
*ଉଚ୍ଚ ନ୍ୟାୟାଳୟ, ଓଡିଶା*



ଦାରା ସିଂହ, ଭାରତୀୟ ନ୍ୟାୟ ସଂହିତା ଅନୁସାରେ, ହତ୍ୟା ଅପରାଧରେ ଯେତିକି ବର୍ଷ ଦଣ୍ଡ ଭୋଗିବା କଥା, ତାହାଠାରୁ ଯଥେଷ୍ଟ ଅଧିକ ବର୍ଷ, ଦଣ୍ଡ ଭୋଗୀ ସାରିଲେଣି। ରାଜୀବ ଗାନ୍ଧୀ ହତ୍ୟାକାଣ୍ଡରେ ସାମିଲ ଥିବା, ସମସ୍ତ ଅପରାଧି, ଜେଲରୁ ମୁକ୍ତ ହୋଇସାରିଥିବା ବେଳେ, ଦାରା ସିଂହ ମଧ୍ୟ ମୁକ୍ତିଲାଭ କରିବା ଉଚିତ। ସେ ପ୍ରାୟ ଚବିଶ ବର୍ଷ ଧରି ଜେଲ ଦଣ୍ଡ ଭୋଗି ସାରିଲେଣି, ଉକ୍ତ ସମୟ ସିମା ମଧ୍ୟରେ, ଜେଲରେ ତାଙ୍କର, ଚାଲି ଚଳଣ, ବ୍ୟବହାର ଓ ଚରିତ୍ର, ନିୟମ ଅନୁସାରେ ବିଚାରକୁ ନିଆଯିବ ଉଚିତ। ବର୍ତ୍ତମାନ ପରିପେକ୍ଷିରେ, ତାଙ୍କୁ ଜେଲରୁ ମୁକ୍ତ କରିବା ଉଚିତ୍ ହେବ।

### *ଦେବେନ୍ଦ୍ର ଶତପଥି*
*ଅବସରପ୍ରାପ୍ତ ଓ.ପ୍ର.ସେ.*



ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱଧର୍ମ (ସନାତନ ଧର୍ମ)କୁ ସୁରକ୍ଷା ଦେବା ପାଇଁ ନିଜ ଜୀବନକୁ ବାଜି ଲଗାଇଥିବା ଦେଶ ଭକ୍ତ ଦାରା ସିଂହ ଓରଫ ରବିନ୍ଦ୍ର ପାଲଙ୍କ ପ୍ରତି ପ୍ରଚଳିତ ଆଇନର କ୍ରୁର ଦଣ୍ଡରେ ଆଜୀବନ କାରାଦଣ୍ଡାଦେଶ ନ୍ୟାୟିକ ବ୍ୟବସ୍ଥାର ପରିପନ୍ଥି ହେଇପାରେ। ମାତ୍ର ମାନବିକ ଅଧିକାର ତଥା ଦେଶାତ୍ମକ ବୋଧକତା ପ୍ରତି ଏପରି ଦଣ୍ଡାଦେଶ କୁପରଘାତ କରିଛି, ଯାହା ପ୍ରତ୍ୟେକ ସନାତନୀଙ୍କୁ ମ୍ରୀୟମାଣ କରିଛି। ଦୀର୍ଘ ୨୪ ବର୍ଷ କାରାବରଣ କରିସାରିବା ପରେ ଏଭଳି ଜଣେ ଦେଶଭକ୍ତଙ୍କୁ ମହାମହିମ ରାଷ୍ଟ୍ରପତି କ୍ଷମା ପ୍ରଦାନ କରି ଦେଶର ନ୍ୟାୟିକ ବ୍ୟବସ୍ଥା ପ୍ରତି ନାଗରିକଙ୍କ ଆସ୍ଥାଭାଜନ କରାଇବା ସହିତ ଏକ ଐତିହାସିକ ଆଦେଶ ଦେବା ଉଚିତ।

### *ଦୀପକ କୁମାର କର, ଆଇନଜୀବୀ*



ଦାରା ସିଂହ ଯେତେଦିନ ଯାଏ ଜେଲରେ ଥିବେ ସେତେଦିନ ଯାଏ ଭାରତରେ ଗଣତନ୍ତ୍ର ଉପରେ ନ୍ୟାୟାଳୟର ଅତ୍ୟାଚାର ଓ ଇଂରେଜି ଶାସନର ପ୍ରଭାବ ପ୍ରମାଣିତ ହେଉଥିବ। ବର୍ତ୍ତମାନ ପର୍ଯ୍ୟନ୍ତ ଭଗବତ ସିଂ, ସୁଖଦେବ, ସୁଭାସ ବୋଷଙ୍କୁ ଭାରତର ନ୍ୟାୟାଳୟ ଉଚିତ ମର୍ଯ୍ୟାଦା ଦେବାରେ ଅସମର୍ଥ ହୋଇଆସୁଅଛି। ସମାଜ ଭିତରେ ବିଦେଶୀ ଧର୍ମାନ୍ଧ, ଚକ୍ରାନ୍ତକାରୀଙ୍କ ଉତ୍ପୀଡନକୁ ଆମର ପ୍ରଚଳିତ ହିନ ରାଜନୈତିକ ପୃଷ୍ଠପୋଷକତା ଯୋଗୁଁ ଏବଂ ସମ୍ବିଧାନର ଭୂଲ ବ୍ୟବସ୍ଥା ଯୋଗୁଁ (ଅଳ୍ପସଂକ୍ଷକ ମାନେ ସେମାନଙ୍କ ଧର୍ମର ପ୍ରଚାର ପ୍ରସାର କରିପାରିବେ) ନିରିହ, ଅଶିକ୍ଷିତ, ସରଳ, ପ୍ରତିକ୍ରିୟାହୀନ ଆଦିବାସୀଙ୍କୁ ଜୋର ଜବରଦସ୍ତ ସେମାନଙ୍କ ମାନ୍ୟତାକୁ ପୁଜାପଦ୍ଧତିକୁ ତାଛଲ୍ୟ କରି ବିଭିନ୍ନ ପ୍ରକାର ମ୍ୟାଜିକ ଦେଖେଇ, ପ୍ରଲୋଭନ ଦେଇ ଏବଂ ସେମାନଙ୍କ ଝିଅବୋହୂଙ୍କ ଶାରୀରିକ ଶୋଷଣ କରି ଧର୍ମାନ୍ତକରଣ କରୁଥିବା ଗ୍ରାହମ ଷ୍ଟେନଙ୍କୁ ପ୍ରଶାସନର ପ୍ରୋତ୍ସାହନ ମିଳିବାରୁ ସ୍ୱାଭିମାନୀ ଦାରା ସିଂହ ମହଶାୟ ଓ ତାଙ୍କ ସାଥିମାନଙ୍କୁ ମିଛ କେଶରେ ଫସାଇ ଅନ୍ୟାୟ ଭାବରେ ଜେଲ୍‌ରେ ରଖିବା ସମସ୍ତ ମାନବବାଦୀଙ୍କ ମାନସିକତା ଉପରେ ପ୍ରଶ୍ନଚିହ୍ନ ? ଏଣୁ ଦାରା ସିଂହଙ୍କୁ ଦୟା ନୁହେଁ ନ୍ୟାୟ କରାଯାଉ ତୁରନ୍ତ ମୁକ୍ତକରୀ ଗଣତନ୍ତ୍ରକୁ ସମ୍ମାନ ମିଳୁ।

### *ଅକ୍ଷୟ କୁମାର ଦାସ, ଆଇନଜୀବୀ*



ଗ୍ରାହାମ ଷ୍ଟେନ୍ସ ଓ ତାର ପିଲା ମାନଙ୍କୁ ଜିଅନ୍ତା ଜଳାଇଦବା ଏକ ଜଘନ୍ୟ ଅପରାଧ। ଯେତେ ଦିନ ଗଡ଼ିଗଲେ ବି ଲୋକଲୋଚନରୁ ନିଭେଇ ହେଉନି ଏ ଘଟଣା। ଧର୍ମ ବିରୋଧୀ ମତଭେଦରୁ ଏତେ ବଡ଼ ଜଘନ୍ୟ ହତ୍ୟାକାଣ୍ଡ କରିଥିବା ଦାରା ସିଂର ମୁକ୍ତି ୨୪ବର୍ଷ କାରାଦଣ୍ଡ ପରେ ଜମାରୁ ଗ୍ରହଣୀୟ ନୁହେଁ। ଦଣ୍ଡ ଅଧିକରୁ ଅଧିକ ମାରାତ୍ମକ ହେବା ଜରୁରୀ। ଯାହାଦ୍ୱାରା କି ଏପରି କାଣ୍ଡ ଘଟେଇବାକୁ ଭବିଷ୍ୟତରେ କିଏ ଚିନ୍ତା କରିବେ ନାହିଁ। ମୋ ମତରେ ମହାମହିମ ତାର କ୍ଷମା ଆବେଦନକୁ ଗ୍ରହଣ ନ କରି ଆହୁରି ଅଧିକରୁ ଅଧିକ ଦଣ୍ଡ ସ୍ୱରୂପ ତୁରନ୍ତ ଫାଶୀ ଦବାକୁ ନିର୍ଦ୍ଦେଶ ଜାରି କରନ୍ତୁ।

### *ଜୟନ୍ତ କୁମାର ମିଶ୍ର, ଅଧିବକ୍ତା, କୋରାପୁଟ*



ଦାରା ସିଂହର ସର୍ବୋଚ୍ଚ ନ୍ୟାୟାଳୟରେ କ୍ଷମା ପ୍ରାର୍ଥନା ବା' ମହାମହିମ ରାଷ୍ଟ୍ରପତିଙ୍କ ନିକଟରେ ମୁକ୍ତି ପାଇବା ପାଇଁ ନିବେଦନ ଅଗ୍ରାହ୍ୟ ହେବା ଆବଶ୍ୟକ। କ୍ଷମା ପ୍ରାପ୍ତି ନିମନ୍ତେ ଆବେଦନ ଆଇନ ଅନୁଯାୟୀ ଅନୁମୋଦିତ ଯାହା ସେ କରିଛି। ସର୍ବୋଚ୍ଚ ନ୍ୟାୟାଳୟ ଏବଂ ମହାମହିମ ରାଷ୍ଟ୍ରପତି ଆବେଦନକୁ ଅଗ୍ରାହ୍ୟ କରିବା କିମ୍ବା ଅନୁମୋଦନ କରିବା ଭିନ୍ନ କଥା କିନ୍ତୁ ଦାରା ସିଂହକୁ ଦୟା କରିବା ବା' ମୁକ୍ତି ଦେବା ଅନ୍ୟାୟ ହେବ। ଦେଶ ବିରୁଦ୍ଧ କାର୍ଯ୍ୟ ଦଣ୍ଡନୀୟ। ତେଣୁ ତାକୁ ମୁକ୍ତି ଦେବା ଦେଶ ବିରୁଦ୍ଧରେ ଅସ୍ତ୍ର ଧରିବା ସହିତ ସମାନ।

Under article 72 of the Constitution of India the President can grant pardon and suspend, remit or commute a sentence of death with the advice of the Council of Ministers.

### *କୈଳାସ ବେହେରା, ସାମ୍ବାଦିକ*



ହଁ, ପାଇବା ଉଚିତ୍। ଏମିତି ବହୁ କେଶ୍ ପେଣ୍ଡିଂ ଅଛି, ବହୁତ୍ ଲୋକ ଦୋଷୀ କିମ୍ବା ନିର୍ଦ୍ଦୋଷ ଜେଲ୍ ଚାରିକାନ୍ଥ ମଧ୍ୟରେ ରହି କଷ୍ଟ ପାଉଛନ୍ତି। କୋର୍ଟର ଜଜ୍ ମାନେ ନିୟମ ଜାଣି ନ' ଜାଣିଲା ପରି ଶୁଣାଣୀ କରି ଲିଙ୍ଗେରିଂ କରୁଛନ୍ତି। କେତେ ଦୋଷୀ ଦୋଷ କରି ଖସି ଯାଉଛନ୍ତି, କେତେ ନିର୍ଦ୍ଦୋଷ ଖସି ଯାଉଛନ୍ତି। ତଥାପି କ'ଣ ଦାରାଙ୍କ ସଜା ସରୁନି ? ହେଉ ଏବେ କିଛି କୋହଳ କରି ମୁକ୍ତ କରାଯାଉ !






### *ଶିବାଶୀଷ ମହାପାତ୍ର, ଆଇନଜୀବୀ*



ହଁ କ୍ଷମା ଦିଆଯାଉ ! ଉଚିତ୍ ଅନୁଚିତ୍ ତର୍କୁ ନ ଯାଇ ତାଙ୍କୁ କ୍ଷମା ଦେବା ସପକ୍ଷରେ ମୁଁ। ଗ୍ରାହମ ଷ୍ଟେନ୍ସ ଓ ତାଙ୍କର କୋମଳମତି ଦୁଇ ଶିଶୁପୁତ୍ରଙ୍କୁ ଅତି ନିଷ୍ଠୁର ଭାବେ ପୋଡ଼ି ମାରିଥିବା ଅପରାଧ ଯଦିଓ ଅତି ଜଘନ୍ୟ, ମାତ୍ର ଦୀର୍ଘ ପଚିଶ୍ ବର୍ଷରୁ ଉର୍ଦ୍ଧ୍ୱ ଜେଲର ଲାଲ କୋଠରୀ ଭିତରେ ରହି ସିଏ ନିଶ୍ଚୟ ଖୁବ୍ ଯନ୍ତ୍ରଣା ପାଇ ସାରିବେଣି। ଆଉ କେତୁଟା ବର୍ଷ ଅବା ବଞ୍ଚିବେ ! ଯୌବନ ବେଳର ଏହି ଭୁଲ୍ ପାଇଁ ଯଥେଷ୍ଟ ଦଣ୍ଡ ପାଇ ସାରିଲେଣି ! ତାଙ୍କୁ ମୁକ୍ତି ଦିଆଯାଉ ମାତ୍ର ଗୋଟିଏ ସର୍ତ୍ତରେ : କୌଣସି ପ୍ରକାର ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଅପରାଧ କରିବା କି ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଧାର୍ମିକ ଭାବନାକୁ ଆଘାତ ପହଞ୍ଚେଇବା ଭଳି କିଛି କର୍ମ କରିବାରୁ ନିବୃତ୍ତ ରହିବେ। ଭାରତ ଏକ ଶାନ୍ତି ପ୍ରିୟ ଦେଶ, ଏ ଦେଶର ସମସ୍ତ ନାଗରିକ ଯେ କୌଣସି ଧର୍ମର ହୁଅନ୍ତୁ ନା କାହିଁକି ପରସ୍ପର ଭାଇଚାରା ରଖି ଆନନ୍ଦରେ ଜୀବନ ଅତିବାହିତ କରନ୍ତୁ ! କେହି କାହାର ଧର୍ମକୁ ଆଳ କରି ସମାଜରେ ହିଂସାକୁ ପ୍ରଶୟ ନ ଦିଅନ୍ତୁ ! ସହଜେ ତ ଆମେ ହିନ୍ଦୁ ମୁସଲମାନ ଖେଳରେ ବର୍ବାଦ ହେଇ ସାରିଲେଣି, ଆମ ବଜେଟର ସିଂହ ଭାଗ ପ୍ରତିରକ୍ଷା ଦିଗରେ ଖର୍ଚ୍ଚ ହୁଏ ! ଏମିତି ନ ହେଉ ହିନ୍ଦୁ ମୁସଲମାନ ବିଭେଦ ପରେ ପୁଣି ଆଉ ଗୋଟେ ନୂଆ ହିନ୍ଦୁ ଖ୍ରୀଷ୍ଟିୟାନ ଅଧ୍ୟାୟ ସୃଷ୍ଟି ହଉ ! ଶେଷରେ ଏତିକି ମୋ ମତ ରଖିବି 'ଦଣ୍ଡିବା ଶକ୍ତି ଯା'ର ଥାଇ, ସେ ପୁଣି କ୍ଷମା ଆଚରଇ ଉକ୍ତିରେ ଦୀର୍ଘ ପଚିଶ୍ ବର୍ଷରୁ ଉର୍ଦ୍ଧ୍ୱ ଜେଲଦଣ୍ଡ ଭୋଗି ସାରିଲା ପରେ ଦାରା ସିଂଙ୍କୁ କ୍ଷମା ଦିଆଯାଉ' !

### *ଚିତ୍ତରଞ୍ଜନ ସାମନ୍ତ*
*ପୂର୍ବତନ ଆରକ୍ଷୀ ଅଧିକାରୀ*



ପ୍ରତିବଦ୍ଧତାର ସହ ସନାତନ ଧର୍ମର ସୁରକ୍ଷା ପାଇଁ ଯିଏ ନିଜ ଜୀବନ ତ୍ୟାଗ କରିଥିଲେ, ତାଙ୍କୁ ଦୟାରେ ନୁହେଁ ବରଂ ସମ୍ମାନ ସହ ମୁକ୍ତି ମିଳିବା ଉଚିତ।

### *ପ୍ରତ୍ୟୁଷ ପିୟୁଷ ମହାନ୍ତି, ସାମ୍ବାଦିକ*

ଆମ ଦେଶରେ ରାଜକ୍ଷମାର ବ୍ୟବସ୍ଥା ରହିଥିଲା ବେଳେ ଦାରା ସିଂହଙ୍କ ମାମଲାରେ ଏହା ବିଳମ୍ବ ହୋଇଥିବା ଜଣାପଡିଛି। କାରଣ ଜେଲରେ ରହିବା ଭିତରେ ଦାରା ସିଂହଙ୍କ ଆଚରଣ ଓ ଉଚ୍ଚାରଣରେ କୌଣସି ତ୍ରୁଟି ନଥିବା ସୂଚନା ମିଳୁଛି। ତେଣୁ ଜଣେ ବ୍ୟକ୍ତି ନିଜ ଜୀବନର ୨୪ ବର୍ଷ ବନ୍ଦୀ ଜୀବନ କାଟିବା ପରେ ମାନବିକତା ଆଧାରରେ ତାଙ୍କୁ ରାଜକ୍ଷମା ପ୍ରଦାନ କରାଯିବା ଉଚିତ।






# ଦାରା ସିଂହଙ୍କ ମୁକ୍ତି ପାଇଁ ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ଼କୁ ପ୍ରସ୍ତାବ ପଠାଇଲା ଜେଲ୍ ବିଭାଗ

**ଭୁବନେଶ୍ୱର :** ଜେଲରୁ ମୁକୁଳିବେ ଦାରା ସିଂ ! ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡକୁ ପ୍ରସ୍ତାବ ପଠାଇଲା ଜେଲ ବିଭାଗ। ରାଜ୍ୟର ସମସ୍ତ ଜେଲରେ ଆଜୀବନ ସଜା କାଟୁଥିବା ୮୫ ଜଣ କଏଦୀଙ୍କ ତାଲିକା ପଠା ଯାଇଛି। ଯେଉଁଥିରେ ଦାରା ସିଂଙ୍କ ନାଁ ରହିଛି। କେଉଁଝର ଜିଲ୍ଲା ମନୋହରପୁରରେ ୧୯୯୯ରେ ଗ୍ରାହମ ଷ୍ଟେନ୍ ଓ ଦୁଇ ପୁଅଙ୍କୁ ପୋଡ଼ି କରାଯାଇଥିଲା ହତ୍ୟା। ଦୋଷୀ ଭାବେ ଦାରା ସିଂ ଓ ମହେନ୍ଦ୍ର ହେମ୍ବ୍ରମଙ୍କୁ ମିଳିଥିଲା ଆଜୀବନ ସଜା। ଜେଲ ଜିଡିଙ୍କ ସୂଚନା ଅନୁଯାୟୀ ଏବେ ଦାରା ସିଂଙ୍କ ଜେଲରୁ ଖଲାସ ହେବାର ରାସ୍ତା ଏକପ୍ରକାର ସଫା। କାରଣ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଅପରାଧ ଯେତେ ଜଘନ୍ୟ ହୋଇଥିଲେ ବି ୨୫ ବର୍ଷ ଜେଲ ସଜା କାଟିବା ପରେ ତାଙ୍କ ନାଁ ଦଣ୍ଡ ସମୀକ୍ଷା ବୋର୍ଡକୁ ପଠାଯାଇପାରିବ। ଏବେ ସେହି ଆଧାରରେ ୮୫ କଏଦୀଙ୍କ ତାଲିକା ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡକୁ ପଠାଇଛି ଜେଲ ବିଭାଗ। ସେଥିରେ ଦାରା ସିଂଙ୍କ ନାଁ ବି ରହିଛି। ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହମ ଷ୍ଟେନ୍ ଓ ଦୁଇ ପୁଅଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଗତ ୨୫ ବର୍ଷ ହେବ କେନ୍ଦୁଝର ଜେଲରେ ଆଜୀବନ ସଜା କାଟୁଛନ୍ତି ଦାରା ସିଂ। ନିକଟରେ ଏହି ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗିଥିବା ଅନ୍ୟତମ ଦୋଷୀ ମହେନ୍ଦ୍ର ହେମ୍ବ୍ରମଙ୍କୁ ମୁକ୍ତ କରାଯାଇଥିଲା। ତେବେ ବେଆଇନ୍ ଧର୍ମାନ୍ତରୀକରଣ ଓ ଗୋହତ୍ୟାକୁ ବିରୋଧ କରୁଥିବାରୁ ସେମାନଙ୍କୁ ମିଛରେ ଫସାଇ ଦିଆଯାଇଥିଲା ବୋଲି ଜେଲରୁ ମୁକିଳିବା ପରେ କହିଥିଲେ ମହେନ୍ଦ୍ର। ୧୪ ବର୍ଷ ଜେଲ ସଜା ଭୋଗିବା ପରେ ମୁକୁଳିବା ପାଇଁ ରାଜ୍ୟପାଳ ଅନୁମତି ଦେଇଥିଲେ। କିନ୍ତୁ ସେତେବେଳେ ବିଜେଡି ସରକାର ଫାଇଲକୁ ଉଦ୍ଦେଶ୍ୟମୂଳକ ଭାବେ ଚାପି ରଖିଲେ। ଯାହା ଫଳରେ ୧୪ ବଦଳରେ ୨୫ ବର୍ଷ ଜେଲ ସଜା କାଟିବାକୁ ପଡ଼ିଲା ବୋଲି ଅଭିଯୋଗ କରିଥିଲେ ମହେନ୍ଦ୍ର। ୧୯୯୯ ଜାନୁଆରୀ ୨୧ ରାତିରେ କେନ୍ଦୁଝର ଜିଲ୍ଲା ମନୋହରପୁରରେ ଅଷ୍ଟ୍ରେଲୀୟ ମିସନାରୀ ଗ୍ରାହମ ଷ୍ଟେନ ଏବଂ ତାଙ୍କ ଦୁଇ ପୁଅ ୧୦ ବର୍ଷୀୟ ଫିଲିପ୍ ଓ ୬ ବର୍ଷୀୟ ତିମୋଥୀ ଗାଡ଼ିରେ ଶୋଇଥିବା ବେଳେ ନିଆଁ ଲଗାଇ



ଦିଆଯାଇଥିଲା। ଏଥିରେ ପୋଡ଼ି ହୋଇ ୩ ଜଣ ପ୍ରାଣ ହରାଇଥିଲେ। ଏହି ଘଟଣା ସେତେବେଳେ ସାରା ଦେଶରେ ଚହଳ ପକାଇଥିଲା। ଘଟଣାକୁ ସମସ୍ତେ ନିନ୍ଦା କରିଥିବା ବେଳେ ବେଆଇନ୍ ଧର୍ମାନ୍ତରୀକରଣକୁ ମଧ୍ୟ ବିରୋଧ କରାଯାଇଥିଲା। ଦୋଷୀଙ୍କୁ ଧରିବାକୁ ତତ୍ପରତା ଦେଖାଇଥିଲେ ତତକାଳୀନ ବିଜେଡି ସରକାର। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଦାରା ସିଂଙ୍କ ସମେତ ୨୦ରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୨୦୦୩ରେ ନିମ୍ନ ଅଦାଲତ ମୁଖ୍ୟ ଅଭିଯୁକ୍ତ ଦାରା ସିଂଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ ଏବଂ ମହେନ୍ଦ୍ର ହେମ୍ବ୍ରମଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ଦାରା ସିଂଙ୍କ ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୨୦୦୫ରେ ଓଡ଼ିଶା ହାଇକୋର୍ଟ ଦାରା ସିଂଙ୍କ ଫାଶୀ ଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ। ଆଦିବାସୀ ଇଲାକାରେ ବେଆଇନ୍ ଧର୍ମାନ୍ତରୀକରଣ ଓ ଗୋହତ୍ୟା ବିରୋଧରେ କାମ କରୁଥିବା ସାମାଜିକ କର୍ମୀମାନେ ଏବେ ଦାରା ସିଂ ଓ ମହେନ୍ଦ୍ରଙ୍କୁ ନିର୍ଦ୍ଦୋଶ ବୋଲି ଦାବି କରୁଛନ୍ତି। ଜେଲରୁ ମୁକ୍ତି ପାଇଁ ତାଙ୍କ ନାଁ ପୂର୍ବରୁ ସୁପାରିଶ କରାନଯିବା ବିରୋଧରେ ଦାରା ସିଂ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଯାହାର ଶୁଣାଣି ମେ ୫ରେ ହେବ। ରାଜ୍ୟ ସରକାର ଏନେଇ କୋର୍ଟରେ ରିପୋର୍ଟ ଦାଖଲ କରିସାରିଥିବା ବେଳେ ତାଙ୍କୁ ମଧ୍ୟ ମୁକ୍ତି ମିଳିବ ବୋଲି ତାଙ୍କ ସମର୍ଥକ ଆଶାବାଦୀ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**